ପ୍ରତିଷ୍ଠାତା - ରାମକୃଷ୍ଣ ନନ୍ଦ

ସଂସାର

ଉପଦେଷ୍ଟାମଣ୍ଡଳୀ

ଶ୍ରୀ ସହଦେବ ସାହୁ
ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ
ଇଂ ପ୍ରଭାତ କୁମାର ନନ୍ଦ

ସମ୍ପାଦିକା

ଅନସୂୟା ନନ୍ଦ

୭୦ ବର୍ଷ, ପଞ୍ଚମ ସଂଖ୍ୟା
ଡିସେମ୍ବର, ୨୦୧୯
ବାର୍ଷିକ ମୂଲ୍ୟ--୧୪୦ ଟଙ୍କା
ପ୍ରତିଖଣ୍ଡ-- ୧୬ ଟଙ୍କା

ଯୋଗାଯୋଗ
ତଳତେଲେଙ୍ଗା ବଜାର,
କଟକ-୭୫୩୦୦୯
ଦୂରଭାଷ **: ୯୮୬୧୦୬୪୮୯୧,**
୯୭୭୭୩୨୬୫୬୩,
୦୬୭୧-୨୪୨୦୦୭୫
email :
nandaanasuya@hotmail.com
www:odisha publication.com

ଅନ୍ୟାନ୍ୟ କିଛି ସଂଗୃହୀତ ଲେଖା-- ଗାନ୍ଧି ଓ କ୍ରିକେଟ- ରବୀନ୍ଦ୍ର ନାଥ ମାଝୀ, ଜଳ ବଞ୍ଚାନ୍ତୁ !

ଗଳ୍ପ ଓ ଜୀବନୀ

ସୁନା କଲମ	ପୀତାମ୍ବର ମିଶ୍ର	୫
ପିଲାଙ୍କ ଖେଳ.......	ନଗେନ୍ଦ୍ର ନାଥ ପଟ୍ଟନାୟକ	୯
ବୌଦ୍ଧଜାତକରେ ଶ୍ରୀକ୍ଷେତ୍ର	ବିଭୁତି ଭୂଷଣ ସେନାପତି	୧୧
ଧୂର୍ତ୍ତ କୋକିଶିଆଳି	ନିରଞ୍ଜନ ଦାଶ	୧୨
ସଂସ୍କାରକ ଶ୍ରଦ୍ଧାନନ୍ଦ	ରାମଚନ୍ଦ୍ର ସାହୁ	୧୫
ଅମୂଲ୍ୟଧନ	ନଟବର ସାହୁ	୧୭
ଚଇତନବାବୁ ଚେତିଲେ	କୈଳାସ ଚନ୍ଦ୍ର ସାହୁ	୨୧
ସ୍ୱାଧୀନଚେତା ଭକ୍ତ ଶିରୋମଣି	ନୃସିଂହ ପ୍ରସାଦ ମହାନ୍ତି	୨୪
ତିନି ଅତିଥି	ଗୋବିନ୍ଦ ଚନ୍ଦ୍ର ମହାରଣା	୨୬
କୁନିଝିଅ କଥା ରଖିଲେ	ରବୀନ୍ଦ୍ର କୁମାର ବେହେରା	୨୯
ଗୁରୁଦକ୍ଷିଣା	ବଂଶୀଧର ଖୁଣ୍ଟିଆ	୩୧
ପ୍ରେମ୍‌ଚାନ୍ଦ୍ ଓ ଫଟା କୋଟ୍	ସୁଧାଂଶୁ ଶେଖର ଦ୍ୱିବେଦୀ	୩୪
ଶ୍ରୀକ୍ଷେତ୍ରରେ ଶ୍ରୀରାମ	ନାରାୟଣ ଶତପଥୀ	୩୭
ମାଆର ଉପଦେଶ	ଡ. ବିଜୟ ଚନ୍ଦ୍ର ମହାରଣା	୩୯
କୋପେ ବର	କନକଲତା ପରିଡ଼ା	୪୭

କବିତା

କିମ୍ପା ଶରତକୁ ନ କଲେ ରାଜା	ମୁରଲୀଧର ମେହେର	୮
କୃତଜ୍ଞତା	ପ୍ରଫୁଲ୍ଲ କୁମାର ରାଉତ	୧୪
ଗାଞ୍ଜିଆ	ଅଚ୍ୟୁତାନନ୍ଦ ବିଶ୍ୱାଳ	୧୮
ମନର ବଳ ଅସଲ ବଳ	ନୀଳମଣି ଚାନ୍ଦ	୨୩
ପଣ ଆମେ କରିବା	ଚକ୍ରଧର ସାହୁ	୨୮
ଗାଁ ସକାଳ	ବାସୁଦେବ ଥାଟ୍ଟୋଇ	୩୦
ସିଏ କି ମଣିଷେ ଗଣା !	ନିରାକାର ଚଇନି	୩୬
ସୁଷମ ଖାଦ୍ୟ ଓ ରୋଗ	ନିରଞ୍ଜନ ସାହୁ	୩୮
ଶରତ ଋତୁର ବିଭବ	କୁଞ୍ଜବିହାରୀ ସାହୁ	୪୧
ଗପରୁ ଶିକ୍ଷା	କନକ ମଞ୍ଜରୀ ପଟ୍ଟନାୟକ	୪୫
ଟିକି ତାରା	ଡକ୍ଟର ରମେଶ ଚନ୍ଦ୍ର ପରିଡ଼ା	୪୯

ଜ୍ଞାନବିଜ୍ଞାନ

ପ୍ରାକୃତିକ ବିପର୍ଯ୍ୟୟ- ଭୂମିକମ୍ପ	ଅଜିତାନନ୍ଦ ଗୋସ୍ୱାମୀ	୩୫
କିଏ ସବୁଠାରୁ ବଡ଼	ଡା. ନିମାଇଁ ଚରଣ ପରିଜା	୪୧

ମନୋରଞ୍ଜନ

ମହାତ୍ମା କୁଇଜ	ଜ୍ୟୋତିରଂଜନ ବିଶ୍ୱାଳ	୨୦
ଲେଖନୀର ପାଠଶାଳା	ରାମକୃଷ୍ଣ ନନ୍ଦ	୧୯
ଭାବି ଦେଖନ୍ତୁ	ଅନସୂୟା ନନ୍ଦ	୪୫
ଚିତ୍ର ଓ ମଞ୍ଚ	ଡିଲେନ୍ଦ୍ର ବୋଡ଼ା	୪୯
ଶବ୍ଦଧନ୍ଦା	....	୫୨



ଆମ ଚିଠି ମୁଣିରୁ

ମଧୁସୂଦନ ନଗର, ତୁଳସୀପୁରରୁ ପ୍ରୀତିନନ୍ଦା– ଅକ୍ଟୋବରର ପତ୍ରିକା ପାଠକଲି । ବାସ୍ତବରେ ଏକ ମନୋରଞ୍ଜନଧର୍ମୀ ପତ୍ରିକା । ଏହାର ପ୍ରଚ୍ଛଦ ଚିତ୍ର ଭଲଲାଗିଲା । ଅନ୍ୟାନ୍ୟ ଲେଖା ଭଲ ଲାଗିଲେ ବି 'ମାତୃତ୍ୱର ପରୀକ୍ଷା'ଟି ଖୁବ୍ ମନଛୁଆଁ । କବିତାରେ 'ଜାଣେନା କାହିଁକି' ମଧ୍ୟ ଚମତ୍କାର । ଆରମ୍ଭରେ ବିବେକୀ ମଣିଷଙ୍କ ଜୀବନାଦର୍ଶରୁ କେତେଧାଡ଼ି ମନକୁ ଛୁଇଁଲା । ଲେଖକମାନଙ୍କୁ ଧନ୍ୟବାଦ ।

ଚମ୍ପୁଆ, କେଉଁଝରରୁ ରାସେଶ୍ୱର ମହାନ୍ତ– ଚଳିତ ସଂଖ୍ୟାରେ ୬୬ତମ ବାର୍ଷିକ ସମାରୋହ-୨୦୧୯ରେ ସମ୍ବର୍ଦ୍ଧିତ ଆଜୀବନ ପୃଷ୍ଠପୋଷକ, ଲେଖକ ଏବଂ ବିତରକଙ୍କର ସଂକ୍ଷିପ୍ତ ପରିଚୟ ପ୍ରଦାନ ବେଶ୍ ସ୍ୱାଗତଯୋଗ୍ୟ ପଦକ୍ଷେପ; ମାତ୍ର ଲେଖନୀର ପାଠଶାଳା ଓ ଭାବିଦେଖନ୍ତୁ ଭଳି ଦୁଇଟି ମୁଖ୍ୟ ବିଭାଗ ପାଠ କରିବାରୁ ବଞ୍ଚିତ ହେଲି ।

ପୁଆଣିଆ, ନୟାଗଡ଼ରୁ ରସାନନ୍ଦ ଘଡ଼େଇ–

ଦୁର୍ଗତି ନାଶିନୀ ସଙ୍କଟ ତାରିଣୀ
    ଜୟ ମା'ଲୋ ଦଶଭୁଜା,
କରୁଣା କଟାକ୍ଷେ ସଂସାରକୁ ଚାହାଁ
    ଉଡୁ କୀରତିର ଧ୍ୱଜା ।
ଅନ୍ୟାୟ, ଅନୀତି ମଞ୍ଜୁ ଦୂରହେଉ
    ବିରାଜୁ ସୁଖ ସମୃଦ୍ଧି
ସଭିଏଁ ପଢ଼ନ୍ତୁ ସଭିଏଁ ଗଢ଼ନ୍ତୁ
    ବିଦ୍ୟା ବୁଦ୍ଧି ପାଉ ବୃଦ୍ଧି ।

ଏ ମାସ ପ୍ରଚ୍ଛଦରେ 'ଶ୍ରୀକ୍ଷେତ୍ରରେ ଶ୍ରୀରାମ' ବିଷୟରୁ ଚିତ୍ର ପ୍ରଦତ୍ତ ।

ଅଭିନନ୍ଦନ

ଆମର ପରିଚିତ ଲେଖକ ଶ୍ରୀ ତପନ କୁମାର ସ୍ୱାଇଁଙ୍କୁ ଗୋପବନ୍ଧୁ ସାହିତ୍ୟ ସଂସଦ, ଗୁରୁଡ଼ିଝାଟିଆ ତରଫରୁ ତାଙ୍କର ସାହିତ୍ୟିକ କୃତି ନିମନ୍ତେ ସମ୍ବର୍ଦ୍ଧିତ କରାଯାଇଛି । ସେଥିପାଇଁ ଆମେ ଗର୍ବିତ । ତାଙ୍କର ଲେଖକୀୟ ଚଲାପଥ କୁସୁମିତ ହେଉ– ଏତିକି ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିବା ସହିତ ଅଭିନନ୍ଦନ ଜଣାଉଛୁ ।

–'ସଂସାର ପରିବାର'

ସଂସାରର ନିୟମାବଳୀ

୧। ଚିଠିପତ୍ର ବା ଟଙ୍କା ପଠାଇବାବେଳେ ଗ୍ରାହକ ନମ୍ବର ଓ ପିନ୍‌କୋର୍ଡ୍ ସହ ଠିକଣା ଲେଖିବାକୁ ବା ଫୋନ୍ ଦ୍ୱାରା ଜଣାଇବାକୁ ଅନୁରୋଧ । ଏହାଦ୍ୱାରା ସେମାନଙ୍କ ସହିତ ଯୋଗାଯୋଗ କରିବା ସହଜ ହେବ ।

୨। ବିଜ୍ଞାପନ ଓ ଏଜେନ୍‌ସି ପାଇଁ ପରିଚାଳକଙ୍କୁ ଯୋଗାଯୋଗ କରନ୍ତୁ ।

୩। ୧୦ଖଣ୍ଡରୁ କମ୍ ପତ୍ରିକା ପାଇଁ ଏଜେନ୍‌ସି ଦିଆଯାଏ ନାହିଁ ।

୪। ଏଜେଣ୍ଟମାନଙ୍କ 'ସଂସାର' ବାବାଦ ଦେୟ ୨୦ ତାରିଖ ପୂର୍ବରୁ ଆମ ପାଖରେ ପହଞ୍ଚିବା ଆବଶ୍ୟକ, ନଚେତ୍ ପତ୍ରିକା ପଠାଇବା ସମ୍ଭବ ହେବ ନାହିଁ ।

୫। ଗ୍ରାହକ ଦେୟ ପଠାଇବାକୁ ହେଲେ ମନିଅର୍ଡର କିମ୍ବା ବ୍ୟାଙ୍କରେ ସଂସାର ଆକାଉଣ୍ଟକୁ ପଠାଇପାରିବେ । ଆମ ସଂସାର ଆକାଉଣ୍ଟ ନମ୍ବର ହେଲା-- ୧୦୦୨୮୬୪୦୦୯୪, IFS Code- SBIN0007050. ଝାଞ୍ଜିରୀମଙ୍ଗଳା, କଟକ ।

ସୁନା କଲମ

ଶ୍ରୀ ପୀତାମ୍ବର ମିଶ୍ର

ଦୁଃଖିନୀ ମା'ର ଏକମାତ୍ର ପୁଅଟିଏ ଥିଲା । ତା'ର ନାମ ଗୋପାଳ । ପିଲା ଜନ୍ମହେବା ପରେ ପରେ ତାର ପିତା ସମସ୍ତଙ୍କୁ ଛାଡ଼ି ଆରପୁରକୁ ଚାଲିଯାଇଥିଲେ । ଆଖିର ଲୁହ ଆଖିରେ ମାରି ବିଧବା ମା'ଟି ଜନ୍ମିତ ପୁଅର ମୁହଁକୁ ଚାହିଁ ଦିନ କାଟିବାକୁ ଲାଗିଲା । ପୁଅର ଓଠରେ ହସ ଦେଖି ମା' ତାର ସମସ୍ତ ଦୁଃଖକଷ୍ଟକୁ ଭୁଲିବାକୁ ଲାଗିଲା । ବହୁ ଦୁଃଖକଷ୍ଟ ସହି ପୁଅଟିକୁ ଅତି ଯତ୍ନରେ ଲାଳନପାଳନ କରୁଥାଏ । ଗୋପାଳ କ୍ରମଶଃ ବଡ଼ ହୋଇ ମାଆର କୋଳ ଛାଡ଼ି ଦାଣ୍ଡରେ ଖେଳିବାକୁ ଭଲପାଇଲା ।

ପ୍ରତିଦିନ କାମସାରି ଗୋପାଳକୁ ଖୁଆଇ ପିଆଇ ଶୁଆଇ ଦେଉଥିବାବେଳେ ମହାପୁରୁଷଙ୍କ ଜୀବନୀ ଠାରୁ ଆରମ୍ଭ କରି ଶ୍ରୀରାମଚନ୍ଦ୍ର ଓ ଶ୍ରୀକୃଷ୍ଣଙ୍କ ମନଲୋଭା କାହାଣୀସବୁ କହୁଥାଏ । ଏହା ଗୋପାଳର ଦୈନିକ ଅଭ୍ୟାସରେ ପରିଣତ ହୋଇଗଲା । ପ୍ରତିଦିନ କିଛି ନା କିଛି ଭଗବାନଙ୍କ କାହାଣୀ କହିବାକୁ ମା'କୁ ପଡୁଥାଏ । ଦିନେ ଯଦି ମା କିଛି କାହାଣୀ କହି ନ ଥାଏ, ତେବେ ଗୋପାଳ ଆଖିକୁ ନିଦ ଆସେନାହିଁ । ସେ ମା' ମୁହଁକୁ ଚାହିଁ ଥମ୍ ଥମ୍ ହୋଇ କାନ୍ଦିବାକୁ ଆରମ୍ଭ କରେ । ସବୁଦିନ କହିବାକୁ ଏତେ କାହାଣୀ କେଉଁଠୁ ଆସିବ ? ମା'ତ ବିଶେଷ ପାଠଶାଠ ପଢ଼ିନାହିଁ । ସେଥିପାଇଁ ଗୋପାଳର ମା' ବଡ଼ ଚିନ୍ତାରେ ପଡ଼ିଥାନ୍ତି ।

ତାଙ୍କ ମନକୁ ଗୋଟିଏ ଉପାୟ ଆସିଲା । ଗ୍ରାମର ଜଣେ ପଣ୍ଡିତଙ୍କ ଘରେ କାମ କରିବାକୁ ବିଚାର କରି ତାଙ୍କ ଘରେ ପହଞ୍ଚିଲା । ପଣ୍ଡିତଙ୍କର ଘର ପାଇଁ କିଛି କାମ ନ ଥିବାରୁ ତାଙ୍କର ଠାକୁର ମନ୍ଦିରକୁ ସକାଳ ସନ୍ଧ୍ୟାରେ ଧୋଇ ଠାକୁରଙ୍କ ପୂଜାପାଇଁ ଫୁଲ ତୋଳିବାର ଦାୟିତ୍ୱ ତାକୁ ପଣ୍ଡିତେ ଅର୍ପଣ କଲେ । ସେ ବାବଦରେ କିଛି ପାରିଶ୍ରମିକ ନ ନେଇ ପ୍ରତିଦିନ ସନ୍ଧ୍ୟାରେ ପୁରାଣ ଶୁଣିବାପାଇଁ ଆସିବାକୁ ଗୋପାଳର ମା' ପଣ୍ଡିତଙ୍କର ଅନୁମତି ଭିକ୍ଷା କଲେ । ପଣ୍ଡିତ ଖୁସି ହୋଇ ନିଜର ସମ୍ମତି ଜଣାଇଲେ ।

ପଣ୍ଡିତଙ୍କର ଅନୁମତି ପାଇବା ପରେ ମା'ର ମନ ଭାରି ଖୁସି ହୋଇଗଲା । ମନ୍ଦିରରେ ଥିବା ଠାକୁର ବାଳଗୋପାଳଙ୍କୁ ମୁଣ୍ଡିଆ ମାରି ମନକଥା ଜଣାଇ ଖୁସିରେ ଘରକୁ ଫେରିଲା ।

ଗୋପାଳ ସ୍କୁଲରୁ ଫେରିବା ପରେ ତାକୁ ଖାଇବାକୁ ଦେଇ ମା' କହିଲା, ''ଧନ ! ଜାଣିଛୁ ? ଠାକୁର ଆମପାଇଁ ବଡ଼ ଖୁସି ଖବରଟିଏ ଦେଇଛନ୍ତି ।'' ପୁଅ ପଚାରିଲା, ''କି ଖୁସି ଖବର କହ-ମା ଶୀଘ୍ର କହ ।'' ଗୋପାଳର ମାଆ କହିଲା– ଭଗବାନ ସମସ୍ତଙ୍କ ମନକଥା ଜାଣିପାରନ୍ତି । ମୋର ମନକଥା ଜାଣି ସେ ମୋର ଆଶା ଆଜି ପୂରଣ କରିଛନ୍ତି । ଆଜିଠାରୁ ମୁଁ ତୋତେ ସାଥିରେ ନେଇ ପଣ୍ଡିତଙ୍କ ଘରକୁ ପୁରାଣ ଶୁଣିବାକୁ ଯିବି ।

ଗୋପାଳ ପଚାରିଲା, ''ପୁରାଣ କ'ଣ ମା' ?'' ମା ପୁଅର ପ୍ରଶ୍ନର ଉତ୍ତର ଦେବାକୁ ଯାଇ ସରଳ ଭାଷାରେ ବୁଝାଇଦେଲେ– ''ବାପରେ ! ଯେଉଁଥିରେ

ଭଗବାନଙ୍କର ଅନେକ ସୁନ୍ଦର କାହାଣୀ ଲେଖାଯାଇଥାଏ, ତାକୁ ପୁରାଣ କହନ୍ତି । ବୁଝିପାରିଲୁ ତ ?'' ଗୋପାଳ ପଚାରିଲା, ''ମାଆ ଯେଉଁ ଭଗବାନଙ୍କ କାହାଣୀ ଶୁଣିବା, ସେ କେଉଁଠି ଅଛନ୍ତି ?'' ପୁଅର ଏହି ପ୍ରଶ୍ନର ଉତ୍ତରଦେବାକୁ ଯାଇ ମାଆ କହିଲେ– ''ଆରେ ବାପ, ଭଗବାନ ସବୁଠାରେ ଅଛନ୍ତି । ଆମେ ସିନା ତାଙ୍କୁ ଦେଖିପାରୁନାହେଁ; କିନ୍ତୁ ସେ ଆମକୁ ଠିକ୍ ଭାବରେ ଦେଖୁଛନ୍ତି । ତାଙ୍କୁ ଲୁଚାଇ ଆମେ କୌଣସି କାମ କରିପାରିବା ନାହିଁ । ଆମେ ଯାହା କରିବା, ଭଗବାନ ତାକୁ ନିଶ୍ଚୟ ଦେଖିପାରିବେ । ତୁ ବଡ଼ହେଲେ ଭଗବାନଙ୍କ ବିଷୟରେ ଅଧିକ ଜାଣିବୁ । ନିତି ଆମେ ପୁରାଣ ଶୁଣିବାକୁ ଗଲେ ଭଗବାନଙ୍କ ବିଷୟରେ ନୂଆ ନୂଆ ଅନେକ କାହାଣୀ ଶୁଣିବା ।''

ଏହି କଥାରେ ପୁଅ ବହୁତ ଖୁସି ହୋଇଗଲା । ସନ୍ଧ୍ୟାହେଲେ ମା' ପୁଅ ପ୍ରତିଦିନ ପୁରାଣ ଶୁଣିବାକୁ ଯାଆନ୍ତି । ଏହା ସେମାନଙ୍କର ଦୈନନ୍ଦିନ କାର୍ଯ୍ୟରେ ପରିଣତ ହେଲା । ଆନନ୍ଦ ଆଉ ଖୁସିରେ ତାଙ୍କର ଦିନ ବିତିବାକୁ ଲାଗିଲା ।

ହଠାତ୍ ଦିନେ ଗୋପାଳର ମାଆ ଭୀଷଣ ଥଣ୍ଡା ଜ୍ୱରରେ ଆକ୍ରାନ୍ତ ହୋଇ ବିଛଣାରେ ପଡ଼ିରହିଲେ । ବାଳକ ଗୋପାଳ କ'ଣ ବା କରିପାରିବ ? ମାଆର ବିଛଣା ପାଖରେ ବସି ଆଖିରୁ ଲୁହ ଢାଳି ମା'ର ମୁହଁକୁ ଚାହିଁ ଗୋଡ଼ହାତକୁ ଆଉଁଶି ଦେଉଥାଏ । ଗୋପାଳର ମା' ତା ଆଖି ପୋଛିଦେଇ ଅତି କ୍ଷୀଣ ସ୍ୱରରେ କହୁଥାଆନ୍ତି ''ମନକଷ୍ଟ ଜମା କରିବୁ ନାହିଁ । ମୋର ଆଶୀର୍ବାଦ ତୋତେ ନିଶ୍ଚୟ ବଞ୍ଚିବାର ବାଟ ଦେଖାଇବ । ବାଳଗୋପାଳ ନିଶ୍ଚୟ ତୋତେ ସାହା ହେବେ । ତୋତେ ଆଗରୁ ପରା କହୁଛି –

ଯାହାର ନାହିଁ ସଂସାରେ କେହି
ତାହାକୁ ସାହା ଜଗତ ସାଇଁ ।

ଏହି କଥାଟିକୁ ମନେରଖିଥିବୁ । ଦେଖିବୁ ତୋତେ ଭଗବାନ ନିଶ୍ଚୟ ସାହାହେବେ ।'' ହଠାତ୍ ମା'ର କଥା ବନ୍ଦ ହୋଇଗଲା । ଗୋପାଳ ଯେତେ ପାଟିକରି ଡାକିଲେ ବି ମାଆ ଆଉ ଶୁଣିଲା ନାହିଁ । କୌଣସି ଉପାୟ ନ ପାଇ ଗୋପଳ ବଡ଼ ପାଟିରେ କାନ୍ଦିବାକୁ ଲାଗିଲା ।

ସାହିପଡ଼ିଶା ଗୋପାଳର କାନ୍ଦ ଶୁଣି ଆସି ରୁଣ୍ଡ ହୋଇଗଲେ । ଗୋପାଳର ମା' ଇତିମଧ୍ୟରେ ଆରପୁରକୁ ଚାଲିଯାଇଛି ଜାଣି ଲୋକମାନେ ଗୋପାଳକୁ ବୁଝାଇ ଶୁଝାଇ ମାଆର ଅନ୍ତ୍ୟେଷ୍ଟି କ୍ରିୟା କରିବାର ଆୟୋଜନ କଲେ । ଏହି ଦୁଃଖ ଖବରଟି ଶୁଣି ବାଳଗୋପାଳ ମନ୍ଦିରର ସେବକ ପଣ୍ଡିତ ଆନନ୍ଦ ନନ୍ଦ ଗୋପାଳ ଘରେ ପହଞ୍ଚି ଗୋପାଳକୁ ତାଙ୍କ ଘରକୁ ନେଇଗଲେ । ସେହିଦିନଠାରୁ ଗୋପାଳ ପଣ୍ଡିତଙ୍କ ଘରେ ରହିଲା । ପିଲାଟିର ଗୁଲୁଗୁଲିଆ ଚେହେରା ସାଥିରେ ହସ ହସ ମୁହଁ ଓ ମନକୁ କିଣିଲା ଭଳି କଜଳପିନ୍ଧା ଆଖି ଦେଖି ପଣ୍ଡିତଙ୍କ ସ୍ତ୍ରୀ ଯଶୋମତୀ ଦେବୀଙ୍କର ମାତୃ ହୃଦୟ ତରଳିଗଲା । ତାଙ୍କର ପିଲାପିଲି ନ ଥିବାରୁ ମନେ ମନେ ଗୋପାଳକୁ ନିଜର ପୁଅଭଳି ସ୍ନେହମମତା ଦେଇ ପାଳିଲେ । ଗୋପାଳକୁ ସେତେବେଳେ ୧୦ ବର୍ଷ ହୋଇଥିଲା; କିନ୍ତୁ ସେ ବହୁ ପ୍ରକାର ପ୍ରାର୍ଥନା, ଭକ୍ତମାନଙ୍କର ଜୀବନକାହାଣୀ, ଭଗବାନଙ୍କ ବିଷୟରେ ଅନେକ କଥା ତା' ମା'ଙ୍କ ଠାରୁ ମନେରଖିଥାଏ ।

ଦିନକର ଘଟଣା । ପଣ୍ଡିତ ଆନନ୍ଦ ନନ୍ଦଙ୍କ ଶୋଇବା ଘରକୁ ଯାଇ ଘରେ ଥିବା ଟେବୁଲ ଉପରେ ଚକ୍ ଚକ୍ କରୁଥିବା କଲମଟିକୁ ଦେଖି ଗୋପାଳର ଭାରି ଲୋଭ ହେଲା । କଲମଟିକୁ ହାତରେ ଧରି ବାର ବାର

ଦେଖିବାକୁ ଲାଗିଲା । ଏହି ଦୃଶ୍ୟଟିକୁ ପଣ୍ଡିତଙ୍କ ସ୍ତ୍ରୀ ଯଶୋମତୀ ଦେବୀ କବାଟ କୋଣରେ ଲୁଚିକରି ଦେଖୁଥାନ୍ତି । ଶେଷରେ ଗୋପାଳ କଲମଟିକୁ ପିନ୍ଧିଥିବା ଜାମା ପକେଟରେ ମାରି କିଛି ସମୟ ବସିରହିଲା । ଚାରିଆଡ଼କୁ ଚାହିଁ କଲମଟିକୁ ପକେଟ୍‌ରୁ ବାହାର କରି ମୁଣ୍ଡରେ ମାରି ଯେଉଁଠି କଲମଟି ଥିଲା, ସେହିଠାରେ ରଖିଦେଇ ପଳାଇଆସିଲା । ଏହି ସମୟରେ ଯଶୋମତୀ ଦେବୀ ଘରକୁ ପଶି ପଚାରିଲେ, 'ଆରେ ଗୋପାଳ ! ତୁ ଏତେ ସମୟ ଧରି ଏ ଘରେ କ'ଣ କରୁଥିଲୁ ?' ଗୋପାଳର ମା' କଥା ମନେପଡ଼ିଗଲା–

ମିଥ୍ୟାକୁ ପାପ ବୋଲି ଜାଣି
କହିବା ସଦା ସତ୍ୟ ବାଣୀ

ସେ କହିଲା, ''ମାଉସୀ, ଏହି କଲମର ରଙ୍ଗଟିକୁ ଦେଖୁଥିଲି ।'' ମାଉସୀ କହିଲେ, ''ସେ କଲମଟି ସୁନାର କଲମ । କ'ଣ ଏହି କଲମ ଦେଖି ତୋର ନେବାପାଇଁ ଇଚ୍ଛା ହେଉଥିଲା କି ? ଯଦି ଇଚ୍ଛା ହେଉଥିଲା ନେଲୁନି କାହିଁକି ?'' ଗୋପାଳ ଧୀର ସ୍ୱରରେ କହିଲା, ''ଏହି ସୁନା କଲମଟିକୁ ନେବାକୁ ମୋର ଭାରି ଲୋଭ ହେଉଥିଲା; ହେଲେ ଆପଣ ଓ ମଉସାଙ୍କୁ ନ ଜଣାଇ ଲୁଚାଇନେବାଟା ମହାପାପ । କେହି ନ ଦେଖିଲେ ମଧ୍ୟ ଭଗବାନ ଏହାକୁ ଦେଖିଥା'ନ୍ତେ । ମୁଁ ଭଗବାନଙ୍କ ପାଖରେ ଅପରାଧୀ ହୋଇଥାନ୍ତି । ମୋ ମାଆ ମୋତେ ଶିଖାଇଛନ୍ତି–

ଯାହା ମୁଁ କରଇ ଯାହା ମୁଁ କହଇ
ଯାହା ମୁଁ ଚିନ୍ତଇ ମନେ
ଜଗତର କର୍ତ୍ତା ପରମ ଈଶ୍ୱର
ଜାଣୁଛନ୍ତି ପ୍ରତିକ୍ଷଣେ ।''

ଗୋପାଳର ଏହି କଥା ଶୁଣିଲା ପରେ ଯଶୋମତୀ ଦେବୀ ଅବାକ୍ ହୋଇଗଲେ । ସେ ମନେ ମନେ ଅନେକ

କଥା ଭାବିବସିଲେ । ଗୋପାଳକୁ କୋଳେଇନେଇ କହିଲେ, ''ଧନ, ତୋର ମାଆ ସିନା ଦେବକୀ ପରି ଜନ୍ମଦେଇ ଆରପୁରକୁ ଚାଲିଗଲା, ହେଲେ ମୁଁ ଆଜି ତୋତେ ଯଶୋଦା ପରି ପାଳିବାକୁ ଚାହିଁବସିଛି ବାପା ! ଆରେ ଶଙ୍ଖାଳି, ମୋର ରଙ୍କୁଣୀ ଧନ, ଦୁଃଖ ପାସୋରା, ଥରେ ମୋତେ ମାଆ ବୋଲି ଡାକିବୁନି ? ଡାକ୍ ବାପ, ମୋତେ ମାଆ ବୋଲି ଡାକ୍ ।''

ଗୋପାଳର ଛଳ ଛଳ ଆଖିରେ, ଓଠରେ ହସର ଲହରି ଖେଳିଗଲା । 'ମାଆ, ମାଆ' ବୋଲି ଡାକି ତାଙ୍କ କୋଳକୁ ଡେଇଁପଡ଼ିଲା ଗୋପାଳ । ସେହିଦିନଠାରୁ ଗୋପାଳ ତାଙ୍କ ଘରେ କୁଳନନ୍ଦନ ହୋଇ ରହିଲା । ପିତା ପଣ୍ଡିତ ଆନନ୍ଦ ନନ୍ଦ ଓ ମାତା ଯଶୋମତୀ ଦେବୀଙ୍କର ଆନନ୍ଦର ସୀମା ରହିଲା ନାହିଁ । ଗୋପାଳ ସେଠାରେ ଆନନ୍ଦରେ ରହି ନୀତି ଆଦର୍ଶରେ ନିଜ ଜୀବନକୁ ଗଢ଼ିବାକୁ ଲାଗିଲା । ବହୁତ ପାଠ ପଢ଼ି, ଗୁଣୀ, ଜ୍ଞାନୀ ପଣେ ଗଣା ହୋଇ ଦେଶ ଓ ଜାତିର ନାଆଁ ରଖିଲା ।

ବାଗଦା ବିନାୟକପୁର,
ବାସୁଦେବପୁର, ଭଦ୍ରକ

କିମ୍ବା ଶରତକୁ ନ କଲେ ରାଜା

ଶ୍ରୀ ମୁରଲୀଧର ମେହେର

ବରଷା ଋତୁ ପରେ ଆସଇ ଧୀରେ ଧୀରେ
ନିର୍ମଳ ଶୋଭାମୟୀ ଶରତ,
ଶୋଭା ପସରା ମେଲି ହସଇ ଖିଲି ଖିଲି
କି ଦିବା ରଜନୀରେ ମରତ ।
ଆକାଶ ସୁନିର୍ମଳ ଲୁଚିଲେ ମେଘମାଳ
ଭାସିଲେ ଧଳା ଧଳା ବଉଦ
ଫୁଟିଲେ ସରୋବରେ ଦିବସ ରଜନୀରେ
ସୁନ୍ଦରୀ କମଳ ଓ କୁମୁଦ ।
ସୁନୀଳ ଆକାଶରେ ପୂର୍ଣ୍ଣିମା ରଜନୀରେ
ରଜତ ତାରା ମେଳେ ଚନ୍ଦ୍ରମା
ଦିଶେ କି ଶୋଭାବନ ମନ କରେ ହରଣ
ଯାହାର ନାହିଁ କିଛି ଉପମା ।

ରାତିରେ ନୀଳକଇଁ ଦଳ ତାର ମେଲାଇ
ଚନ୍ଦ୍ରମା ଆଡ଼େ ଚାହେଁ ହରଷେ
ମୁଖେ ତା ରଜନୀଶ ମନେ ହୋଇ ହରଷ
ଜୋଛନା ସାରା ରାତି ବରଷେ ।
ଅତ୍ୟନ୍ତ ମନଲୋଭା ରଜନୀର ଏ ଶୋଭା
ଭାବୁକ ଅନୁଭବି ପାରଇ
ଦେଖୁଥିଲେ ଯେତିକି ନୂଆ ଲାଗେ ସେତିକି
ମନରେ ତୃପତି ନ ଆସଇ ।
କମଳ କୁସୁମର ବାସେ ହୋଇ ବିଭୋର
ଭ୍ରମର ଉଡ଼େ କରି ଗୁଞ୍ଜନ
ବିବିଧ ଫୁଲ ଫୁଟି ବାସ ତାର ଚହଟି
ମଞ୍ଜୁଳ ଦିଶେ କୁଞ୍ଜ କାନନ ।
ସୁଶୀତଳ ସମୀର ବହଇ ଧୀର ଧୀର
ଖରା ଶୀତର ନାହିଁ ପ୍ରକୋପ
ମଧୁ ଚୁଷିବା ପାଇଁ ଫୁଲକୁ ଫୁଲ ହୋଇ
ଉଡ଼ି ବୁଲନ୍ତି ଶଠ ମଧୁପ ।
ବାଡ଼ି ବଗିଚାମାନ ଫଳଫୁଲରେ ପୂର୍ଣ୍ଣ
ଧାନ ବିଲରେ ସୁନା ଫସଲ
କାଟି ପାଚିଲା ଧାନ ହୋଇ ହରଷ ମନ
ଆଣଇ ଚାଷୀ କରି ଅମଳ ।
କଅଁଳ ସକାଳରେ ଲୋହିତ ବରନରେ
ସୂରୁଯ ଯେବେ ଉଇଁ ଆସଇ
ପଡ଼ି କନକ କର ଧରଣୀର ଉପର
ସୁନେଲି ଜ୍ୟୋତି ଫୁଟି ଉଠଇ ।

ଗଣେଶ ଚଉଠିରେ ଅତି ଭକତି ଭରେ
ପୂଜନ୍ତି ବିନାୟକ ପୟରେ
ଦଶଭୁଜାଙ୍କ ପୂଜା କରି ବିରାଟ ସଜା
ଲୋକେ କରନ୍ତି ଏଇ ଋତୁରେ ।

ପିଲାଙ୍କ ଖେଳ, ଚୋରର କାଳ

ଶ୍ରୀ ନଗେନ୍ଦ୍ର ନାଥ ପଟ୍ଟନାୟକ

ମହୁଲିଆ ଗାଁ'ରେ ପରିବାରଟିଏ । ସ୍ୱାମୀ, ସ୍ତ୍ରୀ ଏବଂ ଦି' ପୁଅଝିଅକୁ ନେଇ ଛୋଟିଆ ପରିବାର । ପୁଅ ନାଁ ରାମୁ ଆଉ ଝିଅ ନାଁ ମାଳତୀ । ଅନେକ ଦିନ ହେବ ସେ ଗାଆଁରେ ଛୋଟମୋଟ ଚୋରି ହେଉଥାଏ ।

ଦିନେ ରାମୁ ଓ ମାଳତୀର ବାପାକୁ କୌଣସି ଏକ ଜରୁରୀ କାମରେ ସହରକୁ ଯିବାକୁ ପଡ଼ିଲା । ଘରେ କେବଳ ରାମୁର ବୋଉ ଓ ଦୁଇ ପିଲା । ରାମୁ ବୋଉ କହିଲା– ପିଲାଏ ତୁମେ ଦିହେଁ ଚୋର ପ୍ରତି ଖୁବ୍ ହୁସିଆର ଥିବ । ସହଜେ ତ ରାମୁ ଖୁବ୍ ଚାଲାକ ଆଉ ହୁସିଆର । ସବୁଦିନ ପରି ସେଦିନ ସଞ୍ଜବେଳେ ଭାଇଭଉଣୀ ଦିହେଁ ଘରେ ପାଠ ପଢୁଥିଲେ ଆଉ ମା' ଥିଲେ ରୋଷେଇ ଘରେ । ଏତିକିବେଳେ ପଡ଼ିଶା ଘରର କେତେଜଣ ସ୍ତ୍ରୀ ଲୋକ ତାଙ୍କ ଘରକୁ ଆସିଲେ । ସେମାନେ ରୋଷେଇ ଘରେ ପଶିଯାଇ ରାମୁ ବୋଉକୁ ପାଖ ବଜାରକୁ ଯିବାକୁ କହିଲେ । ହେଲେ ରାମୁ ବୋଉ କହିଲେ– ଆଜିକାଲି ତ ଗାଆଁରେ ଚୋରଙ୍କ ଭୟ । ଘରେ ପିଲା ଦିହେଁ ଏକୁଟିଆ । ଏଥିପାଇଁ ମୁଁ ଜମା ତୁମମାନଙ୍କ ସାଙ୍ଗରେ ଯାଇପାରିବି ନାହିଁ । ଏତିକି କହି ସେ ସେମାନଙ୍କୁ ବିଦା କରିଦେଲେ । ଏତିକିବେଳେ କିଛି ସଜ ପରିବା ଆଣିବା କଥା ତାଙ୍କର ମନେପଡ଼ିଗଲା । ସେଇଠୁ ସେ ରାମୁ ଓ ମାଳତୀ ଦୁହିଁଙ୍କୁ ଡାକି କହିଲେ– ପିଲାଏ ! ତୁମେ ଦୁହେଁ ଚୋର ପ୍ରତି ସତର୍କ ରହିଥିବ, ମୁଁ ବଜାର ଯାଇ କିଛି ସଜ ପନିପରିବା ନେଇଆସେ । ଏତକ କହି ରାମୁ ବୋଉ ବଜାର ଆଡ଼େ ମୁହାଁଇଲେ ।

ଏଣେ ଚୋରଟିଏ ଘଞ୍ଚ ବୁଦାମୂଳେ ଛପି ରହି ସବୁ କଥା କାନ ଡେରି ଶୁଣୁଥିଲା । ମଉକା ପାଇ ଚୋରଟି ରାମୁ ବୋଉ ଘରେ ପଶିଯାଇ ଆଲମାରି ପଛପଟେ ବସିପଡ଼ିଲା । ପାଠପଢ଼ା ସାରି ରାମୁ ଘରର ଆର କୋଠରିକୁ ଚାଲିଗଲା ବେଳେ ଆଲମାରି ପଛପଟେ ଜଣେ ଲୋକର ଛାଇ ଦେଖିବାକୁ ପାଇଲା । ଏଥର ଚୋରଟିଏ ତାଙ୍କ ଘର ଭିତରକୁ ପଶିଆସିଛି ବୋଲି ସେ ଜାଣିପାରିଲା । ସାଙ୍ଗେ ସାଙ୍ଗେ ସେ ପଛକୁ ଫେରି ତା' ଭଉଣୀ ମାଳତୀକୁ ଜୋର ପାଟିରେ ଡାକିଲା । ଭଉଣୀ ମାଳତୀ ଯେତେବେଳେ ତା ପାଖକୁ ଆସିଲା, ରାମୁ କହିଲା– ମାଳତୀ ତୁ'ଟା ବଡ଼ ଡରୁଆ । ଗାଁ'ର ଅନ୍ୟାନ୍ୟ

ଦେବୀଙ୍କ ପୂଜାବେଳେ ବିବିଧ ବାଜଣାରେ
ଚୌଦିଗ କମ୍ପମାନ ହୁଅଇ
ଆଳତି ଦେବା କାଳେ ବିବିଧ ବାସନାରେ
ମଣ୍ଡପ ମହ ମହ ବାସଇ ।
ଏତେ ଯୋଗ୍ୟତା ଥାଇ ଶରତ କାହିଁପାଇଁ
ଋତୁରାଜ ନ ହୋଇ ପାରିଲା
କେଉଁ ଅଧିକା ଗୁଣେ ଭାବୁଛି ମୋର ମନେ
ବସନ୍ତ ଋତୁରାଜ ହୋଇଲା ?

ବେନିଆଚାଲ, ଲାଉମୁଣ୍ଡା, ବିଜେପୁର, ବରଗଡ଼

ଝିଅମାନଙ୍କୁ ଦେଖି, କେତେ ସାହସୀ ସେମାନେ । ଭାଇ ରାମୁର ଖରାପ କଥା ଶୁଣି ମାଳତୀ ରାଗରେ ନିଆଁବାଣ । ସେଇଠୁ ସେ କହିଲା– ଭାଇ, ତୁମେ ମୋତେ କ'ଣ ଡରୁଆ ବୋଲି ଭାବୁଛ ? ମୋ ସାଙ୍ଗରେ କିଏ ଯଦି ଲଢ଼ିବାକୁ ଆସେ, ମୁଁ ତାକୁ ମାରିମାରି ଧୂଳି ଚଟେଇଦେବି । ରାମୁ ତାକୁ ରାଗିବାକୁ ଆହୁରି ଉସୁକାଇଲା । ଏଣେ ଚୋରଟା ଦି' ଭାଇଭଉଣୀଙ୍କ କଥା କଟାକଟି, କଳିଗୋଳକୁ ଦେଖି ବେଶ୍ ମଜା ଉଠାଉଥାଏ ।

ରାମୁ କହିଲା– ତୁ ଯଦି ସତରେ ଏତେ ବଳୁଆ, ତାହା ହେଲେ ମୋତେ କହ । ଧରିନିଅ, ତୁ ଏ ଘରେ ଏକଲା ରହିଛୁ, ଯଦି ଜଣେ ଚୋର ଘରକୁ ଆସେ, ତାହାହେଲେ ତୁ କ'ଣ କରିବୁ ? –ମୁଁ ଖୁବ୍ ଜୋର୍‌ରେ ଚିତ୍କାର କରିବି । ରାମୁ ପୁଣି ପଚାରିଲା– ତୁ କେମିତି ପାଟି କରିବୁ ? ମାଳତୀ 'ଚୋର ଚୋର' ବୋଲି ଚିତ୍କାର କରିବ ବୋଲି କହିବାବେଳେ ରାମୁ କହିଲା– ନାଁ, ଘର ଭିତରେ ପାଟି କରିବୁନି; ବରଂ ଘର କବାଟକୁ ଚୁପ୍‌କିନା ଖୋଲି ବାହାରେ ଠିଆ ହୋଇ ପାଟି କରିବୁ । ସେଇଠୁ ମାଳତୀ 'ଚୋର ଚୋର' ପାଟି କରି ଘର କବାଟ ବାହାରକୁ ଚାଲିଗଲା । ରାମୁ ବାଃ ବାଃ କରି ତା'ର ଉତ୍ସାହକୁ ଆହୁରି ବଢ଼ାଇଦେଲା । ତେଣେ ଚୋର ମନରେ ଛନକା ପଶିଲା । ଚୋର ଭାବିଲା– 'ପିଲା ଦି'ଟାଙ୍କ ଖେଳ ଆଜି ତା' ପାଇଁ ବିପଦ ।'

ସେପଟେ ଚୋର ପାଟି ଶୁଣି ଗାଆଁବାଲାଏ ରାମୁ ଘରେ ଜମା ହେଇଗଲେ । ମାଳତୀକୁ ମୁରୁକି ହସୁଥିବାର ଦେଖି ଲୋକେ ବୁଝିଗଲେ ଯେ ଏଟା ବୋଧେ ପିଲା ଦି'ଟାଙ୍କ ଦୁଷ୍ଟାମି; କିନ୍ତୁ ରାମୁ ସତକଥା କ'ଣ ଗୋଟି ଗୋଟି କରି ଫିଟାଇ ସେମାନଙ୍କ ଆଗରେ କହିଲା । ଚୋରକୁ ତ ଗାଆଁବାଲା ଘେରିଯାଇଥିଲେ । ସେମାନେ ଚୋରକୁ କାବୁ କରିନେଇ ଉତ୍ତମମଧ୍ୟମ କରି ବହେ କଷିଦେଲେ । ତା' ପରେ ତାକୁ ପୋଲିସ ଜିମା ଦେଇ ଯେଝା ଘରକୁ ଲେଉଟିଆସିଲେ । ପ୍ରକୃତରେ ଚୋରକୁ ଦେଖି ସେ କେମିତି ନାଟକବାଜି କଲା, ସେ କଥା ଗାଆଁବାଲାଙ୍କୁ ବତେଇବାରୁ ସେମାନେ ରାମୁକୁ ଖୁବ୍ ପ୍ରଶଂସା କଲେ ।

୯୯୯-ମ, ଜଗମୋହନ ନଗର,
ଜାଗମରା, ଖଣ୍ଡଗିରି, ଭୁବନେଶ୍ୱର



ବୌଦ୍ଧ-ଜାତକରେ ଶ୍ରୀକ୍ଷେତ୍ର ରଥଯାତ୍ରା

ଶ୍ରୀ ବିଭୁତି ଭୂଷଣ ସେନାପତି

ସେଦିନ ଥିଲା ଋତୁରାଜ ବସନ୍ତର ବିଭୋର ସନ୍ଧ୍ୟା । ବଉଳ ପାଲିଙ୍କିରେ ହଳଦୀ ବସନ୍ତ ଘୁମେଇ ପଡୁଥିଲା । ମଲ୍ଲିଫୁଲର ବାସ୍ନାରେ ବାସ୍ନାୟିତ ହେଉଥିଲା ପ୍ରମୋଦ ଉଦ୍ୟାନ । ଠିକ୍ ଏହି ସମୟରେ ରାଜପୁତ୍ର ସିଦ୍ଧାନ୍ତ ସାନ୍ଧ୍ୟ ଭ୍ରମଣରେ ବାହାରିଲେ । ସାରଥି ସହ ରଥଟି ବେଶ୍ ଚମତ୍କାର ଦିଶୁଥିଲା । ମଣିମୁକ୍ତାରେ ଚାକଚକ୍ୟ ରଥ ଉପରେ ସିଦ୍ଧାର୍ଥ ବସି ପ୍ରମୋଦ ଉଦ୍ୟାନ ଭ୍ରମଣରେ ବାହାରିଲେ ।

ପକ୍ଷୀଙ୍କର କିଚିରିମିଚିରି ସ୍ୱର ଓ ଅଶୋକ ଫୁଲର ସୁଷମା ସତେଯେପରି ବନଭୂଇଁକୁ ଆକର୍ଷଣ କରୁଥିଲା; କିନ୍ତୁ ରାଜପୁତ୍ର ତିଳେହେଲେ ତାହାକୁ ଭ୍ରୂକ୍ଷେପ କରି ନ ଥିଲେ । କିଛି ଦୂରରେ ଥିବା ପ୍ରମୋଦ ଉଦ୍ୟାନରେ ଗୋଟିଏ ପଦ୍ମ ପୋଖରୀରେ ସିଦ୍ଧାର୍ଥ ସ୍ନାନ କରି ବିଶ୍ରାମ ଶିଳାରେ ବସିଲେ । ପ୍ରକୃତିର ସୁଷମା ତାଙ୍କ ମନକୁ ଆକର୍ଷିତ କରିପାରି ନ ଥିଲା । ଠିକ୍ ଏହି ସମୟରେ ସ୍ୱର୍ଗରେ ଦେବରାଜ ଅସୁସ୍ଥତା ଅନୁଭବ କଲେ । ତାଙ୍କର ରତ୍ନ ସିଂହାସନ କାହିଁକି କେଜାଣି ଉତ୍ତପ୍ତ ବୋଧହେଲା । ଧ୍ୟାନବଳରେ ଇନ୍ଦ୍ର ବୁଦ୍ଧଦେବଙ୍କ ବୁଦ୍ଧତ୍ୱ ଭାବନା ଜାଣିପାରିଲେ । ତତ୍‌କ୍ଷଣାତ୍ ସେ ବିଶ୍ୱକର୍ମାଙ୍କୁ ବୁଦ୍ଧଙ୍କ ପ୍ରମୋଦ ଉଦ୍ୟାନକୁ ଯିବାପାଇଁ ଆଦେଶ ଦେଲେ ।

ଏହାର କାରଣ ଥିଲା– ବୁଦ୍ଧଦେବ ଆଜି ରାତିରେ ପ୍ରବ୍ରଜ୍ୟା ଗ୍ରହଣ କରି ବୁଦ୍ଧତ୍ୱର ଅଧିକାରୀ ହେବେ । ବିଶ୍ୱକର୍ମା ନିଜର ଅଲୌକିକ ଶକ୍ତି ବଳରେ ଛଦ୍ମବେଶରେ ପ୍ରମୋଦ ଉଦ୍ୟାନରେ ପ୍ରବେଶ କଲେ ଓ ସିଦ୍ଧାର୍ଥଙ୍କୁ ସୁସଜ୍ଜିତ କଲେ । ବୁଦ୍ଧଦେବଙ୍କ ଚନ୍ଦ୍ରମୁଖ ଅପୂର୍ବଶ୍ରୀ ଧାରଣ କଲା । ସେ କିନ୍ତୁ ବିଶ୍ୱକର୍ମାଙ୍କ ଅପୂର୍ବ ସ୍ପର୍ଶ ଛତ୍ରେ ଛତ୍ରେ ଅନୁଭବ କରିପାରୁଥିଲେ । କିଛିକ୍ଷଣ ପରେ ରଥ ଆରୋହଣ କରି ସେ କପିଳବସ୍ତୁ ଯାତ୍ରା କଲେ ।

ଏହି ବୌଦ୍ଧ ଜାତକର ଘଟଣାବଳୀ ଇଂରାଜୀ ଗ୍ରନ୍ଥ କୋଣାର୍କର ଗ୍ରନ୍ଥକାର 'ବିସେନ ସ୍ୱରୂପ'ରେ ଶ୍ରୀକ୍ଷେତ୍ର ରଥଯାତ୍ରା ଗୌତମ ବୁଦ୍ଧଙ୍କ ପ୍ରବ୍ରଜ୍ୟା ସ୍ମାରକ ବୋଲି ଉଲ୍ଲେଖ କରିଛନ୍ତି; କିନ୍ତୁ ଏହା ଫାଲ୍‌ଗୁନ ବା ଚୈତ୍ର ପୂର୍ଣ୍ଣିମା ବୋଲି ନିର୍ଦ୍ଧାରିତ କରିଛନ୍ତି । ପୁନଶ୍ଚ ମତ ପରିବର୍ତ୍ତନ କରି ଶ୍ରୀକ୍ଷେତ୍ର ରଥଯାତ୍ରା ଆଷାଢ଼ ମାସରେ ଅନୁଷ୍ଠିତ ହୁଏ ବୋଲି କହନ୍ତି । ପ୍ରବ୍ରଜ୍ୟା ଗ୍ରହଣ ପୂର୍ବରୁ ଗୌତମ ବୁଦ୍ଧ ରଥ ଆରୋହଣ କରି ଉଦ୍ୟାନରେ ପରିଭ୍ରମଣ କରିଥିଲେ । ତାହାର ସ୍ମରଣାର୍ଥେ ଶ୍ରୀକ୍ଷେତ୍ରର ରଥଯାତ୍ରା ଉଦ୍ଦିଷ୍ଟ । ଚୀନ୍ ପରିବ୍ରାଜକ ଫାହିୟାନ୍ ଖେଟାନ୍ ରାଜ୍ୟରେ ଅବସ୍ଥାନ କଲାବେଳେ ବୌଦ୍ଧମାନଙ୍କ ତ୍ରିରତ୍ନ ରଥଯାତ୍ରା ଦେଖିଥିଲେ । ଏହି ଯାତ୍ରାର ବିଶେଷତ୍ୱ ହେଲା–

ଧୂର୍ତ୍ତ କୋକିଶିଆଳି

ଶ୍ରୀ ନିରଞ୍ଜନ ଦାଶ

ଗୋଟିଏ ଜଙ୍ଗଲରେ କୋକିଶିଆଳିଟିଏ ମନ ଦୁଃଖରେ ଶୋଇଥାଏ । ଗୋଟିଏ ସପ୍ତାହ ହେଲା ତାକୁ କିଛି ଆହାର ମିଳିନାହିଁ । ପେଟରେ କିଛି ନ ଥିବାରୁ ବଳ ପାଉ ନଥାଏ । ସହଜେ ଜଙ୍ଗଲ ଜାଗା, ତା'ର ଶତ୍ରୁ ବି ଅନେକ । ସେମାନଙ୍କ ହାବୁଡ଼ରେ ପଡ଼ିଗଲେ କଥା ସରିଲା । କ'ଣ କରିବ ସେ ? ଶୋଇଥିବା ଅବସ୍ଥାରେ ବିରୁଡ଼ି ଦି'ଟା ତା' ପାଖରେ ଉଡ଼ିଉଡ଼ି ଆସି ପହଞ୍ଚିଗଲେ, କୋକିଶିଆଳିଟି ଉଠିପଡ଼ିଲା ।

ଗୋଟାଏ ବିରୁଡ଼ି ପଚାରିଲା– ଭାଇ, ଏମିତି ଶୋଇରହିଛ କାହିଁକି ?

କୋକିଶିଆଳି କହିଲା– ସପ୍ତାହେ ହେଲା କିଛି ଖାଇନି, ନିସ୍ତେଜ ଲାଗୁଛି । ବଳ ପାଉନି । ଶୋଇପଡ଼ିଥିଲି ଟିକିଏ ।

ବିରୁଡ଼ି– ହଉ, ତମକୁ ଯଦି ଆମର ସାହାଯ୍ୟ ଦରକାର ହୁଏ, ଆମକୁ ମନେପକାଇବ । ଆମେ ତ ଏଇଠି ଅଛୁ ।

କୋକିଶିଆଳି ଭାରି ଚାଲାକ୍ ଥିଲା । ସେ କେମିତି ଖାଦ୍ୟ ଯୋଗାଡ଼ କରି ଖାଇବ, ତା'ର ବଡ଼ ଚିନ୍ତା ଥିଲା । ସେ ଦେଖେ ସବୁଦିନେ ଗୋଟାଏ ମିନିଟ୍ରକ୍‌ରେ ମାଛ ବୋଝେଇ ହୋଇ ଏହି ଜଙ୍ଗଲ ବାଟ ଦେଇ ପାଖ ସହରକୁ ଯାଉଛି । ସେଇ ଆଇଁଷିଆ ବାସନା ତା' ନାକ ଭିତରେ ସିନା ପଶେ; କିନ୍ତୁ ତା' ପାଟିରେ ସେଇ ବାସନା ଦେଉଥିବା ମାଛ ପଶେନା ।

ଉପାୟଟିଏ ଚିନ୍ତାକଲା । ତା' ପରଦିନ ବିରୁଡ଼ିଦୁଇଟିଙ୍କୁ ଭେଟି କ'ଣ ତାଙ୍କୁ କହିଲା । ବିରୁଡ଼ିମାନେ ମୁଣ୍ଡ ଟୁଙ୍ଗାରି ଚାଲିଗଲେ । ସବୁଦିନ ଭଳି ମାଛ ବୋଝେଇ ମିନିଟ୍ରକ୍‌ଟି ସେଇ ରାସ୍ତାରେ ଗଲା । ବିରୁଡ଼ି ଦୁଇଟା ଡ୍ରାଇଭର ଓ ହେଲପର୍ ଦୁଇଜଣଙ୍କ କାନ ପାଖରେ ଉଡ଼ିଲେ । ହେଲପର୍ ତାଙ୍କୁ ଘଉଡ଼ାଇବାକୁ ଚେଷ୍ଟାକଲା; କିନ୍ତୁ ବିରୁଡ଼ିମାନେ ହଟିଲେନି । ଏଥର ହେଲପର୍ ପୁଣି ଘଉଡ଼ାଇବାକୁ ଚେଷ୍ଟା କଲା । ତା'ପରେ ବିରୁଡ଼ିଦୁଇଟି ହେଲପର୍ ଓ ଡ୍ରାଇଭରକୁ ଆକ୍ରମଣ କଲେ ଏବଂ ତାଙ୍କ ଆଖିପତା, ମୁଣ୍ଡ, ଗାଲ, ଗଳା ଆଦି ଫୁଲାଇଦେଲେ । ଡ୍ରାଇଭର ଓ ହେଲପର୍ ଯନ୍ତ୍ରଣାରେ ବ୍ୟତିବ୍ୟସ୍ତ ହୋଇ ଗାଡ଼ିଟିକୁ ଗୋଟିଏ ଗଛ ପାଖରେ ରଖିଦେଇ ବସିପଡ଼ିଲେ ।

ଏହି ମଉକାରେ କୋକିଶିଆଳିଟି ମାଛ ଟ୍ରକ୍ ଉପରକୁ ଉଠିଯାଇ ମାଛ ଖାଇବା ଆରମ୍ଭ କରିଦେଲା ।

ବ୍ରାହ୍ମଣମାନେ ବୌଦ୍ଧଗଣଙ୍କୁ ଉକ୍ତ ଉତ୍ସବକୁ ନିମନ୍ତ୍ରଣ କରୁଥିଲେ । ତେଣୁ ଶ୍ରୀକ୍ଷେତ୍ର ରଥଯାତ୍ରା ବୌଦ୍ଧଯାତ୍ରା ଅନୁସରଣରେ ଅନୁଷ୍ଠିତ ବୋଲି ଜେ.ଷ୍ଟିଭେନ୍‌ସନ ପ୍ରଭୃତି ବିଖ୍ୟାତ ଗବେଷକ ତାଙ୍କ ଗବେଷଣାରେ ଉଲ୍ଲେଖ କରିଛନ୍ତି ।

ସେବାନିବୃତ୍ତ ଶିକ୍ଷକ, କୋହ୍ଲ ହାଇସ୍କୁଲ, କୋହ୍ଲ, ତିହିଡ଼ି, ଭଦ୍ରକ-୭୫୬୧୩୦

ମାଛ ଖାଇ ସାରିବା ପରେ ଅତି କ୍ଷିପ୍ର ଗତିରେ ଟ୍ରକ୍‌ରୁ ଚାଲିଗଲା । ଏକଥା ଡ୍ରାଇଭର୍ ବା ହେଲପର୍ ଜାଣିପାରିଲେ ନାହିଁ ।

ଯନ୍ତ୍ରଣା କମିଯିବା ପରେ ଡ୍ରାଇଭର୍ ଓ ହେଲପର୍ ସହର ଆଡ଼କୁ ଗାଡ଼ି ଚଲେଇ ଚାଲିଗଲେ । କୋକିଶିଆଳିଟି ବିରୁଡ଼ିଦୁଇଟିକୁ ନିଜର କୃତଜ୍ଞତା ଜଣାଇଲା । ଏଣିକି ମାଛ ବୋଝେଇ ମିନିଟ୍ରକ୍‌ଟି ସେଇ ବାଟଦେଇ ଗଲା । କିନ୍ତୁ ଏଥର ଟ୍ରକ୍‌ର ଝରକା କବାଟ ବନ୍ଦ ହୋଇଗଲା, ବିରୁଡ଼ିମାନେ ଆଉ ଡ୍ରାଇଭର ଓ ହେଲପରଙ୍କ ପାଖରେ ପହଞ୍ଚିପାରିଲେନି ।

ବିଚରା କୋକିଶିଆଳିଟି ଆଉ ମାଛର ସ୍ୱାଦ ଚାଖି ପାରିଲାନି । କାଁ ଭାଁ ଗୋଟିଏ ଗୋଟିଏ ଛୋଟ ଶିକାରରେ ସନ୍ତୁଷ୍ଟ ହେବାକୁ ପଡ଼ିଲା । ଦିନେ ଗୋଟିଏ ଗଛମୂଳେ ଭୋକିଲା ଅବସ୍ଥାରେ ଶୋଇଥାଏ, ଗଛ ଉପରେ ଚିଲଟିଏ ବସି ଚାରିଆଡ଼କୁ ଚାହିଁଥାଏ । କୋକିଶିଆଳିଟି ଚିଲକୁ ଦେଖି କହିଲା– ଚିଲଭାଇ, ନମସ୍କାର !

– ନମସ୍କାର, କ'ଣ ହେଲା ? ଚିଲ ଉତ୍ତରଦେଲା ।

– ଭାଇ, କେତେ ଦିନ ହେଲାଣି କିଛି ଖାଇନାହିଁ ।

– ଆରେ ମୋତେ କ'ଣ କହୁଛୁ ? ମୁଁ ବି କେତେଦିନ ହେଲା ଖାଇନାହିଁ ।

– ମୁଁ କଥାଟିଏ କହିବି, ଯଦି ସେ କଥାଟା ତୁମ ମନକୁ ପାଇବ, ତାହାହେଲେ ଆମର ଖାଦ୍ୟର ଅଭାବ ରହିବ ନାହିଁ ।

– କଥାଟା ତାହାହେଲେ କହ ।

କୋକିଶିଆଳିଟି ଚିଲକୁ କ'ଣ କହିଲା ଏବଂ ଚିଲ ଖୁସିରେ ତା' କଥାରେ ରାଜିହେଲା । ତା'ପରଦିନ ମାଛଭରା ମିନିଟ୍ରକ୍‌ଟି ସେଇ ବାଟ ଦେଇ ଗଲା । ଚିଲଟି ଟ୍ରକ୍ ଡାଲାରୁ ଗୋଟିଏ ପାଖରୁ ମାଛ ତଳକୁ ଖସାଇବାକୁ ଲାଗିଲା । ବହୁତ ପରିମାଣର ମାଛ ତଳକୁ ଖସିଥିବାରୁ ଚିଲ ଟ୍ରକ୍ ଛାଡ଼ିଲା । ମନ ଆନନ୍ଦରେ ଦୁହେଁ ମାଛ ଖାଇବାକୁ ଲାଗିଲେ ।

ଏହିଭଳି ସବୁଦିନେ କୋକିଶିଆଳି ଓ ଚିଲ ମିନିଟ୍ରକ୍‌ରୁ ମାଛ ଲୁଟିବାକୁ ଲାଗିଲେ । ଡ୍ରାଇଭର ଓ ହେଲପର୍ ଏ ବିଷୟରେ କିଛି ଜାଣିପାରିଲେନି; କିନ୍ତୁ ସବୁଦିନ ସମାନ ଯାଏନି । ଟ୍ରକ୍‌ରେ ଥିବା ମାଛର ଓଜନ ଯେତେବେଳେ କ୍ରମାଗତ ଭାବରେ କମିଲା, ସେତେବେଳେ ଡ୍ରାଇଭର ଓ ହେଲପର୍ ଚିନ୍ତିତ ହୋଇପଡ଼ିଲେ । 'ମାଛ ସବୁଦିନ କିଏ ଚୋରି କରୁଛି ? ଏ ତ ଛୋଟିଆ କଥା ନୁହେଁ !'

ଏଥର ହେଲପର୍ ସଜାଗ ହୋଇଗଲା । ଚାରିଆଡ଼କୁ ନିଘା ରଖିଲା । ତା'ର ଧାରଣା ହେଲା, ଏଇ ଜଙ୍ଗଲ ରାସ୍ତାରେ ବୋଧହୁଏ କିଛି ଅଘଟଣ ଘଟୁଛି । ତା' ପରେ ଦିନେ ସେ ଯାହା ଦେଖିଲା, ତାହାକୁ ବିଶ୍ୱାସ କରିପାରିଲା ନାହିଁ । ଚିଲ ଟ୍ରକ୍‌ଟିରୁ ମାଛ ଖସାଉଛି, କୋକିଶିଆଳି ତାକୁ ବୁଦାମୂଳେ ରଖୁଛି ।

ଡ୍ରାଇଭରକୁ ଜଣାଇବାରୁ ଡ୍ରାଇଭର ଗାଡ଼ି ବନ୍ଦ କରିଦେଲା । ସେମାନେ କିଛି ସମୟ ଭିତରେ ଗୋଟାଏ ଲୁହାଛଡ଼ ବାହାର କରି କୋକିଶିଆଳି ମାଛ ସଂଗ୍ରହ କରୁଥିବା ବେଳେ ତା' ଉପରକୁ ଫୋପାଡ଼ିଲେ । ଛଡ଼ଟି କୋକିଶିଆଳି ଦେହରେ ନ ବାଜି ତାର ଲାଞ୍ଜରେ ବାଜିବାରୁ ଲାଞ୍ଜଟିରୁ ରକ୍ତ ବୋହିବା ଆରମ୍ଭ କଲା । ମାଛକୁ ଫୋପାଡ଼ିଦେଇ ସେ ଗୋଟିଏ ବୁଦା ଭିତରେ ଲୁଚିଗଲା । କୋକିଶିଆଳି ଯନ୍ତ୍ରଣାରେ ଛଟପଟ ହେବାକୁ ଲାଗିଲା, ଚିଲ ବିପଦର ଆଶଙ୍କା କରି ବହୁ ଦୂରକୁ ଉଡ଼ିଗଲା ।

ତେଣୁ କଥାରେ ଅଛି– ଚୋର ଘର ସବୁବେଳେ ଅନ୍ଧାର ନଥାଏ ।

କଲେଜଛକ, ତିନିମୁହାଣୀ, କେନ୍ଦ୍ରାପଡ଼ା-୭୫୪୦୧୪

କୃତଜ୍ଞତା

ଶ୍ରୀ ପ୍ରଫୁଲ୍ଲ କୁମାର ରାଉତ

ଭଲ କାମ ଯଦି କରିବାର ଅଛି
ଅନ୍ୟ ଦୁଃଖ କର ଦୂର,
ପୁଣ୍ୟ କାମ ଯଦି କରିବାକୁ ଚାହଁ
ଚାରାଟିଏ ରୋପିପାର ।
ଇଚ୍ଛା ଯଦି ତୁମ ଦାନ କରିବାକୁ
ଭୋକିଲାକୁ ଖାଦ୍ୟ ଦିଅ,
ଧର୍ମ କରିବାକୁ ଚାହୁଁଥିଲେ ମନ
ଗଛଟିର ଯତ୍ନ ନିଅ ।

ଦୟା ଭାବ ଯଦି ମନରେ ଆସଇ
ରୋଗୀଟିର କର ସେବା,
କରୁଣା ଟିକିଏ ଝରାଇ ହୃଦରୁ
ଗଛମୂଳେ ପାଣି ଦେବା ।
ଶାନ୍ତି ଯେବେ ତୁମେ ବୁଲୁଅଛ ଖୋଜି
ପର ଉପକାର ଭଲ,
ସୁଖ ପାଇଁ ଯଦି ହୃଦୟ କାନ୍ଦୁଛି
ଛିଡ଼ାଅନି ପତ୍ରଫୁଲ ।
ଧୈର୍ଯ୍ୟ ଯଦି ଅଛି ମନରେ ତୁମର
ସହ ବାପାମା' ଗାଳି,
କ୍ରୋଧ କେବେ ଯଦି ଅକ୍ତିଆର କରେ
ବଗିଚାରେ ଯାଅ ବୁଲି ।
ପ୍ରେମଭାବ ଯେବେ ଜାଗଇ ମନରେ
ଦେଖ ବିଶ୍ୱ କି ସୁନ୍ଦର,
ଭକ୍ତିଭାବ ଯେବେ ଜାଗଇ ମନରେ
ବୃକ୍ଷଟିକୁ ପୂଜା କର ।

ଈଶ୍ୱରଙ୍କୁ ଯଦି ଦେଖିବାକୁ ଚାହଁ
ସଭିଙ୍କ ଭିତରେ ଦେଖ
ଜନମ ସହିତ ଋଣିଛନ୍ତି ସବୁ
ମନେ କୃତଜ୍ଞତା ରଖ ।

ଫକୀରମୋହନ ପାଠଶାଳା, ଉମରକୋଟ,
ନବରଙ୍ଗପୁର

ନୀତି ମୁକ୍ତା ମାଳା

✤ ପ୍ରତ୍ୟେକ ଶିକ୍ଷକ ଦିନେ ଛାତ୍ର ଥିଲେ । ପ୍ରତ୍ୟେକ ବିଜେତା ଦିନେ ପରାଜିତ ହୋଇଥିଲେ । ପ୍ରତ୍ୟେକ କାର୍ଯ୍ୟଦକ୍ଷ ବ୍ୟକ୍ତି ଦିନେ କାର୍ଯ୍ୟ ଆରମ୍ଭର ସୂତ୍ରଧର ଥିଲେ । ମାତ୍ର ଏ ସମସ୍ତେ ଜ୍ଞାନ ଓ ଅନୁଭୂତିର ସେତୁକୁ ଅତିକ୍ରମ କରିଛନ୍ତି ।

✤ କେବେକେବେ କ୍ରୋଧ ହାସ୍ୟଠାରୁ ଅଧିକ ଆବଶ୍ୟକ ହୋଇଥାଏ । କାରଣ ହାସ୍ୟ ତ ସମସ୍ତଙ୍କ ପାଇଁ, ହେଲେ କ୍ରୋଧ ସେଇମାନଙ୍କ ପାଇଁ ଥାଏ, ଯେଉଁମାନେ ଏହାକୁ ଦୂରେଇବାକୁ ଚାହାନ୍ତି ନାହିଁ ।



ସଂସ୍କାରକ ଶ୍ରଦ୍ଧାନନ୍ଦ

ଶ୍ରୀ ରାମଚନ୍ଦ୍ର ସାହୁ

ଭାରତ ଯୁଗେ ଯୁଗେ ଧର୍ମର ଦେଶ ଭାବେ ସମଗ୍ର ବିଶ୍ୱରେ ପରିଚିତ ହୋଇଛି । ଧର୍ମକ୍ଷେତ୍ରରେ ଭାରତକୁ ବିଶ୍ୱର ଧର୍ମଗୁରୁ ଭାବେ ବିଶ୍ୱବାସୀ ଭାବିଛନ୍ତି । ଆଲୋକ ଯେପରି ଅନ୍ଧକାରକୁ ଦୂର କରେ, ସେହିପରି ଜ୍ଞାନ ଏବଂ ଧର୍ମ ମଣିଷ ମନର ଅହଂକାର ଏବଂ କୁପ୍ରବୃତ୍ତିକୁ ଦୂର କରିପାରେ । ଭାରତବର୍ଷର ଧର୍ମକୁ ଯୁଗେ ଯୁଗେ ଏହାର ପୁତ୍ରରୂପୀ ହିନ୍ଦୁ ସନ୍ଥମାନେ ରକ୍ଷା କରି ଆସିଛନ୍ତି । ଆମେ ସେମାନଙ୍କୁ ଧର୍ମଗୁରୁର ଆଖ୍ୟା ଦେଇଥାଉ । ଭାରତମାତାର ଅନେକ ବଳିଷ୍ଠ ବ୍ୟକ୍ତିତ୍ୱ ଧର୍ମକୁ ଧାରଣ କରି ଭାରତୀୟ ତଥା ବିଶ୍ୱ ସମାଜକୁ ବାଟ ଦେଖାଇଛନ୍ତି । ସେମାନଙ୍କ ମଧ୍ୟରେ ସ୍ୱାମୀ ଶ୍ରଦ୍ଧାନନ୍ଦଜୀ ଅନ୍ୟତମ ।

ଶ୍ରଦ୍ଧାନନ୍ଦଜୀ ପଞ୍ଜାବର ଜଳନ୍ଧର ସହରର ବିଚାରାଳୟରେ ଜଣେ ଆଇନଜୀବୀ ଭାବେ କାର୍ଯ୍ୟ କରୁଥାନ୍ତି । ସମଗ୍ର ରାଜ୍ୟରେ ଜଣେ ବିଖ୍ୟାତ ଓକିଲ ଭାବେ ତାଙ୍କର ନାମ ଥାଏ । ପ୍ରତିଦିନ ସେ ଅନେକ ଲୋକଙ୍କ ସଂସ୍ପର୍ଶରେ ଆସୁଥାନ୍ତି । ପେସାରେ ଓକିଲ ଥିଲେ ମଧ୍ୟ ମନ ତାଙ୍କର ଥାଏ ଭାରତର ମହାନ ସଂସ୍କୃତିର ସୁରକ୍ଷା ଦିଗରେ । ସେତେବେଳେ ଭାରତରେ ବ୍ରିଟିଶ ଶାସନ ଚାଲିଥାଏ । ଯୁବକମାନେ ଇଂରାଜୀ ଭାଷା ଶିକ୍ଷା କରି ବିଲାତୀୟ ସଂସ୍କୃତି ଅଭିମୁଖୀ ହେଉଥାନ୍ତି । ସେମାନଙ୍କର ବେଶଭୂଷା ତଥା ଆଚାର-ବିଚାର ମଧ ଇଂରାଜୀ ଭାଷାର ପ୍ରଭାବ ଯୋଗୁଁ ବଦଳି ଯାଉଥାଏ । ଶ୍ରଦ୍ଧାନନ୍ଦଙ୍କୁ ଏ ପ୍ରକାର ଆଚରଣ ଆଘାତ ଦେଲା ।

ସେ ଭାବିଲେ– ଭାରତର ଭବିଷ୍ୟତ କର୍ଣ୍ଣଧାରମାନେ ଯଦି ସ୍ୱଦେଶ ସଂସ୍କୃତିପ୍ରିୟ ନ ହେବେ, ତେବେ ଭାରତର ଧର୍ମଧାରାର ସଂପୂର୍ଣ୍ଣ ବିଲୋପ ଘଟିବ । ଏହି ଘଟଣା ଉପରେ ଶ୍ରଦ୍ଧାନନ୍ଦଜୀ ଗଭୀର ଭାବରେ ଚିନ୍ତନ ଏବଂ ମନନ କରିବାକୁ ଲାଗିଲେ । ଅନ୍ୟକୁ ମଧ ପ୍ରବର୍ତ୍ତାଇଲେ । ସଂସ୍କୃତିର ସୁରକ୍ଷା ପାଇଁ କାମକଲେ । ଶେଷରେ ତାଙ୍କର ଜୟ ହେଲା ।

ସେତେବେଳକୁ ପଞ୍ଜାବ ରାଜ୍ୟରେ ଗଠିତ ହୋଇଥାଏ ଆର୍ଯ୍ୟ ପ୍ରତିନିଧି ସଭା । ଏହାର ପ୍ରଥମ ଅଧ୍ୟକ୍ଷ ଥିଲେ ମୁନ୍‌ସୀ ରାମଜୀ । ଏହି ସଭା ଦିନେ ବୈଠକରେ ସ୍ଥିରକଲା– ଭାରତରେ ଏପରି ଏକ ବିଦ୍ୟାଳୟ ପ୍ରତିଷ୍ଠା କରିବ, ଯେଉଁଥିରେ କି ଶିଷ୍ୟମାନଙ୍କୁ ଭାରତର ମହାନ ଆଦର୍ଶ ଶିକ୍ଷା ଦିଆଯିବ । ଏହାର ନାମ ଗୁରୁକୁଳ ରଖାଯିବ । ମହାନ୍ ଗୁରୁ ଶ୍ରଦ୍ଧାନନ୍ଦଜୀ ପୂର୍ବରୁ ମୁନ୍‌ସୀ ରାମଜୀ ନାମରେ ନାମିତ ଥିଲେ । ସେ ତ ଜଣେ ଧାର୍ମିକ ଏବଂ ସଂସ୍କୃତିଚେତା ବ୍ୟକ୍ତି ଥିଲେ । ତେଣୁ ଗୁରୁକୁଳ ପ୍ରତିଷ୍ଠା ଦିଗରେ ସେ ଅଧିକ ଯତ୍ନବାନ ହେଲେ । ନିଷ୍ଠାର ସହିତ କାର୍ଯ୍ୟକଲେ ।



ଗୁରୁକୁଳ ପ୍ରତିଷ୍ଠା ପାଇଁ ତିରିଶ ହଜାର ଟଙ୍କା ଖର୍ଚ୍ଚ ଅଟକଳ କରାଗଲା । ସମସ୍ତେ ଚିନ୍ତାରେ ପଡ଼ିଲେ । ପ୍ରତିଜ୍ଞା କରି ଶ୍ରଦ୍ଧାନନ୍ଦଜୀ କହିଲେ– ତିରିଶ ହଜାର ଟଙ୍କା ଯୋଗାଡ଼ ନ ହେବା ଯାଏଁ ମୁଁ ଘରକୁ ଫେରିବି ନାହିଁ । ସତକୁ ସତ ସେ ଘରକୁ ନ ଯାଇ ଜଳନ୍ଧରରେ ଆର୍ଯ୍ୟସମାଜ ମନ୍ଦିରରେ ରହିଲେ । ଭାରତର ବହୁ ସହର ବୁଲି ସେ ଗୁରୁକୁଳ ପାଇଁ ଚାଳିଶ ହଜାର ଟଙ୍କା ଯୋଗାଡ଼ କରିପାରିଥିଲେ । ହିମାଳୟ ନିକଟସ୍ଥ ତରାଇ ଜଙ୍ଗଲରେ ତିଆରିହେଲା ଏକ ଆଦର୍ଶ ଗୁରୁକୁଳ । ସେଠାରେ ଇଂରାଜୀ ବଦଳରେ ହିନ୍ଦୀ ଭାଷାରେ ଶିକ୍ଷା ଦିଆଗଲା । ଗୁରୁ ଶ୍ରଦ୍ଧାନନ୍ଦ ମାତୃଭାଷାରେ ଶିକ୍ଷାକୁ ଅଧିକ ଗୁରୁତ୍ୱ ଦେଉଥିଲେ ।

ଗୁରୁ ସ୍ୱାମୀ ଶ୍ରଦ୍ଧାନନ୍ଦ ଜାତୀୟ କଂଗ୍ରେସର ଜଣେ ତୁଙ୍ଗ ନେତା ଥିଲେ । ଅସହଯୋଗ ଆନ୍ଦୋଳନ ସମୟର କଥା । ଦିଲ୍ଲୀରେ ହରତାଳ ପାଳନ କରାଯାଉଥିଲା । ସ୍ୱାମୀଜୀ ସମସ୍ତଙ୍କୁ ଶାନ୍ତ କରାଉଥାନ୍ତି । ହିଂସା ଠାରୁ ଦୂରରେ ରହିବା ପାଇଁ ଉପଦେଶ ଦେଉଥାନ୍ତି । ବିଶାଳ ଜନତା ପଟୁଆରରେ ଆଗେଇ ଚାଲିଥାନ୍ତି । ଏହି ସମୟରେ ଇଂରେଜ ପୁଲିସ୍ ଗୁଳି ଚଳାଇଲେ । ସ୍ୱାମୀଜୀ ପୁଲିସକୁ କଡ଼ା ଜବାବ ଦେଇ କହିଲେ– ‘‘ଆମେ ଅହିଂସା ଉପାୟରେ ହରତାଳ ପାଳନ କରୁଛୁ । ତୁମେ ଆମକୁ ଗୁଳି ମାରୁଛ କାହିଁକି ?’’ ସ୍ୱାମୀଜୀଙ୍କ ସାହସ ଦେଖି ପୁଲିସମାନେ ଆଶ୍ଚର୍ଯ୍ୟ ହେଲେ । ଠିକ୍ ଏତିକିବେଳେ ଜଣେ ଇଂରେଜ ସେନାଧିକାରୀ ଘୋଡ଼ାରେ ଚଢ଼ି ସେଠାରେ ପହଞ୍ଚିଲେ । ସ୍ୱାମୀଜୀ ତାଙ୍କୁ ପ୍ରଶ୍ନ କଲେ– ‘‘ଆମକୁ ଗୁଳି କରାଗଲା କାହିଁକି ?’’ ଇଂରେଜ ଅଧିକାରୀ ସହସା ପୁଲିସ ବାହିନୀକୁ ଫେରାଇନେଲେ । ଶ୍ରଦ୍ଧାନନ୍ଦଜୀଙ୍କ ମନର ଦୃଢ଼ତା ଏବଂ ସାହସିକତା ଏଥିରୁ ସହଜରେ ଜାଣିହୁଏ ।

ସେତେବେଳେ ହରିଜନମାନଙ୍କୁ ଧର୍ମାନ୍ତର କରାଯାଉଥିଲା । ସ୍ୱାମୀଜୀଙ୍କ ଚେଷ୍ଟା ଫଳରେ ସେମାନେ ପୁନର୍ବାର ସ୍ୱଧର୍ମକୁ ପ୍ରତ୍ୟାବର୍ତ୍ତନ କଲେ । ଅସ୍ପୃଶ୍ୟତା ଦୂରୀକରଣ ପାଇଁ ତାଙ୍କର ଅବଦାନ ସତରେ ସ୍ମରଣୀୟ । ସଂସ୍କାରକାର୍ଯ୍ୟ ଚଳାଇ କଳୁଷିତ ହିନ୍ଦୁ ସମାଜକୁ ସେ ନୂତନ ରୂପ ଦେଇପାରିଥିଲେ । ଆଜି ସେ ନିଜର କର୍ମବଳରେ ଅମର ।

ତେନ୍ତୁଳିନଣ୍ଡା, ଡିମ୍ବୋ, କେନ୍ଦୁଝର- ୭୫୮୦୧୪

ଅମୂଲ୍ୟ ଧନ

ଶ୍ରୀ ନଟବର ସାହୁ

ଜଣେ କାଠୁରିଆ ପ୍ରତିଦିନ ଜଙ୍ଗଲରୁ କାଠ ସଂଗ୍ରହ କରି ବଜାରରେ ବିକେ । ଯାହା ପଇସା ପାଏ, ସେଥିରେ ତାର କୁଟୁମ୍ବ ଚଳେ । ଯଦି କୌଣସି ଦିନ ଅସୁସ୍ଥ ହେବା ବା ଅନ୍ୟ କିଛି କାରଣ ପାଇଁ କାଠ କାଟିବାକୁ ଯାଇପାରେନା, ସେଦିନ ତା' ପରିବାର ଭୋକ ଉପାସରେ ରହିବାକୁ ବାଧ୍ୟ ହୁଅନ୍ତି । ତେଣୁ କାଠ ସଂଗ୍ରହ କରି ବିକି ତା ପରିବାର ଚଳାଏ ।

ଥରେ କାଠୁରିଆ କାଠ କାଟି ମୁଣ୍ଡରେ ମୁଣ୍ଡାଇ ଆସୁଥିବା ବେଳେ ଜଣେ ସନ୍ନ୍ୟାସୀଙ୍କୁ ରାସ୍ତାରେ ଭେଟିଲା । ସେ କାଠ ବୋଝକୁ ତଳେ ଥୋଇ ସନ୍ନ୍ୟାସୀଙ୍କୁ ପ୍ରଣାମ କରି କହିଲା, ''ମୁଁ ବହୁତ କଷ୍ଟ କରି କାଠ କାଟି ବଜାରରେ ବିକି ଯାହା ପଇସା ମିଳୁଛି, ସେଇଥିରେ ମୋ ପରିବାର ଚଳାଉଛି । ମୋ କପାଳରେ ଏପରି କଷଣ ଲେଖା ହୋଇଛି, ମୁଁ କ'ଣ ଧନୀ ହୋଇପାରିବିନି ?''

ସନ୍ନ୍ୟାସୀ କହିଲେ– ତୁମେ କାହିଁକି ଧନୀ ହୋଇପାରିବ ନାହିଁ । ନିଶ୍ଚୟ ହେବ, ତେବେ ଏଥିପାଇଁ ଏକ କଷ୍ଟ ସ୍ୱୀକାର କରିବାକୁ ପଡ଼ିବ ।

କାଠୁରିଆ କହିଲା– ଯେତେ କଷ୍ଟ ହେଲେ ମଧ୍ୟ ମୁଁ ତାହା କରିପାରିବି । ସନ୍ନ୍ୟାସୀ କହିଲେ– ମୁଁ ଧ୍ୟାନ କରି ଜାଣିପାରିଛି, ତୁମର ଦୁଇଟି ପୁଅ ଅଛନ୍ତି । ସେଇ ଦୁଇପୁଅ ମଧ୍ୟରୁ ମୋତେ ଗୋଟିଏ ପୁଅ ଦେବାକୁ ହେବ । ପ୍ରତି ବଦଳରେ ମୁଁ ତୁମକୁ ହୀରାର ପଥର ଦେବି । ତାକୁ ତୁମେ ବିକି ରାତାରାତି ଧନୀ ହୋଇଯିବ । ଆଉ ତୁମକୁ କଷ୍ଟ ସ୍ୱୀକାର କରିବାକୁ ପଡ଼ିବ ନାହିଁ ।

କାଠୁରିଆ ଏକଥା ଶୁଣି ଘରକୁ ଧାଇଁଲା । ତା' ସ୍ତ୍ରୀ ସହ ଆଲୋଚନା କରି ସାନପୁଅକୁ ସନ୍ନ୍ୟାସୀଙ୍କୁ ଦେବାକୁ ସ୍ଥିରକଲା । ବଂଶରକ୍ଷା ପାଇଁ ଗୋଟିଏ ପୁଅ ତ ଯଥେଷ୍ଟ । ତେଣୁ ସାନପୁଅକୁ ଦେଇ ସନ୍ନ୍ୟାସୀଙ୍କଠାରୁ ହୀରାର ପଥର ଆଣିଲା । କାଠୁରିଆ ହୀରା ପଥର ନେଇ ବଜାରକୁ ଧାଇଁଲା । ବଣିଆକୁ ହୀରା ପଥର ଦେଇ ପ୍ରତି ବଦଳରେ ଟଙ୍କା ଦେବାକୁ କହିଲା । ବଣିଆ ପଥର ପରୀକ୍ଷା କରି କହିଲା, ''ଏହା ହୀରାର ପଥର ନୁହେଁ । ଏହା ନକଲି ।''

କାଠୁରିଆ ମୁଣ୍ଡରେ ଚଡ଼କ ପଡ଼ିଲା । ସେ ପଥରକୁ ଧରି ସନ୍ନ୍ୟାସୀ ପାଖକୁ ଧାଇଁଲା । ପଥରକୁ ସନ୍ନ୍ୟାସୀଙ୍କୁ

ଫେରାଇଦେଇ କହିଲା, ''ତୁମେ ଜଣେ ଧୋକାବାଜ୍ । ପଥରଟି ହୀରା ନୁହେଁ; ଏହା ନକଲି ପଥର ।''

ସନ୍ନ୍ୟାସୀ ହସି ହସି କହିଲେ, ''ଧନ ଲୋଭରେ ତୁମେ ହୀରାସମ ସନ୍ତାନକୁ ମୋତେ ଦେବାକୁ ପଛେଇଲ ନାହିଁ । ମଣିଷ ଧନ ପାଇଁ ବେଳେବେଳେ ଅତି ନିମ୍ନସ୍ତରକୁ ଚାଲିଯାଆନ୍ତି । ମନେରଖ, ହୀରା ପରି ଅମୂଲ୍ୟ ସନ୍ତାନକୁ ବେଳେବେଳେ ମଣିଷ ଠକ ହାବୁଡ଼ରେ ପଡ଼ି ଦେଇଦେବାକୁ ପଛାଇ ନ ଥାନ୍ତି । ମୁଁ ତୁମକୁ ପରୀକ୍ଷା କରୁଥିଲି । ହୀରା - ମୋତି - ମାଣିକଠାରୁ ସନ୍ତାନସନ୍ତତି ଖୁବ୍ ମୂଲ୍ୟବାନ । ମରୀଚିକା ପଛରେ ଧାଇଁଲେ ନିରାଶ ହେବାକୁ ପଡ଼େ ।'' ଏହା କହି କାଠୁରିଆକୁ ତା' ପୁଅ ଫେରାଇଦେଲେ । ନିଜର ସନ୍ତାନସନ୍ତତି ପ୍ରକୃତରେ ନିଜ ପାଇଁ ଅମୂଲ୍ୟଧନ ।

ଏଲ୍-୩୮, ବରମୁଣ୍ଡା, ଭୁବନେଶ୍ୱର-୩

ଗାଞ୍ଜିଆ

ଶ୍ରୀ ଅଚ୍ୟୁତାନନ୍ଦ ବିଶ୍ୱାଳ



ପୂରୁବ କାଳରେ ଗାଞ୍ଜିଆରେ ଟଙ୍କା
ରଖୁଥିଲେ ଲୋକମାନେ,
କମରରେ ଖୋସି ମନେ ହୋଇ ଖୁସି
ଯାଉଥିଲେ ଦୂର ସ୍ଥାନେ ।
ସେହି ସମୟରେ ବଜାରେ ଗାଞ୍ଜିଆ
ମିଳୁଥିଲା ସହଜରେ
ଉପଯୁକ୍ତ ମୂଲ୍ୟ ଦେଇ ତାକୁ କିଣି
ଆଣୁଥିଲେ ତାକୁ ଘରେ ।

ସମୟ କ୍ରମରେ ସବୁ ତ ବଦଳେ
ଗାଞ୍ଜିଆ ବି ବଦଳିଲା
ମନିପର୍ସ ଏବେ ତାର ସ୍ଥାନ ନେଇ
ଲୋକ ହାତକୁ ଆସିଲା ।
ପଇସା ରଖିବା ହୋଇଲା ସହଜ
ପାର୍ଶ୍ୱ ବା ପଛ ପକେଟେ
ଆବଶ୍ୟକ ବେଳେ ତାହାକୁ କାଢ଼ିବା
ଅସୁବିଧା ନାହିଁ ମୋଟେ ।
ଲୋକ ଗହଳିରେ ଅତି ସାବଧାନ
ହେବା ଆମେ ସେଥିପାଇଁ
ଟିକିଏ ଅସାବଧାନ ହେଲେ ଲୋକ
କରିବେ ହାତ ସଫେଇ ।
ଗାଞ୍ଜିଆ ଅଭାବେ ଆମ ପୂର୍ବ ପର-
ମ୍ପରା ଲୋପ ପାଇଅଛି
ସଂଗ୍ରହାଳୟରେ ପାଇଣ ସେ ସ୍ଥାନ
ଅତୀତ ସୂଚାଉଅଛି ।

ମହୁକୁଦ, ସରାପାଲି, ରେଢ଼ାଖୋଲ,
ସମ୍ବଲପୁର- ୭୬୮୧୦୬

ଲେଖନୀର ପାଠଶାଳା

ଓଡ଼ିଆରେ ଲେଖିବାବେଳେ କେଉଁ କେଉଁ ଶବ୍ଦ ଲାଗି ଲାଗି ରହିବ ବା ଛାଡ଼ି ରହିବ, ତାହା ନିୟମ ଅନୁସାରେ ଲେଖାଯାଉ ନ ଥିବାରୁ ଛପା ବହିରେ ମଧ୍ୟ କୌଣସି ସମତା ରହୁନାହିଁ । ଛାପାଖାନାର ପ୍ରୁଫ୍ ରିଡର୍‌ମାନେ କେତେବେଳେ ପାଣ୍ଡୁଲିପିକୁ ଅନୁସରଣ କରି, କେତେବେଳେ ବା ନିଜର ବୁଦ୍ଧି ଅକଲ ଖଟାଇ ସଂଶୋଧନ କରୁଛନ୍ତି । ଫଳରେ କେଉଁଠି 'ମୋହନ ବାବୁ, ବହି ଗୁଡ଼ାକ, ଔଷଧ ଦ୍ୱାରା' ଛପାଯାଉଛି ତ, ଅନ୍ୟ କେଉଁଠି 'ମୋହନବାବୁ, ବହିଗୁଡ଼ାକ, ଔଷଧଦ୍ୱାରା'– ଏପରି ଛପାଯାଉଛି । କ୍ରିୟାପଦକୁ ସେହିପରି ଭିନ୍ନ ଭିନ୍ନ ପ୍ରକାର ଲେଖାଯାଉଛି । ଛପା ବହି ଦେଖିଲେ ଏହାର ଦୃଷ୍ଟାନ୍ତ ମିଳିଯିବ । ଗୋଟିଏ ବହିରେ 'ଦେଖି ପାରିବ' ଅନ୍ୟ ବହିରେ 'ଦେଖିପାରିବ' ଛପାଯାଇଛି । କିନ୍ତୁ ଏପରି ହେବା କ'ଣ ଉଚିତ ? ଠିକ୍ କେଉଁଟା ?

'ମୃତ ବ୍ୟକ୍ତି' ଓ 'ମୃତବ୍ୟକ୍ତି'– ଏ ଦୁଇଟି ମଧ୍ୟରୁ କେଉଁ ପଦ୍ଧତିଟି ଠିକ୍ ? ପ୍ରଥମଟି ତ ନିଶ୍ଚୟ ଠିକ୍– କାରଣ ମୃତ (ବିଶେଷଣ) ଓ ବ୍ୟକ୍ତି (ବିଶେଷ୍ୟ)– ଏ ଦୁଇଟି ପୃଥକ୍ ଶବ୍ଦ । ଇଂରାଜୀରେ ଲେଖାଯାଏ dead man (deadman କେବେ ନୁହେଁ) । ତେବେ ଦ୍ୱିତୀୟ ପ୍ରକାରକୁ ସମ୍ପୂର୍ଣ୍ଣ ଭୁଲ୍ କହିହେବ ନାହିଁ, କାରଣ ଆମ ବ୍ୟାକରଣରେ ବିଶେଷଣ ଓ ବିଶେଷ୍ୟର ସଂଯୋଗରେ କର୍ମଧାରୟ ସମାସ ହୁଏ, ଯେପରି ସତ୍‌ପୁରୁଷ, ପ୍ରିୟସଖା ଇତ୍ୟାଦି । ଏହି ଯୁକ୍ତିରେ 'ମୃତବ୍ୟକ୍ତି' ମଧ୍ୟ ଠିକ୍ । ତେବେ ଏଭଳି ଦୁଇଟି ଶବ୍ଦକୁ ପୃଥକ୍ ରଖିଲେ ଅଧିକ ସୁବୋଧ ହୁଏ ।

'ପଙ୍କଜ ବାବୁ'– ଏହାକୁ ପୃଥକ୍ ନ ରଖି ଲଗାଇରଖିବା ଉଚିତ, ଯେହେତୁ ତାହା ଜଣେ ଲୋକକୁ ବୁଝାଉଛି । ସେହିପରି 'ହରିଭାଇନା' 'ଚାଷୀଭାଇ' 'ବାଘମାମୁ' ଇତ୍ୟାଦିକୁ ଗୋଟିଏ ଶବ୍ଦ ବିଚାରି ଲଗାଇ ଲେଖିବା ଭଲ । ଖବରକାଗଜ, ସମ୍ବାଦପତ୍ର, ଦୂରଦର୍ଶନ, ଲୋକଜଣକ ପ୍ରଭୃତି ମଧ୍ୟ ଏହି ଶ୍ରେଣୀର ।

ବହୁବଚନ ଚିହ୍ନ– ମାନେ, ଗୁଡ଼ିକ, ଯାକ, ସମୂହ ପ୍ରଭୃତିକୁ ମୂଳ ଶବ୍ଦଠାରୁ ଛଡ଼ାଇ ରଖିବା ଭୁଲ୍ । ଅନ୍ୟାନ୍ୟ ବିଭକ୍ତି ଚିହ୍ନ ଦ୍ୱାରା, ରୁ, ରେ, କୁ, ଠାରୁ ମଧ୍ୟ ମୂଳ ଶବ୍ଦ ସଙ୍ଗେ ଲାଗିରହିବା କଥା । ବହି ଗୁଡ଼ିକ, ପିଲାଙ୍କ ଦ୍ୱାରା, ରବିବାର ଠାରୁ, ପୃଥିବୀ ର– ଏପରି ଲେଖିବା ଠିକ୍ ନୁହେଁ ।

କ୍ରିୟାପଦମାନ ଯେଉଁଠି ଦୁଇ ଭାଗ ହୋଇଥାଏ, ସେଠାରେ କିପରି ଲେଖାଯିବ ମନରେ ସନ୍ଦେହ ଆସେ । 'ଖାଇ ପାରୁଛି' ନା 'ଖାଇପାରୁଛି' ? 'କରା ଯାଇଥାଏ' ନା 'କରାଯାଇଥାଏ' ? 'ବୁଝାଇ ଦେବି' ନା 'ବୁଝାଇଦେବି' ?– ଏପରି ସ୍ଥଳରେ କ୍ରିୟାର ଦୁଇ ଅଙ୍ଗକୁ ଅଲଗା ରଖିବାରେ କୌଣସି ଅର୍ଥ ନାହିଁ ।

'ଏହା ଶୁଣି' ଓ 'ଏହା ପରେ' ଏକଜାତୀୟ ନୁହେଁ । ପ୍ରଥମଟିକୁ ଏକାଠି କରିଦେବା ଭୁଲ । କାରଣ

ସେ ଦୁଇଟି ପୃଥକ୍ ଶବ୍ଦ, ମାତ୍ର ଏହାପରେ, ତା'ପୂର୍ବରୁ, ଏଥିପାଇଁ– ଏସବୁକୁ ମିଶାଇ ଲେଖାଯିବା ଆବଶ୍ୟକ ।

ହଳନ୍ତ(୍) ଉଚ୍ଚାରିତ ଶବ୍ଦ ଆଜିକାଲି ପୂର୍ବାପେକ୍ଷା ବଢ଼ିଗଲାଣି । ଆମେ ଅନେକ ଇଂରାଜୀ ଶବ୍ଦ ଓ ହିନ୍ଦୀ ଶବ୍ଦ ବ୍ୟବହାର କରୁଛୁ । କେତେଗୁଡ଼ିଏ ଏତେ ସାଧାରଣ ଯେ ହଳନ୍ତ ନ ଦେଲେ ମଧ୍ୟ ଉଚ୍ଚାରଣ ଭୁଲ୍ ହେବ ନାହିଁ । ସ୍କୁଲ, କ୍ଲାସ, ପୋଲିସ, ସାଇକେଲ, ଷ୍ଟେସନ, ଡାକ୍ତର, କ୍ରିକେଟ, ଅଫିସ ଭଳି ଶବ୍ଦରେ ହଳନ୍ତ ଦେବା ଆବଶ୍ୟକ ନାହିଁ । ଆମେ ଯେପରି ଭଗବାନ, ସାବୁନ, ମହେଶ, ଚମତ୍କାର, ପ୍ରଭୃତି ଶବ୍ଦକୁ ହଳନ୍ତ ନ ଦେଇ ମଧ୍ୟ ହଳନ୍ତ ଥିବାପରି ଉଚ୍ଚାରଣ କରୁଛୁ, ତାକୁ ମଧ୍ୟ ସେହିପରି କରିବୁ; କିନ୍ତୁ ଯେଉଁ ଶବ୍ଦ କମ୍ ବ୍ୟବହୃତ ହୁଏ (ଚେସ୍, କ୍ଲିନିକ୍, ଟ୍ରାଫିକ୍, ରକେଟ୍ ପ୍ରଭୃତି) ସେଠାରେ ହଳନ୍ତର ବ୍ୟବହାର ଯୁକ୍ତିଯୁକ୍ତ । ମନେରଖ– ବୃକକ୍, ବୁଦ୍‌ବୁଦ୍, ଉଚିତ୍ ଲେଖିବା ଠିକ୍ ନୁହେଁ; ସେଗୁଡ଼ିକ ବୃକ୍‌କ, ବୁଦ୍‌ବୁଦ, ଉଚିତ ହେବ ।

ଆଜିକାଲି (')ର ବ୍ୟବହାର ବଢ଼ିଯିବାରୁ ଛପା ବହିରେ ସୌନ୍ଦର୍ଯ୍ୟ ରହୁନାହିଁ । ଇଂରାଜୀ Then କୁ 'ତାପରେ' ନ ଲେଖି 'ତା'ପରେ' ଲେଖିବା ଠିକ୍ ; ଯେହେତୁ ଦୀର୍ଘ ଉଚ୍ଚାରିତ ବର୍ଣ୍ଣ ଉପରେ ' ଦିଆଯିବା ବିହିତ; କିନ୍ତୁ ତୋର, ମୋ, ତୋ, ତାର– ଏସବୁ ଚିହ୍ନ ଉପରେ ' ଚିହ୍ନ ଦେଇବସିଲେ ତାର ଅନ୍ତ ରହିବ ନାହିଁ । କଥା ଉପରେ ଜୋର୍ ଦେଲାବେଳେ ଆମେ ଦୀର୍ଘ ଉଚ୍ଚାରଣ କରୁ; ଯଥା– କି ସୁନ୍ଦର ଦିଶୁଛି ! ଯଦି ଏଠି କି' ସୁନ୍ଦର ଲେଖାଯିବ, ତେବେ ଉପର କମା ଚିହ୍ନରେ ପୃଷ୍ଠା ପୂର୍ଣ୍ଣ ହୋଇଯିବ । ପର ସଂଖ୍ୟାରେ ଅଧିକ ଆଲୋଚନା କରିବା ।



ମହାତ୍ମା କୁଇଜ

ଶ୍ରୀ ଜ୍ୟୋତିରଂଜନ ବିଶ୍ୱାଳ

୧। ଗାନ୍ଧିଜୀ କେଉଁ ଶତାବ୍ଦୀରେ ଜନ୍ମଗ୍ରହଣ କରିଥିଲେ ?

୨। ଜାତିର ଜନକ ଭାବରେ ମହାତ୍ମା ଗାନ୍ଧୀଙ୍କୁ ପ୍ରଥମେ କିଏ ସମ୍ବୋଧନ କରିଥିଲେ ?

୩। କେଉଁ ରାଜ୍ୟର ରାଜଧାନୀ ଗାନ୍ଧିଜୀଙ୍କ ନାମ ଅନୁସାରେ ନାମିତ ହୋଇଛି ?

୪। ଓଡ଼ିଶାର କେଉଁ ଜିଲ୍ଲାରେ ଗାନ୍ଧିଜୀଙ୍କ ପାଇଁ ଏକ ମନ୍ଦିର ନିର୍ମିତ ହୋଇଛି ?

୫। ଭାରତକୁ ଛାଡ଼ି ଆଉ କେଉଁ ଦେଶରେ ଗାନ୍ଧିଜୀଙ୍କ ନାମରେ ଅଧିକ ରାସ୍ତାର ନାମକରଣ କରାଯାଇଛି ?

କ) ପାକିସ୍ତାନ, ଖ) ଯୁକ୍ତରାଷ୍ଟ୍ର ଆମେରିକା, ଗ) ଦକ୍ଷିଣ ଆଫ୍ରିକା, ଘ) ନେଦରଲ୍ୟାଣ୍ଡସ୍ ।

୬। ଗାନ୍ଧିଜୀଙ୍କ ସମ୍ମାନାର୍ଥେ ମିଳିତ ଜାତିସଂଘ କେଉଁ ଦିବସଟିକୁ ଆନ୍ତର୍ଜାତିକ ଅହିଂସା ଦିବସ ଭାବରେ ପାଳନ କରୁଛି ?

୭। ଗାନ୍ଧିଜୀଙ୍କର ରାଜନୈତିକ ଗୁରୁ କିଏ ଥିଲେ ?

୮। 'ଗାନ୍ଧି କାହାଣୀ' ପୁସ୍ତକର ରଚୟିତା କିଏ ?

୯। ଗାନ୍ଧିଜୀଙ୍କର ଆତ୍ମଜୀବନୀ ପୁସ୍ତକର ନାମ କ'ଣ ?

୧୦। କେଉଁ ଆତତାୟୀ କେଉଁହନ୍ତାର
ତାକୁ ଆଜି ମାରିପାରେ ?

ଚଇତନବାବୁ ଚେତିଲେ

ଶ୍ରୀ କୈଳାସ ଚନ୍ଦ୍ର ସାହୁ

ଚିତାକଟା ଗାଆଁରେ ଚଇତନବାବୁଙ୍କ ଘର । ଚଇତନବାବୁ ଦେଖିବାକୁ ଗେଡ଼ା; ଅଥଚ ପୃଥୁଳକାୟ । ଚନ୍ଦାମୁଣ୍ଡ । ଲଲାଟରେ ସବୁବେଳେ ଶୋଭାପାଉଥାଏ ତିଳକ ଚିତା । ପରିଧାନ ଧୋତି କୁରୁତା । କଥା କହି ଲୋକଙ୍କୁ ଚିତା କାଟିବାରେ ଓସ୍ତାଦ । କ୍ଷୀରରେ ସିନା ସର ପଡ଼େ; କିନ୍ତୁ କଥା କହି ସେ ପାଣିରେ ସର ପକାଇ ଦିଅନ୍ତି । ଅମାପ ଧନସମ୍ପତ୍ତି । ଲୋକେ କହନ୍ତି– ଏସବୁ ତାଙ୍କର ଝାଳବୁହା ଧନ ନୁହେଁ । ସରଳ ନିରୀହ ଲୋକଙ୍କୁ ଠକି ଏସବୁ ଧନସମ୍ପତ୍ତି କରିଛନ୍ତି ।

ଦିନେ ଚଇତନବାବୁଙ୍କ ଘରକୁ ତାଙ୍କ ଦି'ଝିଅ, ଦି'ଜ୍ୱାଇଁ, ନାତିନାତୁଣୀ ବୁଲିବାକୁ ଆସିଥାନ୍ତି । ଝିଅ ଜ୍ୱାଇଁଙ୍କୁ ଦେଖି ଚଇତନବାବୁଙ୍କ ସ୍ତ୍ରୀ କହିଲେ, ''ହଇହେ, ଅନେକ ଦିନ ପରେ ସେମାନେ ଆସିଛନ୍ତି । ଆଇଁଷ ଝୋଳ ଟିକିଏ ନକଲେ ଭଲ ହେବନି । ତମେ ବଜାରକୁ ଯାଇ ମାଛ ଆଣ ।''

ଚଇତନବାବୁ ହିସାବ କରି ଦେଖିଲେ, ଝିଅ-ଜ୍ୱାଇଁ ନାତିନାତୁଣୀ ମିଶି ଦଶଜଣ । ଏଣେ ପୁଅବୋହୂ ନାତିନାତୁଣୀ ମିଶି ଆଠଜଣ । ଅତି କମ୍‌ରେ ଚାରି କିଲୋ ମାଛ ଦରକାର । ପକେଟ୍ ଅଣ୍ଡାଳି ଦେଖିଲେ ମାତ୍ର ଶହେଟି ଟଙ୍କା ପଡ଼ିଛି । ମାଛ ଆଣିବେ କେମିତି ! ମନେପଡ଼ିଗଲା ତାଙ୍କର ଭଗିଆ ମାଛ ବେପାରୀ କଥା । ବଜାରରେ ଭଗିଆର ମାଛ ଦୋକାନ ଅଛି । ଚଇତନବାବୁ ତାର ନାଗୁଆ ଗରାଖ । ମାସରେ ଆଠଥର ତା'ଠୁ ମାଛ ଆଣନ୍ତି । ତେଣୁ ଆଉ କାଳବିଳମ୍ବ ନକରି ସାଇକେଲଟି ଧରି ଚାଲିଲେ ବଜାର ଅଭିମୁଖେ ।

ବିରାଡ଼ି କପାଳକୁ ଶିକା ଛିଡ଼ିଲା ଭଳି ସେଦିନ ଦୋକାନରେ ଭଗିଆ ନଥିଲା । ତା' ବୁଢ଼ୀ ମା' ବସିଥିଲା । ଚଇତନବାବୁ ସିଧା ଯାଇ ବୁଢ଼ୀକୁ ପଚାରିଲେ, ''ଭଗିଆ କୁଆଡ଼େ ଗଲା ?''

– ଘରକୁ ଯାଇଛି । ବିଲକାମ ହେଉଛି ତ, ଦେଖିବାକୁ ଯାଇଛି । ବୁଢ଼ୀ କହିଲା ।

– ''ଫେରିବ କେତେବେଳେ ?''

– ''ସେ ଆଜି ଆଉ ଆସିବନି ।''

– ତା'ହେଲେ ତ ବଡ଼ ଅସୁବିଧା ହୋଇଗଲା । ଏବେ ମୁଁ କରିବି କ'ଣ ? ତମକୁ କିଛି କହିଯାଇଛି ?

ଖୁବ୍ ବ୍ୟସ୍ତ ହେବାର ବାହାନା କରି ଚଇତନବାବୁ କାନ୍ଦ କାନ୍ଦ ହୋଇଗଲେ ।

– ''ତା ପାଖରେ କିଛି କାମ ଥିଲା କି ?''

– ''କାମ କଥା କ'ଣ ପଚାରୁଛ ? ଆଜି ମୋ ଘରକୁ କୁଣିଆ ଆସିଛନ୍ତି । ମାଛ ନେବି ବୋଲି ପାଞ୍ଚଶହ ଟଙ୍କା ଧରାଇଦେଇ ପରିବା ଦୋକାନକୁ ଚାଲିଗଲି । ସେଠି

(ଉତ୍ତର ୨୯ ପୃଷ୍ଠାରେ)

ବିଦ୍ୟୁତ କିଏ ଲୁଚାଇ ପାରେ କି
ଘନ ଘୋର ଅନ୍ଧାରେ ?
ବିଦ୍ୟୁତ ଶିଖା ନିଭାଇ ପାରେ କି କେହି ?
ନିର୍ଦ୍ଦେହ ସେ ତ ଅମର ଜୀବନ
ନୁହେଁ ଭଙ୍ଗୁର ଦେହୀ ...... ।

ଦୁର୍ଗାପୁର, ତାଳଚେର, ଅନୁଗୁଳ- ୭୫୯୧୦୦

ଜଣେ ବନ୍ଧୁ ଭେଟ ପଡ଼ିଗଲେ । ତାଙ୍କ ସହିତ ଭଲମନ୍ଦ କଥା ଦି'ପଦ ହେଉ ହେଉ ଟିକିଏ ଡେରି ହୋଇଗଲା । ମୁଁ ଏବେ କରିବି କ'ଣ ? ତମକୁ ଭଲା କହିଯାଇଥାନ୍ତା ! ଚଇତନବାବୁଙ୍କ କହିବା ଶୈଳୀ ଏମିତି ଚମତ୍କାର ଥିଲା ଯେ ବୁଢ଼ୀ ତାଙ୍କ କଥାକୁ ବିଶ୍ୱାସ କରିଗଲା । ସେ କହିଲା, ''ପୁଅର କହିବାକୁ ମନେ ନଥିବ । ଆପଣ ଏମିତି ବ୍ୟସ୍ତ କାହିଁକି ହେଉଛନ୍ତି ? ମୁଁ ତ ଅଛି । ମାଛ ନେଇଯାଆନ୍ତୁ ।''

ବୁଢ଼ୀ ପାଞ୍ଚଶହ ଟଙ୍କାର ମାଛ କାଟି ଚଇତନବାବୁଙ୍କ ହାତକୁ ବଢ଼ାଇଦେଲା । ମନ ତାଙ୍କର ଖୁସିରେ ନାଚିଉଠିଲା । ଯା'ହେଉ ମାଗଣାରେ ମାଛ ମିଳିଗଲା । ସେ ଆଉ ମୁହୂର୍ତ୍ତେ ବିଳମ୍ବ ନକରି ଗୃହ ଅଭିମୁଖେ ଯିବାକୁ ଲାଗିଲେ । ଡାକେ ବାଟ ଯାଇଛନ୍ତି କି ନାହିଁ ଚଇତନବାବୁଙ୍କୁ ପରିସ୍ରା ଲାଗିଲା । ରାସ୍ତାଠାରୁ ଅଳ୍ପଦୂରରେ ନାଳଟିଏ ଥିଲା । ସେ ରାସ୍ତା କଡ଼ରେ ସାଇକେଲଟାକୁ ଠିଆ କରିଦେଇ ନାଳ ପାଖକୁ ଧପାଲିଲେ । ସେ କାମ ସାରି ଶୌଚ ହେବାକୁ ଗଲାବେଳକୁ କ'ଣ ଗୋଟାଏ ଦୁଲ୍‌କିନା ପଡ଼ିବାର ଶବ୍ଦ ହେଲା । ସେ ବୁଲିପଡ଼ି ଦେଖନ୍ତି ତ ସାଇକେଲଟି ତଳେ ପଡ଼ିଯାଇଛି । ବୁଲା କୁକୁର ଦି'ଟା ମାଛ ଜରିକୁ ଭିଡ଼ିବାରେ ଲାଗିଛନ୍ତି । 'ହାଁ ହାଁ' କହି ସେମିତି ଚଇତନବାବୁ ଉପରକୁ ଉଠିଆସିଲାବେଳକୁ ଗୋଡ଼ ଖସିଗଲା । ନାଳବନ୍ଧର ମାଟି ଚିକିଟା ଥିଲା । ପୂର୍ବଦିନ ରାତିରେ ବର୍ଷା ହୋଇ ତାହା ଖସଡ଼ା ହୋଇଯାଇଥିଲା ।

ଚଇତନବାବୁ ଗଡ଼ି ଗଡ଼ି ଯାଇ ସିଧା ପାଣି ଭିତରେ ପଡ଼ିଲେ । ଭାଗ୍ୟକୁ ନାଳରେ ପାଣି ଅଳ୍ପ ଥିଲା । ଜୀବନ ବଞ୍ଚିଗଲା; ହେଲେ ଉଠିପାରିଲେ ନାହିଁ । ପଡ଼ିଯିବା ଫଳରେ ଗୋଟାଏ ହାତର ହାଡ଼ ଭାଙ୍ଗିଯାଇଥିଲା । ବାମଗୋଡ଼ଟା ଅଣ୍ଟା ପାଖରୁ ଖସିଯାଇଥିଲା । ସେ ବିକଳରେ ଖାଲି ରଡ଼ି କରୁଥାନ୍ତି । ତାଙ୍କ ଡାକଶୁଣି ସେହି ବାଟ ଦେଇ ଯାଉଥିବା ଲୋକେ ତାଙ୍କୁ ଉଦ୍ଧାର କରି ରାସ୍ତା ଉପରକୁ ଆଣିଲେ । କୁକୁର ଦି'ଟା ଆନନ୍ଦରେ ମାଛ ଖଣ୍ଡଗୁଡ଼ିକ ଖାଇବାରେ ଲାଗିଥାନ୍ତି । ବ୍ୟାଗରେ ଥିବା ପରିବାଗୁଡ଼ିକ ଛିନ୍‌ଛତର ହୋଇ ପଡ଼ିଥାଏ । ସାଇକେଲଟି ଚିତ୍ ହୋଇ ପଡ଼ିଥାଏ ।

ଏ ଦୃଶ୍ୟ ଦେଖି ଚଇତନବାବୁଙ୍କ ଆଖିରୁ ଲୁହ ଝରିଆସିଲା । ଚୈତନ୍ୟ ତାଙ୍କର ଉଦୟ ହେଲା । ସେ ବୁଝିପାରିଲେ, ମଣିଷ ସିନା ମଣିଷକୁ ଠକିଦେଇପାରିବ; କିନ୍ତୁ ଈଶ୍ୱରଙ୍କୁ ନୁହେଁ । ଆଜି ଯାହା ଘଟିଗଲା, ତାହା ଥିଲା ତାଙ୍କ ପାଇଁ ଦଇବର ଦଣ୍ଡ । ଖବର ପାଇ ଚଇତନବାବୁଙ୍କ ପୁଅମାନେ ଆସି ତାଙ୍କୁ ମେଡିକାଲକୁ ନେଇଗଲେ । ସୁସ୍ଥ ହୋଇଯିବା ପରେ ଚଇତନବାବୁଙ୍କ ହୃଦୟରେ ଦେଖାଦେଲା ଅଭିନବ ପରିବର୍ତ୍ତନ । ଅସତ୍ ଉପାୟରେ ଠୁଳ କରିଥିବା ଧନକୁ ଦୁଃଖୀରଙ୍କଙ୍କ ସେବାରେ ବିନିଯୋଗ କରିବାରେ ଲାଗିଲେ ।

ବରୀଠେଙ୍ଗଡ଼, ଭା-ଧାନମଣ୍ଡଳ,
ଯାଜପୁର-୭୫୪୦୨୪

ମନର ବଳ ଅସଲ ବଳ

ଶ୍ରୀ ନୀଳମଣି ଚାନ୍ଦ

ଦୁର୍ଘଟଣାରେ ମଣିସାହୁର   ଗୋଡ଼ଟେ କଟିଗଲା
ଅଳପକରେ ମରଣ ମୁହୁଁ   ବର୍ତ୍ତିଗଲାରେ ଭଲା
ଶୁଣି ତ ଦେଲା ଯିଏ,
କହିଲେ ଏଇ ଦୁର୍ଦ୍ଦିନରେ   ସାହା ଯେ ହେବ କିଏ ?

ଗାଆଁ ଜଗନ, ଶମ୍ଭୁଆ ମିଶି   ଓଲଟପୁର ଗଲେ
କୃତ୍ରିମ ଗୋଡ଼ ଲାଗିବା ପାଇଁ   କେତେ ଉଦ୍ୟମ କଲେ
ମଣି ଫେରିଲା ଗାଆଁ,
'ହଜିଲା ଧନ ଯାଇଛି ମିଳି'   କହିଲା ଛାଆଁ ଛାଆଁ ।

ମନର ବଳ କରିଲା ଠୁଳ   ସଞ୍ଚିଥିଲା ସେ ଯାହା
ଛୋଟିଆ ଗୋଟେ ଦୋକାନ ପାଇଁ   ପୁଞ୍ଜିଟି କଲା ଆହା ।
ହେଲା ବେପାର ବଟା,
କହିଲା 'ପ୍ରଭୁ ମୋ ଚଲା ବାଟୁଁ   ଉଠେଇ ଦିଅ କଣ୍ଟା' ।

ବ୍ୟାଙ୍କ ଯାଇ ମ୍ୟାନେଜରଙ୍କୁ   କହିଲା ଦିନେ ମଣି
'ବେପାର ମୋର ବଢ଼ନ୍ତା ଯଦି   ମିଳନ୍ତା କିଛି ଋଣି'
ଋଣ ମଞ୍ଜୁର ହେଲା,
ସେ ଟଙ୍କା ନେଇ ଦୋକାନଟାକୁ   ଭଲ ସଜେଇ ଦେଲା ।

ପୁଅଟି ତା'ର ପଢ଼ିଲା ପାଠ   ଘର ଚଳିଲା ଭଲ
ଲୋଡ଼ା ପଡ଼ିଲେ କହନ୍ତି ଲୋକେ   ମଣି ଦୋକାନ ଚାଲ
ଉଚିତ୍ ଦାମ୍ ନିଏ,
ଭଲ ଜିନିଷ ନଥିଲେ ପାଶେ   ହସି ଫେରେଇ ଦିଏ ।

ଭାବେନି କେବେ ନାହିଁ ତା ଗୋଡ଼   ସେ ଅପାରଗ ବୋଲି
କହେରେ ଦୁର୍ଘଟଣାଟା ଦେଲା   ଭାଗ୍ୟ ଦୁଆର ଖୋଲି
'କର୍ମଟି ଧର୍ମ ମୋର
ତାକୁ ଯେ ଧରି ପ୍ରଗତି ସାଥେ   ଛନ୍ଦିବି ଭାଗ୍ୟ ଡୋର' ।

ଦଶ, ପଚିଶ ଗାଆଁରେ ଶୁଣେ   ମଣିଷ ଗୋଟେ ମଣି
ନରଣପୁର ଗାଆଁରେ ସିଏ   ଏବେ ମଉଡ଼ମଣି
ନ ଥାଉ ଗୋଡ଼ ସିନା,
ମନର ବଳ ଅସଲ ବଳ   କହିଲା ଗାଆଁ ଦୀନା ।

୨୭, ମନ୍ତ୍ରମାନୋର, ଗୋଠପାଟଣା,
ଭୁବନେଶ୍ୱର -୨୯

ପାଟିସୁଆଦ

✤ ମଧ୍ୟସ୍ଥି– ଆଉ ଗୋଟିଏ ଝିଅ ଅଛି । ଆପଣ ତାକୁ ବିଭା ହେବା କଥା ବିଚାର କରିପାରନ୍ତି । ସବୁ ଭଲ; କିନ୍ତୁ ଗୋଟିଏ କଥା ମୁଁ ଲୁଚାଇବି ନାହିଁ । ସେ ଟିକିଏ ଟେରୀ ଏବଂ ନକଲି ଦାନ୍ତ ଲଗେଇଛି ।
ଯୁବକ– ଯଦି ସେ ସୁନାଦାନ୍ତ ଲଗାଇଥାଏ, ମୋର ଆପତ୍ତି ନାହିଁ ।

✤ ବସ୍ କଣ୍ଡକ୍ଟରକୁ ଛତା ବେଣ୍ଟରେ କେଞ୍ଚି ଦେଇ ମହିଳାଯାତ୍ରୀ ପଚାରିଲେ, 'ଏଇ ଗୋଟାକ ବ୍ୟାଙ୍କଟି ?'
କଣ୍ଡକ୍ଟର– 'ଏଇଟା ମୋ ପଞ୍ଜରା ହାଡ଼ ।'



ସ୍ୱାଧୀନଚେତା ଭକ୍ତ ଶିରୋମଣି

ଶ୍ରୀ ନୃସିଂହ ପ୍ରସାଦ ମହାନ୍ତି

ସେ ଥାଆନ୍ତି ରାଣୀଙ୍କର ପ୍ରତିରକ୍ଷା ଦାୟିତ୍ୱରେ । ପୁଣି ପରାମର୍ଶଦାତା, ଗୁରୁ ବି । ୧୮୫୮ ଜାନୁଆରୀ ୨୫ରେ ଯୁଦ୍ଧ ଆରମ୍ଭ ହେଲା । ହଠାତ୍ ଯୁଦ୍ଧ କରିବାକୁ ସେନାବାହିନୀ ପ୍ରସ୍ତୁତ ନ ଥିଲେ । ଇଂରେଜମାନଙ୍କ ସୈନ୍ୟ ତୁଳନାରେ ସେମାନଙ୍କର ସୈନ୍ୟ ସଂଖ୍ୟା ଖୁବ୍ କମ୍ ଥିଲା । ବିଭିନ୍ନ ଆଡୁ ଖବର ମିଳୁଥାଏ– ଇଂରେଜ ସୈନ୍ୟମାନେ ଦୁର୍ଗର ଚାରିପଟୁ ଘେରିଗଲେଣି । ଗୋଳାବାରୁଦର ଶବ୍ଦରେ ଛାତିରେ ଛନକା ।

ରାଣୀଙ୍କୁ ପରାମର୍ଶ ଦିଆଗଲା ଯୁଦ୍ଧ କରିବାକୁ । ରାଣୀ ଢାଲ ଓ ତରବାରି ଧରି ପ୍ରସ୍ତୁତ ହୋଇଗଲେ । ଦୁର୍ଗ ଦ୍ୱାର ଉପରେ ଶତ୍ରୁପକ୍ଷର ପ୍ରବଳ ଗୋଳା ବୃଷ୍ଟି ଚାଲିଛି, ଫଳରେ ଦୁର୍ଗର କିଛି ଅଂଶ ଭାଙ୍ଗିପଡ଼ିଲା । ରାତାରାତି ପ୍ରାଚୀର ମରାମତି ହେବାର ଦେଖି ଫିରିଙ୍ଗ ସୈନ୍ୟମାନେ ଚକିତ ହୋଇଗଲେ । କିନ୍ତୁ ଫିରିଙ୍ଗ ସେନାମାନେ ପାଲଟା ଆକ୍ରମଣର ପୂର୍ବ ସୂଚନା ପାଇ ତାର ମୁକାବିଲା କରିବା ପାଇଁ ପ୍ରସ୍ତୁତ ହୋଇ ରହିଥାନ୍ତି । ପ୍ରବଳ ଯୁଦ୍ଧ ଓ ହଟ୍ଟଗୋଳ ପାଇଁ ପ୍ରସ୍ତୁତ ହୋଇ ସୈନ୍ୟମାନେ ଛତ୍ରଭଙ୍ଗ ଦେଲେ । ତାଙ୍କର ଗୁରୁ ତଥା ପରାମର୍ଶଦାତା ହଠାତ୍ ଶୁଣିଲେ– ସରିଗଲା... ସରିଗଲା..., କିଏ ବୋର୍ହା ଦରୱାଜା ଖୋଲିଦେଇଛି । ସେହି ବାଟଦେଇ ଶତ୍ରୁ ସୈନ୍ୟମାନେ ପଶିଆସୁଛନ୍ତି, ଆଉ ରକ୍ଷାନାହିଁ । ସେ ଜାଣିପାରିଲେ- ବିଶ୍ୱାସଘାତକ ବୁରଦଲା ସର୍ଦ୍ଦାର ଠାକୁର ଲାଲାଜୀ ଦରୱାଜା ଖୋଲିଦେଇଛି । ରାଣୀଙ୍କୁ ଖବର ଦିଆଗଲା ।

ରାଣୀ ଗୁପ୍ତ ଦ୍ୱାରଦେଇ ପୁଅକୁ ପିଠିରେ ପକାଇ ବାହାରକୁ ଖସିଗଲେ । ତାଙ୍କ ଗୁରୁ ମଧ୍ୟ ସେମିତି ଖସି ବାହାରିଗଲେ । ପୁନଶ୍ଚ ଦୁର୍ଗ ଫେରିପାଇବା ଉଦ୍ୟମ ବିଫଳ ହେଲା । ମାତ୍ର ୨୦ ଜଣ ସୈନ୍ୟଙ୍କୁ ନେଇ ରାଣୀ ଯୁଦ୍ଧକରି ଆହତ ହେଲେ । ପଳାୟନ କଲାବେଳେ ତାଙ୍କର ଅଶ୍ୱଟି ନଦୀର ପ୍ରବଳ ସ୍ରୋତରେ ନିସ୍ତେଜ ହୋଇଗଲା । ଦୁଇଜଣ ସୈନ୍ୟ ତାଙ୍କୁ ଉଦ୍ଧାର କରି ନଦୀର ଅପରପାର୍ଶ୍ୱକୁ ନେଇଗଲେ । ଆଗରୁ ତାଙ୍କର ଗୁରୁ ତାଙ୍କୁ ସେଠାରେ ଅପେକ୍ଷା କରିଥିଲେ; କିନ୍ତୁ ସେହିଠାରେ ଗୁରୁଙ୍କ ପାଖରେ ତାଙ୍କର ପ୍ରାଣବାୟୁ ଉଡ଼ିଗଲା ।

ଇଂରେଜ ସୈନ୍ୟମାନଙ୍କର ସବୁରାଗ ଠୁଳ ହୋଇଥିଲା ସେହି ଗୁରୁଙ୍କ ଉପରେ । ସେମାନେ ତାଙ୍କୁ ଖୋଜିବୁଲିଲେ । ସେତେବେଳକୁ ଗୁରୁ ଛଦ୍ମନାମ ଧାରଣ କରି ଗୁପ୍ତଭାବରେ ବୁଲୁଥାନ୍ତି । କାନ୍ଦି କାନ୍ଦି ସେ ଜଗନ୍ନାଥଙ୍କୁ ପ୍ରାର୍ଥନା କରୁଥାନ୍ତି – ‘‘ଧଣ୍ଡାମାଳ

ବୁହାଦୁର୍ଦ୍ଦଶା ରାହୁ, ଚାଣ୍ଡାଳ ଗ୍ରାସୁଅଛି ଚାହୁଁ ଚାହୁଁ । ଭଣ୍ଡାରେ ଖଣ୍ଡା ନାହିଁ କି ମଣିମା...'' ଇତ୍ୟାଦି ଇତ୍ୟାଦି । ସତରେ ମହାବାହୁ, ବଳିଆରଭୁଜ ତାଙ୍କୁ ରକ୍ଷାକଲେ । ସେ ଫେରିଲେ ତାଙ୍କ ଜନ୍ମସ୍ଥାନ ପୁରୀକୁ । ଦେଖିଲେ ତାଙ୍କ ସ୍ତ୍ରୀ ମଣିକୁ । ମଣି ସାମାଜିକ ପ୍ରଥାର ଶିକାର ହୋଇ ବିଧବା ହୋଇଥିଲା । ଗୋପନରେ ସେ ଭେଟିଲେ ତାଙ୍କ ସ୍ତ୍ରୀଙ୍କୁ । ଖୋଲିଦେଲେ ମନର ସବୁ କଥା, ସବୁ ଘଟଣା ଓ ଦୁର୍ଘଟଣାର କଥା । ଗୋପନରେ ତାଙ୍କ ସ୍ତ୍ରୀଙ୍କ ସାଙ୍ଗରେ କଥୋପକଥନ ହେଉଥିବାବେଳେ ଭଗ୍ନୀ ପାରିନାନୀ ତାହା ଶୁଣିପାରି ଢଗ ପକାଇଥିଲା- ''ନଈରେ ବାଳିଆ ଚହଟିଲା, କଜଳ ସିନ୍ଦୂର, ଶଙ୍ଖା ନାଆଲୋ ମଣି, ପୁଣି ଚାଖିଆ ଲେଉଟିଲା ।'' ପୁଣି ପୂର୍ବପରି ସେ ତାଙ୍କ ଆରାଧ୍ୟସ୍ୱାମୀ ଶ୍ରୀ ଶ୍ରୀ ଜଗନ୍ନାଥଙ୍କ ସେବାପୂଜାରେ ନିଯୁକ୍ତ ହେଲେ । ମଣି ପଞ୍ଚଗବ୍ୟାଦି ହୋଇ ଶଙ୍ଖା ସିନ୍ଦୂର ପିନ୍ଧି ସଧବାର ବେଶ ହେଲେ ।

ସେହି ବିପ୍ଳବୀ ଭକ୍ତ ଶ୍ରେଷ୍ଠକବି ଥିଲେ 'ଚନ୍ଦନ ହଜୁରୀ' । ସେ ଘରେ ଘରେ ପରିଚିତ ଥିଲେ 'ଚାଖିଖୁଣ୍ଟିଆ' ଭାବରେ । ସେ ଯେଉଁ ବୀରା ରମଣୀଙ୍କର ପ୍ରତିରକ୍ଷା ଦାୟିତ୍ୱ ନେଇ ତାଙ୍କର ପରାମର୍ଶଦାତା ତଥା ଗୁରୁ ଥିଲେ- ତାଙ୍କର ନାଁ ଥିଲା ଲକ୍ଷ୍ମୀବାଈ ଓ ସେ ଝାନସୀର ରାଣୀ ଥିଲେ । ଜଣେ ପ୍ରଭୁଭକ୍ତ ଘଟଣାଚକ୍ରରେ ଦେଶମାତୃକାର ସେବାରେ ନିଜକୁ ହଜେଇ ଦେଇପାରେ, ଚନ୍ଦନ ହଜୁରୀ ତା'ର ଜ୍ୱଳନ୍ତ ଉଦାହରଣ ।

ବୋଧପୁର, କଟକ-୭୫୪୧୩୦



ଚିତ୍ରଧନ୍ଦା

ଉତ୍ତରର ପ୍ରଥମ ଦୁଇଟି ଅକ୍ଷର ସେହି ନମ୍ବର ଚିତ୍ରରୁ ପାଇବ । ଉଦାହରଣ– ନଂ ୧ ଚିତ୍ର ଟଙ୍କା; ନଂ ୧ ପ୍ରଶ୍ନ– ଚିନ୍ତାମଣି ମହାନ୍ତିଙ୍କର ଏକ ଉପନ୍ୟାସ । ତେଣୁ ଉତ୍ତର ହେବ 'ଟଙ୍କା ଗଛ' । ଅନ୍ୟଗୁଡ଼ିକ କର ।

୧ । ଚିନ୍ତାମଣି ମହାନ୍ତିଙ୍କର ଏକ ଉପନ୍ୟାସ
୨ । ଓଡ଼ିଶାର ଏକ ତୀର୍ଥସ୍ଥାନ
୩ । ରାବଣର ସାନ ଭାଇ
୪ । ଏହା ଦ୍ୱିତୀୟ ବିଶ୍ୱଯୁଦ୍ଧର ଅବସାନ ଘଟାଇଥିଲା
୫ । ଡୁଡୁମା ଜଳପ୍ରପାତ ଏହି ନଦୀରେ ଅବସ୍ଥିତ
୬ । ଜଣେ ବିଶିଷ୍ଟ ଭାରତୀୟ ବୈଜ୍ଞାନିକ
୭ । ଶ୍ରୀକୃଷ୍ଣଙ୍କ ଶଙ୍ଖର ନାମ
୮ । ଟାଟା ଲୁହା କାରଖାନା ଏହି ଜିଲ୍ଲାରେ ଅଛି
୯ । ଏହି ରାଜା ବାଲିରେ ପୋତି ହୋଇ ପଡ଼ିଥିବା ପୁରୀ ଦେଉଳ ଖୋଲାଇଥିଲେ ।
୧୦ । ଉତ୍ତର ପ୍ରଦେଶର ଏକ ଶିଳ୍ପପ୍ରଧାନ ସହର
୧୧ । ପ୍ରସିଦ୍ଧ ଇଟାଲୀୟ ଜ୍ୟୋତିର୍ବିଦ ଓ ବୈଜ୍ଞାନିକ
୧୨ । ଏହି ରେଳଷ୍ଟେସନ୍‌ରୁ ଓହ୍ଲାଇ ରାମେଶ୍ୱର ତୀର୍ଥକୁ ଯିବାକୁ ହୁଏ ।

(ଉତ୍ତର ୩୦ ପୃଷ୍ଠାରେ)

ତିନି ଅତିଥି

ଶ୍ରୀ ଗୋବିନ୍ଦ ଚନ୍ଦ୍ର ମହାରଣା

ଜଣେ ସ୍ତ୍ରୀଲୋକ କିଛି ଜିନିଷ କିଣିବା ପାଇଁ ବଜାରକୁ ଯାଇଥିଲେ । ଘରକୁ ଫେରିଲାବେଳେ ଦେଖିଲେ ତାଙ୍କ ଘର ସାମ୍ନା ଚଉତରାରେ ତିନିଜଣ ବୃଦ୍ଧ ବସିଛନ୍ତି । ସେମାନଙ୍କ ମୁଣ୍ଡବାଳ ସବୁ ଧଳା, ମୁହଁରେ ଧଳା ଦାଢ଼ି, ପୋଷାକ ଅସଜଡ଼ା ଓ ମୁଖମଣ୍ଡଳ ମଳିନ ଦେଖାଯାଉଛି । ସ୍ତ୍ରୀଲୋକ ଭାବିଲେ, ବୋଧହୁଏ ଏମାନେ କିଛିଦିନ ହେବ ଖାଇନାହାନ୍ତି । ତାଙ୍କ ମନରେ ଦୟା ଆସିଲା । ସେ ଘରକୁ ଯାଇ ସେମାନଙ୍କ ପାଇଁ ଖାଇବା ଯୋଗାଡ଼ କଲେ । ତା'ପରେ ବୃଦ୍ଧମାନଙ୍କୁ ଖାଇବା ପାଇଁ ଘରକୁ ଡାକିଲେ । ଅତିଥିମାନେ ପଚାରିଲେ, ''ଆପଣଙ୍କ ସ୍ୱାମୀ ଘରେ ଅଛନ୍ତି କି ?'' ସ୍ତ୍ରୀଲୋକ ଉତ୍ତରଦେଲେ– ନାଁ ସେ ବର୍ତ୍ତମାନ ଘରେ ନାହାନ୍ତି । ବୃଦ୍ଧମାନେ କହିଲେ,'ଆପଣଙ୍କ ସ୍ୱାମୀ ଘରକୁ ଫେରିଲା ପରେ ତାଙ୍କ ସହ ଆଲୋଚନା କରି ଆମକୁ ଡାକିବ ।' ସ୍ତ୍ରୀଲୋକ ଫେରିଗଲେ ।

କିଛି ଘଣ୍ଟା ପରେ ତାଙ୍କ ସ୍ୱାମୀ ଘରକୁ ଫେରିଲେ । ବିଦ୍ୟାଳୟ ଯାଇଥିବା ଝିଅ ମଧ୍ୟ ଘରକୁ ଫେରିଲା । ସ୍ତ୍ରୀଲୋକ ତାଙ୍କ ସ୍ୱାମୀଙ୍କୁ ସବୁ କଥା ଜଣାଇଲେ । ସ୍ୱାମୀ ଖୁସି ହୋଇ ଅତିଥିମାନଙ୍କୁ ଡାକି ଖାଇବାକୁ ଦେବା ଉଚିତ୍ ବୋଲି କହିଲେ । ଏହାପରେ ସ୍ତ୍ରୀଲୋକଜଣକ ଯାଇ ଅତିଥିମାନଙ୍କୁ ଡାକିବାରୁ ସେମାନଙ୍କ ମଧ୍ୟରୁ ଜଣେ କହିଲେ, 'ଶୁଣ, ମୋର ନାମ ସମ୍ପଦ । ମୋ ପାଖରେ ବସିଛନ୍ତି ସଫଳତା ଓ ସଦ୍‌ଭାବ । ତୁମେ କେବଳ ଜଣକୁ ଡାକିପାରିବ । କାହାକୁ ଡାକିବ ଚିନ୍ତା କରି କୁହ ।' ତାଙ୍କ କଥା ଶୁଣି ସ୍ତ୍ରୀଲୋକ ଘରକୁ ଲେଉଟିଆସି ସ୍ୱାମୀଙ୍କ ସହ ଆଲୋଚନା କଲେ ।

ସ୍ୱାମୀ କହିଲେ– ସମ୍ପଦଙ୍କୁ ଡାକିଲେ ଆମ ଘର ଧନସମ୍ପଦରେ ପୂରିଉଠିବ । ସ୍ତ୍ରୀ ମତଦେଲେ– ସଫଳତାଙ୍କୁ ଡାକିଲେ ଆମେ ପ୍ରତି କାର୍ଯ୍ୟରେ ସଫଳ ହୋଇପାରିବା । ଝିଅ ସବୁ ଶୁଣୁଥିଲା । ସେ ବାପା-ବୋଉଙ୍କୁ କହିଲା, ''ଆମେ ଯଦି ସଦ୍‌ଭାବଙ୍କୁ ଘରକୁ ଡାକିବା, ତେବେ ଘରେ ସ୍ନେହ, ଶ୍ରଦ୍ଧା, ପ୍ରେମ ଭରିଯିବ ।'' ଝିଅ କଥା ରହିଲା । ସଦ୍‌ଭାବଙ୍କୁ ଡାକିବା ପାଇଁ ସ୍ଥିର ହେଲା ।

ସ୍ତ୍ରୀଲୋକଟି ଚଉତରା ପାଖକୁ ଯାଇ କହିଲା, 'ହେ ଅତିଥିବୃନ୍ଦ ! ଆପଣମାନଙ୍କ ମଧ୍ୟରେ ଯିଏ ସଦ୍‌ଭାବ, ସେ ମୋ ସହିତ ଆମ ଘରକୁ ଆସନ୍ତୁ ।' ସଦ୍‌ଭାବ ଉଠି ଠିଆହେଲେ ଓ ସ୍ତ୍ରୀଲୋକଙ୍କ ପଛେ ପଛେ ଚାଲିଲେ । ତାଙ୍କ ପଛରେ ସଫଳତା ଚାଲିଲେ । ସଫଳତାଙ୍କ ପଛରେ ସମ୍ପଦ ବି ଚାଲିଲେ । ଏହାଦେଖି ସ୍ତ୍ରୀଲୋକ ଆଶ୍ଚର୍ଯ୍ୟ ହୋଇ ପଚାରିଲେ, ''ହେ ଅତିଥିମାନେ, ଆପଣଙ୍କ କଥା ଅନୁସାରେ ମୁଁ କେବଳ ଜଣଙ୍କୁ ଡାକିଲି । ଆପଣମାନେ ସମସ୍ତେ କାହିଁକି ଆସୁଛନ୍ତି ?''

ସମ୍ପଦ କହିଲେ, ''ତୁମେ ଯଦି ମୋତେ କିମ୍ବା ସଫଳତାଙ୍କୁ ଡାକିଥା'ନ୍ତ, ଆମେ ଜଣେ ଯାଇଥା'ନ୍ତୁ । ସଦ୍‌ଭାବଙ୍କୁ ଡାକିବାରୁ ଆମେ ଯିବାକୁ ବାଧ୍ୟ, କାରଣ ସଦ୍‌ଭାବଙ୍କୁ ଛାଡ଼ି ଆମେ ଦୁଇଜଣ ରହିପାରିବୁ ନାହିଁ । ଯେଉଁଠି ସଦ୍‌ଭାବ ରହିବେ, ସେଇଠି ଆପେ ସଫଳତା ଓ ସମ୍ପଦ ରହିବେ ।''

ସ୍ତ୍ରୀଲୋକଜଣଙ୍କ ଖୁସି ମନରେ ତିନି ଅତିଥିଙ୍କୁ ଘରକୁ ଡାକିଆଣି ଖାଇବାକୁ ଦେଲେ । ଅତିଥିମାନେ ସନ୍ତୁଷ୍ଟ ହୋଇ ଆଶୀର୍ବାଦ କରି ଚାଲିଗଲେ ।

ସେଇଦିନଠୁ ଘରେ ହସଖୁସିର ଲହର ଖେଳିଗଲା । ପରସ୍ପର ମଧ୍ୟରେ ସଦ୍‌ଭାବ ରହିଲା । କାର୍ଯ୍ୟରେ ସଫଳତା ମିଳିଲା । ଘର ଧନସମ୍ପଦରେ ପୂରିଗଲା ।

ମଙ୍ଗଳାନଗର, ଲେନ୍-୧, ଖୋର୍ଦ୍ଧା

ସ୍ୱାମୀ ବିବେକାନନ୍ଦ ଓ ଠାକୁର ଶ୍ରୀରାମକୃଷ୍ଣ ପରମହଂସଙ୍କ ମଧ୍ୟରେ କଥୋପକଥନର କିୟଦଂଶ

୩) ସ୍ୱାମୀ ବିବେକାନନ୍ଦ– ତା'ହେଲେ ଆମେ କାହିଁକି ଅନବରତ ଅସୁଖୀ ରହୁଛୁ ?

ପରମହଂସ– ବ୍ୟସ୍ତତା ତୁମର ଅଭ୍ୟାସ ହେଇଯାଇଛି । ସେଥିପାଇଁ ତୁମେ ଅସୁଖୀ ।

୪) ସ୍ୱାମୀ ବିବେକାନନ୍ଦ– କାହିଁକି ଭଲ ମଣିଷମାନେ ବେଶୀ କଷ୍ଟପାଆନ୍ତି ?

ପରମହଂସ– ହୀରା କେବେହେଲେ ସଂଘର୍ଷ ବିନା ଚିକ୍କଣ ହୁଏନି । ସୁନା ନିଆଁରେ ନ ପଡ଼ିଲେ ନିର୍ମଳ ହୁଏନି । ଭଲ ମଣିଷ ଅନବରତ ଚେଷ୍ଟାରେ ଚାଲନ୍ତି; ମାତ୍ର କେବେ ଯନ୍ତ୍ରଣା ପାଆନ୍ତି ନାହିଁ । ସେହି ଅନୁଭୂତି ହିଁ ତାଙ୍କୁ ମହତ୍ତ୍ୱ ଦେଇଥାଏ, ଯନ୍ତ୍ରଣା ନୁହେଁ ।

୫) ସ୍ୱାମୀ ବିବେକାନନ୍ଦ– ତା'ମାନେ ଆପଣ କହୁଛନ୍ତି ଏହିପ୍ରକାର ଅନୁଭୂତି ଦରକାର ?

ପରମହଂସ– ହଁ, ନିହାତି ପ୍ରତି କାର୍ଯ୍ୟରେ । ଅନୁଭୂତି ହେଉଛି ଏକ ନିଷ୍ଠାପର, କଠିନ ଶିକ୍ଷକ । ସେ ଆମକୁ ପ୍ରଥମେ ପରୀକ୍ଷା କରେ, ତା'ପରେ ପଠନ ଦିଏ ।

୬) ସ୍ୱାମୀ ବିବେକାନନ୍ଦ– ଏତେ ସମସ୍ୟା କାରଣରୁ ଆମେ ଜାଣିପାରୁନାହୁଁ ଯେ ଆମେ କୁଆଡ଼େ ଯାଉଛୁ ?

ପରମହଂସ– ତୁମେ ଯଦି ବାହାରକୁ ଚାହିଁବ, ତେବେ ଜାଣିପାରିବ ନାହିଁ ଯେ ତୁମେ କେଉଁଆଡ଼େ ଯାଉଛ । ତୁମେ ଭିତରକୁ ଚାହଁ, ଚକ୍ଷୁ ତୁମକୁ ଦୃଶ୍ୟ ଯୋଗାଏ ଏବଂ ହୃଦୟ ତୁମକୁ ରାସ୍ତା ଦେଖାଏ ।

ପଣ ଆମେ କରିବା

ଶ୍ରୀ ଚକ୍ରଧର ସାହୁ

ଆସ କୁନା ଆସ ମୁନା
ଆସ ସାଙ୍ଗସାଥୀରେ
ଜଗାଇବା ଜନତାଙ୍କୁ
ଏ ସଙ୍କଟ ବେଳରେ ।
ବୁଝାଇବା ପ୍ଲାଷ୍ଟିକ୍
ପଲିଥିନ୍ ଖରାପ
ବ୍ୟବହାରେ ଲାଭ ନାହିଁ
ମିଳିବ ଯେ ସନ୍ତାପ ।
ଟିକିଏ ଆରାମ ପାଇଁ
କେଡ଼େ ଦଶା ଭୋଗୁଛେ
ନିଜ ହାତେ ପରିବେଶ
ଆମେ ନଷ୍ଟ କରୁଛେ ।
ଜାଣନ୍ତିନି କିଛି ଲୋକ
ଅପଚା ଏ ଦରବ
ଦୂଷିତ ହୁଅଇ ମାଟି
ପଡ଼ିରହି ସରବ ।
ଜମି ରହି ସମୁଦ୍ରରେ
ପାଣି କରେ ଦୂଷିତ
ଜଳ ଜୀବମାନେ ସେଠି
ପାରନ୍ତିନି ବଞ୍ଚି ତ ।
ପାଉଁଶ କରିପାରେନା
ଏଗୁଡ଼ାକୁ ନିଆଁ ତ
ଖାଲି ବିଷ ଧୂଆଁ ଯାହା
ବାୟୁ କରେ ଦୂଷିତ ।
ମାଟି, ପାଣି, ବାୟୁ ଆଦି
ପ୍ରଦୂଷିତ ହୋଇଲେ
ବଞ୍ଚିବା କି ସୁସ୍ଥେ ସୁଖେ
ଆମେ ଏହି ମହୀରେ ।
ତେଣୁ ଆସ ଆସ ସବୁ
ପଣ ଆମେ କରିବା
ପ୍ଲାଷ୍ଟିକ, ପଲିଥିନ୍
ବ୍ୟବହାର ଛାଡ଼ିବା ।

ସବ୍ ଟ୍ରେଜେରୀ, ବଣେଇ, ସୁନ୍ଦରଗଡ଼-୭୭୦୦୩୮

କୁନିଝିଅ କଥା ରଖିଲେ

ଶ୍ରୀ ରବୀନ୍ଦ୍ର କୁମାର ବେହେରା

ଆବ୍ରାହାମ୍ ଲିଙ୍କନ୍ ଯୁକ୍ତରାଷ୍ଟ୍ର ଆମେରିକାର ଜଣେ ସଫଳ ଓ ଶକ୍ତିଶାଳୀ ରାଷ୍ଟ୍ରପତି । ବିଶ୍ୱର ନାମକରା ରାଷ୍ଟ୍ରପତିମାନଙ୍କ ମଧ୍ୟରୁ ସେ ଜଣେ । ତାଙ୍କ ଦେଶରେ ବହୁଦିନ ଧରି ପ୍ରଚଳିତ 'ଦାସତ୍ୱ ପ୍ରଥା'କୁ ଉଚ୍ଛେଦ କରି ସେ ବିଶ୍ୱରେ ଖୁବ୍ ଲୋକପ୍ରିୟ ହୋଇପାରିଥିଲେ । ତାଙ୍କ ଶିରାପ୍ରଶିରାରେ ଥିଲା ପରାଜୟ; ସେ କିନ୍ତୁ ଭାଙ୍ଗିପଡୁ ନଥିଲେ, ଦବି ଯାଉ ନ ଥିଲେ । ସବୁ ପରାଜୟ ଓ ବିଫଳତାକୁ ସାମନା କରି ସେ ହୋଇଥିଲେ ବିଶ୍ୱବିଜୟୀ । ଏତେ ବଡ଼ ପଦବୀରେ ଆସୀନ ହୋଇଥିଲେ ସୁଦ୍ଧା ତାଙ୍କ ମନରେ ତିଳେହେଲେ ଗର୍ବଭାବ ନ ଥିଲା । ଖୁବ୍ ସରଳ ଭାବରେ ସେ ଜୀବନକୁ ଉପଭୋଗ କରୁଥିଲେ । ସମାଜରେ ଥିବା ଉଚ୍ଚନୀଚ, ଧନୀଗରିବ, କଳାଗୋରା, ପୁଅଝିଅ ମଧ୍ୟରେ ସେ ପାର୍ଥକ୍ୟ ଦେଖୁ ନ ଥିଲେ । ସମସ୍ତଙ୍କୁ ସେ ସମାନ ଦୃଷ୍ଟିରେ ଦେଖୁଥିଲେ । ସମସ୍ତଙ୍କ ମତକୁ ଖୁବ୍ ସମ୍ମାନର ସହ ସେ ଗ୍ରହଣ କରୁଥିଲେ ।

ରାଷ୍ଟ୍ରପତି ଥିବା ସମୟର ଘଟଣା । ଥରେ ତାଙ୍କ ପାଖକୁ ଚିଠିଟିଏ ଆସିଲା । ଚିଠିଟିକୁ ଗୋଟିଏ କୁନିଝିଅ ନିଜ ହାତରେ ଲେଖି ପଠାଇଥିଲା । ସେଥିରେ ଲେଖା ଥିଲା– ''ସାର୍, ଆପଣ ଆମ ଦେଶର ରାଷ୍ଟ୍ରପତି । କିନ୍ତୁ ମୋର ଗୋଟିଏ ଛୋଟିଆ ଅନୁରୋଧ ରକ୍ଷାକରିବେ ବୋଲି ମୋର ପୂରା ବିଶ୍ୱାସ ଅଛି । ଆପଣ ଖୁବ୍ ସରଳ । ଜଣେ ଡେଙ୍ଗା ଓ ପତଳା ବ୍ୟକ୍ତି । ମୋ ମତରେ ଆପଣ ଦାଢ଼ି ରଖିଲେ ତାହା ଆପଣଙ୍କୁ ଖୁବ୍ ମାନିବ । ଆପଣ ପୂର୍ବାପେକ୍ଷା ସୁନ୍ଦର ଦେଖାଯିବେ । ଆପଣଙ୍କ ବ୍ୟକ୍ତିତ୍ୱ ଫୁଟିଉଠିବ । ଦୟାକରି ଆପଣ ଦାଢ଼ି ରଖନ୍ତୁ ।'' ଏହାଛଡ଼ା ସେ କୁନିଝିଅ ମୁହଁରେ ଦାଢ଼ିଥିବା ଲିଙ୍କନଙ୍କ ଏକ ଚିତ୍ର ଆଙ୍କି ସେ ଚିଠିରେ ସଂଯୋଗ କରିଥିଲା ।

ଚିଠିଟିକୁ ଲିଙ୍କନ ବାରମ୍ବାର ପଢ଼ିଲେ । ଚିତ୍ରଟିକୁ ନିରିଖେଇ ଦେଖିଲେ । ଖୁବ୍ ଖୁସି ହୋଇଗଲେ । ସେହିଦିନଠାରୁ ସେ ଦାଢ଼ି ରଖିବାକୁ ସଂକଳ୍ପ କଲେ । ପୂର୍ବରୁ ଦାଢ଼ି ରଖୁ ନ ଥିବା ଲିଙ୍କନ ଜୀବନର ଶେଷ ପର୍ଯ୍ୟନ୍ତ ଦାଢ଼ି ରଖିଲେ । ଜଣେ ଅପରିଚିତ କୁନିଝିଅର ଅନୁରୋଧ ରକ୍ଷା କରି ସେ ସବୁଦିନ ପାଇଁ ବିଶ୍ୱର ଜଣେ ଦାଢ଼ିଆ ରାଷ୍ଟ୍ରପତି ହିସାବରେ ପରିଚିତ ହୋଇଗଲେ ।

ସରକାରୀ ଉ.ପ୍ରା. ବିଦ୍ୟାଳୟ,
ସୂତାହାଟ, ବକ୍ସିବଜାର, କଟକ

ମହାତ୍ମା କୁଇଜର ଉତ୍ତର–

୧) ଉନବିଂଶ ଶତାବ୍ଦୀ, ୨) ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ୩) ଗୁଜୁରାଟ (ଗାନ୍ଧି ନଗର), ୪) ସମ୍ବଲପୁର, ୫) ନେଦରଲ୍ୟାଣ୍ଡସ୍, ୬) ଅକ୍ଟୋବର ୨, ଗୋପାଳ କୃଷ୍ଣ ଗୋଖେଲ୍, ୮) ଦାଶ ବେନ୍‌ହୁର, ୯) The story of my Experiment with Truth, ୧୦) କବି ରାଧାମୋହନ ଗଡନାୟକ ।

ଗାଁ ସକାଳ

ଶ୍ରୀ ବାସୁଦେବ ଥାଟ୍ଟୋଇ

ସୂରୁଯ ଉଠନ୍ତି ଆଖି ମଳିମଳି
ବଡ଼ି ସକାଳରୁ ହାଇମାରି
କଅଁଳିଆ ଖରା ଡିଆଁ ମାରିଦିଏ
କଅଁଳା ବାଛୁରୀ ଡିଆଁ ପରି ।
ବିଲ-ବଣ-ବାଟ ପଡ଼ିଆ ପଦର
ମିଠା ମମତାକୁ କୁଣ୍ଢାଇକି-
ଘାସ ନଇଁପଡ଼ି ସୂର୍ଯ୍ୟଙ୍କୁ ପ୍ରଣାମେ
କଅଁଳ କାକର ମୁଣ୍ଡେଇକି ।
ଛିଟ ପ୍ରଜାପତି ମୁହଁ ମିଠା କରେ
ସଜଫୁଟା ଫୁଲ ଖୋଜି ଖୋଜି
ଗଛ ଓ ପତର ହଲି ହସୁଥାନ୍ତି
ପବନର ପାଦ ବାଜି ବାଜି ।
ବାଡ଼ିବଗିଚାରେ ସଜ ସଉରଭ
ଜାତି ଜାତି ଫୁଲ ଫୁଟି ହସେ
ଗାଁ'ର ସକାଳ ନିଆରା ନିର୍ମଳ
ମନୋରମ ମନଲୋଭା ଦିଶେ ।
କାଉ ଉଡ଼ିଆସି କଜିଆ କରୁଛି
ଡେଇଁ ଡେଇଁ ଘର ଅଗଣାରେ
ଉଠ ପିଲାମାନେ ଦେଖିବ ସକାଳ-
କି ସୁନ୍ଦର ଦୃଶ୍ୟ ମାଗଣାରେ ।
ପିମ୍ପୁଡ଼ି ଝିଣ୍ଟିକା ସକାଳକୁ ଦେଖି
ବାହାରକୁ ପାଦ ବଢ଼ାଅନ୍ତି
ଖଣ୍ଡି ଉଡ଼ାଦିଆ ଶାବକକୁ ମା'
ପକ୍ଷୀ ଉଡ଼ା-ପାଠ ପଢ଼ାଅନ୍ତି ।
ଏମିତି ଅନେକ ସଜୁଆ ସକାଳ
ନିତି ଆସି ହେଉଥାଏ ଭେଟ
ନୂଆ ରୂପେ ପ୍ରାଣ ପ୍ରତିଜ୍ଞା ପାଳିଲେ
ଜୀବନରେ ହୁଏ ଜିତାପଟ ।
ଅଳସ ବରଜି ପ୍ରାଣ ଉଠେ ତେଜି
ପ୍ରଣାମ ସେ ଗାଁ ସକାଳକୁ
ଧନ୍ୟ ମଣୁଥାଏ ଜନମି ଏମିତି
ଗାଁରେ କରମ କପାଳକୁ ।

ଭାରତୀୟ ଜୀବନବୀମା ନିଗମ, ଶିଖରପୁର ଶାଖା(୩),
କଟକ

ଚିତ୍ରଧନ୍ଦାର ଉତ୍ତର– ୧) ଟଙ୍କାଗଛ, ୨) ଚନ୍ଦ୍ରଭାଗା, ୩) କୁମ୍ଭକର୍ଣ୍ଣ, ୪) ପରମାଣୁ ବୋମା, ୫) ପଞ୍ଚଜନ୍ୟ, ୮) ସିଂହଭୂମ, ୯) ଗାଲମାଧବ, ୧୦) କାନପୁର, ୧୧) ଗାଲିଲିଓ, ୧୨) ଧନୁଷ୍କୋଟୀ ।

ଗୁରୁଦକ୍ଷିଣା

ଶ୍ରୀ ବଂଶୀଧର ଖୁଣ୍ଟିଆ

ସେଦିନ ଆମ ଗାଁ ଅମରେଶବାବୁଙ୍କ ଦାଣ୍ଡ ଅଗଣା ରଙ୍ଗବେରଙ୍ଗର ବିଦ୍ୟୁତ ଆଲୋକରେ ଝଲସୁଥିଲା । ତାଙ୍କ ଦାଣ୍ଡ ଦେଇ ଯାଇଥିବା ଆମ ଗାଁର ପକ୍କା ସଡ଼କଟି ବେଶ୍ କିଛି ଦୂରଯାଏ ଆଲୋକମାଳା ଓ ବେଲୁନ୍‌ରେ ସଜାଯାଇଥିଲା । ବାଣ ଫୁଟୁଥିଲା, ବାଜା ବାଜୁଥିଲା । ଅମରେଶବାବୁଙ୍କର ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନ, ସାଙ୍ଗସାଥୀ ଓ ଆମ ଗାଁ'ର ସମସ୍ତେ ସେଠାରେ ରୁଣ୍ଡ ହୋଇ ବେଶ ଆନନ୍ଦରେ ଉତ୍ସବଟିକୁ ପାଳନ କରୁଥିଲେ । ବାଜାର ତାଳେ ତାଳେ ପିଲାମାନେ ନାଚୁଥିଲେ । ଜନ୍ମଦିନର ସଂଗୀତ ଗାଉଥିଲେ । ଲୋକେ ଆସୁଥିଲେ । ଅଧ୍ୟାପକ ଅମରେଶବାବୁ ଦାଣ୍ଡ ଅଗଣାରେ ଠିଆ ହୋଇ ସେମାନଙ୍କୁ ସ୍ୱାଗତ କରୁଥିଲେ । ଖିଆପିଆ ପରେ ସେ ସମସ୍ତଙ୍କୁ ହାତ ଯୋଡ଼ି ବିଦାୟ ଜଣାଉଥିଲେ । ଅମରେଶବାବୁଙ୍କର ଏକମାତ୍ର ପୁଅ ସୁମନର ସେଦିନ ଜନ୍ମଦିନ ଥିଲା ।

ଖାଲି ଜନ୍ମଦିନ ନୁହେଁ, ଡାକ୍ତରୀ ପାଠ ପଢ଼ିବା ପାଇଁ ସୁମନ ଯେଉଁ ପରୀକ୍ଷା ଦେଇଥିଲା, ତା'ର ଫଳ ସେହିଦିନ ବାହାରିଥିଲା । ସେ କୃତିତ୍ୱର ସହ ଉକ୍ତ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲା । ଆମ ଗାଁର ପିଲାଟିଏ କାଲି ଡାକ୍ତରଟିଏ ହେବ । ଆମ ଅଞ୍ଚଳ ପାଇଁ ଏହା ଥିଲା ଏକ ଗର୍ବ ଓ ଗୌରବର ବିଷୟ । ସେଥିପାଇଁ ଅମରେଶବାବୁ ସୁମନର ଜନ୍ମଦିନଟିକୁ ବେଶ୍ ଆଡମ୍ବରରେ ପାଳନ କରୁଥିଲେ । ଆମ ଗାଁ ଉତ୍ସବମୁଖର ହୋଇ ଉଠିଥିଲା ।

ସନ୍ଧ୍ୟା ପରେ ପରେ ଆମ ପଞ୍ଚାୟତର ସରପଞ୍ଚ ବିଜୟବାବୁ ଆସି ପହଞ୍ଚିଲେ । ତାଙ୍କ ସହିତ ଆମ ପଞ୍ଚାୟତର ଆଉ କେତେଜଣ ନିମନ୍ତ୍ରିତ ଅତିଥି ଭାବରେ ମଧ୍ୟ ଆସିଥିଲେ । ସରପଞ୍ଚ ବିଜୟବାବୁ ଜଣେ ନିଃସ୍ୱାର୍ଥ, ପରୋପକାରୀ, ଅମାୟିକ ବ୍ୟକ୍ତି ଭାବରେ ସମସ୍ତଙ୍କର ଶ୍ରଦ୍ଧା ଓ ସମ୍ମାନର ପାତ୍ର ଥିଲେ । ତାଙ୍କର ଦକ୍ଷତା ଓ କାର୍ଯ୍ୟ ନିପୁଣତା ବଳରେ ଆମ ପଞ୍ଚାୟତ ସମଗ୍ର ରାଜ୍ୟରେ ଶ୍ରେଷ୍ଠ ପଞ୍ଚାୟତର ମାନ୍ୟତା ପାଇଥିଲା । ସେ ଜଣେ ବୟସ୍କ ଲୋକ । ଅମରେଶବାବୁ ତାଙ୍କୁ ଭକ୍ତି ଓ ଶ୍ରଦ୍ଧାରେ ପ୍ରଣାମ କରି ପାଛୋଟି ଆଣିଲେ । ବିଜୟବାବୁ ହସି ହସି ପଚାରିଲେ, ''ଆରେ ଅମର, କିପରି ଅଛ ? ସବୁ ଭଲ ତ ?''

ଅମରେଶବାବୁ କହିଲେ, 'ହଁ ଆଜ୍ଞା ! ଆପଣଙ୍କର ଆଶୀର୍ବାଦ ଓ ଭଗବାନଙ୍କ ଦୟାରୁ ବେଶ୍ ଭଲ ଅଛି ।'

'ହଉ ବାବା ! ଆରେ ତୁମ ପୁଅ ସୁମନ କାହିଁ ? ତାକୁ ଡାକ ନା ।'

ସରପଞ୍ଚ ବିଜୟବାବୁଙ୍କର ଏ କଥା ପଦକ ସୁମନ କାନରେ ବାଜିଗଲା । ସାଙ୍ଗମାନଙ୍କ ସହିତ ସେ ଆସି ବିଜୟବାବୁଙ୍କୁ ପ୍ରଣାମ କରି ପାଖରେ ଠିଆହେଲା । ବିଜୟବାବୁ ତା ମୁଣ୍ଡରେ ହାତ ବୁଲାଇ ଆଣି କହିଲେ– ଆରେ ସୁମନ, ତୁମର ଆଜି ଜନ୍ମଦିନ । ଆଜିପରି ଦିନରେ ତୁମେ ଏକ ବିରଳ କୃତିତ୍ୱର ଅଧିକାରୀ ହୋଇଛ । ତୁମେ ଆମ ପଞ୍ଚାୟତର ଗର୍ବ ଓ ଗୌରବ । ମୁଁ ତୁମକୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ସ୍ୱାଧୀନତା ଦିବସରେ ପଞ୍ଚାୟତ ତରଫରୁ ତୁମକୁ ସମ୍ମାନିତ କରାଯିବ । କାଲି ଡାକ୍ତରଟିଏ



ହେବ । ମଣିଷର ସେବା ହିଁ ମାଧବଙ୍କର ସେବା । ସେବା କରିବା ପାଇଁ ଭଗବାନ ତୁମକୁ ଯେଉଁ ମହାର୍ଘ ସୁଯୋଗ ଦେଇଛନ୍ତି, କର୍ମ ଜୀବନର ପ୍ରତି ମୁହୂର୍ତ୍ତରେ ତାକୁ ପାଳନ କରିବ ତ ? କିଛି ପାଇବାର ଆଶା ରଖି କାର୍ଯ୍ୟ କରିବାକୁ ସେବା କୁହାଯାଏ ନାହିଁ ।'

ସୁମନ କହିଲା, 'ମୋତେ ଆଶୀର୍ବାଦ କରନ୍ତୁ । ଆପଣଙ୍କର ଏ ଉପଦେଶକୁ ମୁଁ ଯେପରି କେବେ ନ ଭୁଲେ ।'

କିଛି ସମୟ ପରେ ବିଜୟବାବୁ ପଚାରିଲେ, 'ଆରେ ଅମର, ମୁଁ ତ କାହିଁ ଏ ଉତ୍ସବରେ ତୋ ସାନଭାଇ ସମରକୁ ଦେଖିବାକୁ ପାଉନି । ତା ଦୁଆର ବନ୍ଦ, ତା' ପିଲାପିଲି କ'ଣ ଘରେ ନାହାନ୍ତି ?'

କି ଉତ୍ତର ଦେବେ ଅମରେଶବାବୁ ତାଙ୍କ ପିଲାଦିନର ଏ ଶିକ୍ଷକ ଜଣଙ୍କୁ ! ଆଜି ସିନା ସେ ସରପଞ୍ଚ; କିନ୍ତୁ ଅନେକଦିନ ତଳେ ସେ ଯେ ଗାଁ ବିଦ୍ୟାଳୟରେ ଶିକ୍ଷକତା କରୁଥିଲେ । ଛେପ ଢୋକି ନିମ୍ନ ଗଳାରେ କହିଲେ, 'ସେ ଆସିବନି ।'

'କିନ୍ତୁ କାହିଁକି ? ଆରେ ଯେତେ ଭାଇ ସେତେ ଘର । ତୁମେ ଅଲଗା ହେଲ, ଠିକ୍ ଅଛି । ତା' ବୋଲି କ'ଣ ସମ୍ପର୍କ କଟିଯିବ ! ସ୍ନେହ, ଶ୍ରଦ୍ଧା, ଆନ୍ତରିକତା ଭଲପାଇବା– ଏସବୁ ମାନବୀୟ ଗୁଣ ଭୁଲିଯିବ । ଏ ଉତ୍ସବ କ'ଣ ତା'ର ନୁହେଁ ?'

ଅମରେଶବାବୁ କହିଲେ, ''ସାର୍, ପଞ୍ଚାୟତ କାର୍ଯ୍ୟାଳୟ ପାଖରେ ସଡ଼କକୁ ଲାଗି ଆମର ଥିବା ପାଞ୍ଚଗୁଣ୍ଠ ଜମି ଏହାର ମୂଳ କାରଣ । ଆପଣ ତ ଦେଖୁଛନ୍ତି ସହର ଧୀରେ ଧୀରେ ଆମ ଗାଁ ଆଡ଼କୁ ମାଡ଼ିଆସୁଛି । ପୁଅ ତ ଡାକ୍ତର ହେବ । ସେହି ଜମିରେ ଭବିଷ୍ୟତରେ ନର୍ସିଂହୋମ୍‌ଟିଏ ଖୋଲିବା ପାଇଁ ମୁଁ ଆଶା ରଖିଛି । ବାପା ଗଲାପରେ ମା' ମୋ ପାଖରେ ରହିଲେ । ଭାଗବଣ୍ଟା ହେଲାବେଳେ ସେତିକି ଜମି ମା'ଙ୍କ ପାଇଁ ରଖିଥିଲୁ । ଏବେ ମା' ବି ଚାଲିଗଲା । ସେ ଜମିଖଣ୍ଡିକ ମୋତେ ସମ୍ପୂର୍ଣ୍ଣ ଛାଡ଼ିଦେବାକୁ ମୁଁ ସମରକୁ କହିଲି । ଖାଲି ନୁହେଁ, ତା ଅଧାକ ପାଇଁ ଅନ୍ୟ ସ୍ଥାନରେ ଜମି ବା ଟଙ୍କା ଯାହା କହିଥାନ୍ତା, ମୁଁ ଦେବାକୁ ରାଜି ଥିଲି; ମାତ୍ର ସେ ମୋ କଥା ରଖିଲାନି ।'

ସରପଞ୍ଚ ବିଜୟବାବୁ କହିଲେ, ''ଆରେ ଏଥିପାଇଁ ସମ୍ପର୍କ କଟିଗଲା ? ସେ ଆପେ ଆପେ ନ ଆସି ଭୁଲ୍

କଲା । ତୋ ପୁଅ କ'ଣ ତା' ପୁଅ ନୁହେଁ ? ଆଉ ତୁ ବି ବଡ଼ଭାଇ ଭାବରେ ତାକୁ ନ ଡାକି ଭୁଲ୍ କରିଛୁ । ଯା' ତାକୁ ଡାକ ଯା' । ସେ ନିଶ୍ଚୟ ଆସିବ । ମୋ ବନ୍ଧୁ ଆଦର୍ଶ ଶିକ୍ଷକ ଗଙ୍ଗାଧରର ତୁମେ ପୁଅ ପରା ! ସେ ଯଦି ଆଜି ଥାଆନ୍ତେ..... ।''

ଅମରେଶବାବୁଙ୍କ ଡାକରେ ସମରେଶବାବୁ ଓ ତାଙ୍କ ପିଲାପିଲି ସରପଞ୍ଚଙ୍କ ପାଖରେ ଆସି ପହଞ୍ଚିଲେ । ଦୁଇଭାଇଙ୍କର ଆଖି ଛଳ ଛଳ ହୋଇଉଠିଲା । ସରପଞ୍ଚ ବିଜୟବାବୁ କହିଲେ, ''ଅମରେଶ ଆଉ ସମରେଶ । ରାମଲକ୍ଷ୍ମଣଙ୍କ ପରି ପୁଅ ପାଇ ଗଙ୍ଗାଧର ବଡ଼ ଭାଗ୍ୟବାନରେ । ରାଗ, ଅଭିମାନକୁ ଦୂରେଇଦିଅ । ଯେଉଁଠି ସମ୍ପର୍କ ଅଛି, ସେଠାରେ ଅମୃତ ଅଛି । ଯେଉଁଠି ନାହିଁ, ସେଠାରେ ଖାଲି ବିଷ ଆଉ ହଳାହଳ । କିରେ ସମର, କ'ଣ କହୁଛୁ ? ମୁଁ କ'ଣ ଭୁଲ୍ କହୁଛି ?''

''ଭୁଲ ଆମେ କରିଛୁ ସାର୍ ! ଆମକୁ କ୍ଷମା କରନ୍ତୁ ।'' ସମରେଶବାବୁ କହିଲେ ।

ଏବେ ପୁଣି ବିଜୟବାବୁ କହିଲେ, ''ହଉ ଛାଡ଼ ଏ କଥା । ତୁମେ ଦୁଇଜଣ ଦିନେ ମୋର ଛାତ୍ର ଥିଲ । ତୁମ ବାପା ଗଙ୍ଗାଧର ଥିଲା ମୋର ସହକର୍ମୀ । ମୋତେ ଯଦି ଗୁରୁ ବୋଲି ମାନୁଛ, ଦେଇପାରିବ ମୋର ଗୁରୁଦକ୍ଷିଣା ?''

''ସାର୍ ! ଆମକୁ ଲଜ୍ୟା ଦିଅନ୍ତୁନି । କୁହନ୍ତୁ କ'ଣ ଚାହାନ୍ତି ?'' ଦୁଇଭାଇ କହିଲେ ।

ବିଜୟବାବୁ କହିଲେ, ''ସେହି ଜମିଖଣ୍ଡିକ ପଞ୍ଚାୟତକୁ ଦେଇପାରିବ ? ମୋ ପାଇଁ ମାଗୁନିରେ, ଏଠାରେ ଗୋଟିଏ ସେବାସଦନ କରିବା ପାଇଁ ସରକାର ପ୍ରଥମ କିସ୍ତିରେ ଦଶଲକ୍ଷ ଟଙ୍କା ଯୋଗାଇଦେଇଛନ୍ତି । ସରକାରୀ ଜାଗାରେ ତ ହୋଇପାରିବନି । ତୁମେ ଯଦି ସେତକ ଦେଇପାରିବ, ଏଠାରେ ଡାକ୍ତରଖାନାଟିଏ ଆଉ ଗୋଟିଏ ଜରାନିବାସ ହେବ । ଏ ଅଞ୍ଚଳର ବହୁ ଦିନର ଦୁଃଖ ଦୂର ହେବ । ସମରର ପୁଅ ତ ଜଣେ ମେଧାବୀ ଛାତ୍ର । ସେ ବି ଡାକ୍ତର ହେବ । ଦୁଇଭାଇ ଏଠାରେ ସେବା କରିବାର ସୁଯୋଗ ପାଇବେ । ତୁମ ବାପା ଆଉ ମା'ଙ୍କ ନାମ ଅନୁସାରେ ଏହାର ନାମକରଣ ହେବ 'ଗଙ୍ଗାଯମୁନା ସେବା ସଦନ' ।'' ଦୁଇଭାଇ ଆନନ୍ଦରେ ଗଦ୍ ଗଦ୍ ହୋଇ କହିଲେ, ''ସାର୍ ! କାଲି ଶୁଭ ଦିଅନ୍ତୁ ।''

ମଉଦା, ମାଧବନଗର, ଭଦ୍ରକ- ୭୫୬୧୮୧

ଥରେ ଗୋଟେ ନୂଆବୋହୂର ଦେହ ଖରାପ ହୋଇଥାଏ । ତେଣୁ ତା' ଶାଶୂ ବୈଦ୍ୟରାଜଙ୍କୁ ଡାକି ଦେଇ କାମରେ ଚାଲିଗଲେ ।

ବୈଦ୍ୟରାଜ ଆସିଲେ ଓ କହିଲେ– ତୁଳସୀପତ୍ରକୁ ଭଲରେ ରସ କରିକି, ସେଥିରେ ଗୋଲମରିଚ ଭଲରେ ଛେଚିକି ଫେଣ୍ଟିବ ଆଉ ତା'ପରେ ଗରମ ପାଣି ଟିକେ ପିଇବ ଦେହ ଭଲ ହୋଇଯିବ ।

ମଜା କଥା ହେଲା– ଶାଶୂଙ୍କ ନାମ ତୁଳସୀ, ଶ୍ୱଶୁରଙ୍କ ନାମ ଗୋଲିଆ ଆଉ ସ୍ୱାମୀ ନାମ ପାଣି ।

ଶାଶୂ ଆସିଲେ ବୋହୂକୁ ପଚାରିଲେ– ବୈଦ୍ୟରାଜ୍ କ'ଣ କହିଲେ ?

ବୋହୁ ତ କାହାର ନାମ ଧରିବନି, ସେ କେମିତି କହୁଛି.... ବୈଦ୍ୟରାଜ୍ କହିଲେ– ତୁମକୁ ଭଲରେ ଛେଚିକି ରସ ବାହାର କରିବି, ବାପାଙ୍କୁ ହେମଦସ୍ତାରେ କୁଟିକି ଗୁଣ୍ଡ କରିକି ଫେଣ୍ଟିବି... ଯା'କୁ କରି ସାରିଲା ପରେ ତମ ପୁଅଙ୍କୁ ଗରମ କରିକି ପିଇବି ।

ଏହା ଶୁଣି ବୈଦ୍ୟରାଜ୍ କୋମାରେ........ ।

ପ୍ରେମ୍‌ଚାନ୍ଦ୍ ଓ ଫଟା କୋଟ୍

ଶ୍ରୀ ସୁଧାଂଶୁ ଶେଖର ଦ୍ୱିବେଦୀ

ହିନ୍ଦୀ ଭାଷାର ମହାନ୍ କଥାକାର ମୁନ୍‌ସୀ ପ୍ରେମ୍‌ଚାନ୍ଦ୍‌ଙ୍କ ଜୀବନ ଅତ୍ୟନ୍ତ ନିରାଡ଼ମ୍ବର ଥିଲା । ତାଙ୍କ ପାଖରେ ଗୋଟେ ପୁରୁଣା କୋଟ୍ ଥାଏ । କେତେକ ସ୍ଥାନରେ ସେଇଟା ଫାଟି-ଛିଡ଼ି ଯାଇଥାଏ; ତଥାପି ସେ ତାକୁଇ ପିନ୍ଧି ସାହିତ୍ୟ ସଭା ଓ ସ୍କୁଲକୁ ଯାଆନ୍ତି ।



ନୂଆ କୋଟ୍‌ଟିଏ ତିଆରି କରିବାପାଇଁ ତାଙ୍କ ସ୍ତ୍ରୀ ଶିବରାଣୀ ଦେବୀ ଅନେକଥର ପରାମର୍ଶ ଦେଇଥିଲେ ମଧ୍ୟ ପ୍ରତିଥର ଟଙ୍କାର ଅଭାବ ଦର୍ଶାଇ କଥା ଟାଳିଦିଅନ୍ତି ।

ଦିନେ ଶିବରାଣୀ ଦେବୀ ନିଜ ଜମାପୁଞ୍ଜିରୁ କିଛି ଟଙ୍କା ପ୍ରେମ୍‌ଚାନ୍ଦ୍‌ଙ୍କୁ ଦେଇ କହିଲେ, ''ଆଜି ବଜାର ଯାଇ କୋଟ୍ ତିଆରି କରିବା ଲାଗି ଭଲ କପଡ଼ା କିଣିଆଣିବ ।''

ପ୍ରେମ୍‌ଚାନ୍ଦ୍ ସ୍ତ୍ରୀଙ୍କ ଠାରୁ ଟଙ୍କା ନେଇ କହିଲେ, ''ଠିକ୍ ଅଛି, ଆଜି ହିଁ ନୂଆ କୋଟ୍‌ପାଇଁ କପଡ଼ା ନେଇଆସିବି ।'' ତା'ପରେ ସେ ନିଜ ସମୟ ମୁତାବକ ବଜାର ଯିବାପାଇଁ ପ୍ରସ୍ତୁତ ହେଲେ ।

ପୁଣି ସନ୍ଧ୍ୟାକୁ ଖାଲି ହାତରେ ଫେରିଥିବାର ଦେଖି ଶିବରାଣୀ ଦେବୀ ପଚାରିଲେ, ''କ'ଣ ହେଲା ? କୋଟ୍ ତିଆରିପାଇଁ କପଡ଼ା ଆଣିଲ ନାହିଁ କି ?''

ପ୍ରେମ୍‌ଚାନ୍ଦ୍ କିଛିକ୍ଷଣ ଲାଗି ଚୁପ୍ ରହିବା ପରେ କହିଲେ, ''ମୁଁ କପଡ଼ା କିଣିବାପାଇଁ ଯାଇଥିଲି ଯେ ହେଲେ ରାସ୍ତାରେ ପ୍ରେସ୍‌ର ଜଣେ କର୍ମଚାରୀ ଦେଖାହୋଇଗଲା । ତା ଝିଅ ବାହାଘର ପାଇଁ କିଛି ଟଙ୍କା ଅଭାବ ପଡୁଥିବାରୁ ନିରାଶ ହୋଇ ମୋତେ ଜଣାଇଲା । ବିଚରାର ଉଦାସ ମୁହଁକୁ ଦେଖି ମୁଁ ଆଉ ସହିପାରିଲିନି । ସବୁ ଟଙ୍କା ତାକୁ ଦେଇଦେଲି । କୋଟ୍ ତ ପୁଣି କେବେ ହେଇପାରିବ; କିନ୍ତୁ ଝିଅଟିର ବାହାଘର ଦିନ ଗଡ଼ିଗଲେ ଆଉ କ'ଣ ହୋଇପାରିବ ?''

ଶିବରାଣୀ ଦେବୀ ସ୍ୱାମୀଙ୍କର ଏଭଳି ଉଦାସପଣିଆକୁ ଦେଖି କହିଲେ, ''ମୁଁ ଜାଣିଥିଲି, ପ୍ରେସର କର୍ମଚାରୀ ଦେଖାହୋଇ ନ ଥିଲେ ଅନ୍ୟ କେହି ତୁମକୁ ମିଳିଯାଇଥା'ନ୍ତେ । ତୁମ ହାତରେ ଟଙ୍କା ଦେଇ କୋଟ୍ ତିଆରି କେବେବି ହୋଇପାରିବନି ।''

ସ୍ତ୍ରୀଙ୍କ ଅଭିମାନମିଶା ଉକ୍ତିରେ ପ୍ରେମ୍‌ଚାନ୍ଦ୍ କେବଳ ମନେ ମନେ ହସୁଥାନ୍ତି । ଏହିଭଳି ଜଣେ ମହାନ୍ କଥାକାରଙ୍କ ଜୀବନ ଅନେକ ଘାତପ୍ରତିଘାତ ଦେଇ ଯାଇଛି । ସେସବୁକୁ ଖାତର ନକରି ନିଜ ଅଧ୍ୟବସାୟ ବଳରେ ଅନେକ ଉଚ୍ଚକୋଟୀର ଗଳ୍ପ ଓ ଉପନ୍ୟାସ ସେ ଲେଖିଯାଇଛନ୍ତି । ସେଗୁଡ଼ିକ ମଧ୍ୟରୁ କେତେକ କଥା ଓ କାହାଣୀ ସ୍କୁଲ-କଲେଜର ପାଠ୍ୟପୁସ୍ତକରେ ସ୍ଥାନିତ । ଭାରତବର୍ଷର ଆଧୁନିକ କଥାସମ୍ରାଟ ଭାବେ ପ୍ରେମଚାନ୍ଦ ସବୁଠି ପରିଚିତ ।

ବି.ସି.-୭୪, ସେକ୍ଟର-୧,
ସଲଟ୍ ଲେକ୍, କଲକତା-୬୪



ପ୍ରାକୃତିକ ବିପର୍ଯ୍ୟୟ- ଭୂମିକମ୍ପ

ଡା. ଅଜିତାନନ୍ଦ ଗୋସ୍ୱାମୀ

ପୃଥିବୀ ଗୋଟିଏ ଖଣ୍ଡରେ ଗଠିତ ହୋଇନାହିଁ । ଏହାର ବହିର୍ଭାଗ ପ୍ରାୟ ୨୦ଟି ଟେକ୍ଟୋନିକ୍ ପ୍ଲେଟସ୍ ବା ଅଶ୍ମମଣ୍ଡଳୀୟ ଶିଳାଖଣ୍ଡରେ ଗଠିତ । ଏଗୁଡ଼ିକ ମଧ୍ୟରେ ୬ଟି ବିରାଟକାୟ ଟେକ୍ଟୋନିକ୍ ପ୍ଲେଟସ୍ ରହିଛି । ଟେକ୍ଟୋନିକ୍ ପ୍ଲେଟସ୍‌ଗୁଡ଼ିକ ସ୍ଥିର ନୁହନ୍ତି । ସର୍ବଦା ଚଳନଶୀଳ । ଏଗୁଡ଼ିକ କଠିନ ଓ ପ୍ରତ୍ୟେକଟିର ୩ଟି ପାର୍ଶ୍ୱ ରହିଛି । ଶିଳାଖଣ୍ଡଗୁଡ଼ିକର ଚଳନରେ ଦୋଷ ରହିଲେ ପ୍ରାୟ ୯୫ପ୍ରତିଶତ ଭୂମିକମ୍ପ ହୋଇଥାଏ ।

ଶିଳାଖଣ୍ଡଗୁଡ଼ିକର ଚଳନ ହେଲା– ୧) ହୋରାଇଜେଣ୍ଟାଲ୍ ବା ସମାନ୍ତରାଳ, **୨)** କନ୍‌ଭର୍‌ଜେଣ୍ଟାଲ୍ ବା କେନ୍ଦ୍ରାଭିମୁଖୀ ଓ ଡାଇଭର୍‌ଜେଣ୍ଟାଲ ବା ପରସ୍ପର ବିପରୀତ ଦିଗରେ ଗତି କରିବା ।

ଶିଳାଖଣ୍ଡଗୁଡ଼ିକର ଚଳନରେ ପରସ୍ପର ଆଘାତପ୍ରାପ୍ତ ହେଲେ ଭୟଙ୍କର ଭୂମିକମ୍ପ ହୁଏ ।

ଭୂମିକମ୍ପର ତୀବ୍ରତା ଚାର୍ଲସ୍ ରିକ୍ଟର୍‌ଙ୍କ ଆବିଷ୍କୃତ ରିକ୍ଟର୍ ସ୍କେଲ୍‌ରେ ମପାଯାଏ । ରିକ୍ଟର ସ୍କେଲ୍‌ରେ ୧ରୁ ୧୨ ଡିଗ୍ରୀ ପର୍ଯ୍ୟନ୍ତ ରହିଥାଏ ।

କ) ୧ଡିଗ୍ରୀରେ କମ୍ ଲୋକ ଭୂମିକମ୍ପ ଅନୁଭବ କରନ୍ତି ।

ଖ) ୪ଡିଗ୍ରୀରେ ଘରର କାଠ ଓ ଧାତୁଗୁଡ଼ିକର ଘର୍ଷଣରୁ କର୍କଶ ଶବ୍ଦ ବାହାରେ ।

ଗ) ୭ଡିଗ୍ରୀରେ ଠିଆହେବା କଷ୍ଟ ଓ ଘର ଥରେ ।

ଘ) ୯ ଡିଗ୍ରୀରେ ଘର ମୂଳଦୁଆରୁ ଖସିଯାଏ ।

ଙ) ୯ଡିଗ୍ରୀରୁ ଉର୍ଦ୍ଧ୍ୱ ହେଲେ ନିମିଷକରେ ସବୁ ଧ୍ୱଂସ ହୋଇଯାଏ । ଭୟଙ୍କର ଭୂମିକମ୍ପ ହୋଇଥିବା ଦେଶଗୁଡ଼ିକ ହେଲା– ୧୯୦୫ରେ ଭାରତ, ୧୯୦୬ରେ ଚିଲି, ୧୯୦୮ରେ ଇଟାଲି, ୧୯୨୦ରେ ଚୀନ୍, ୧୯୨୩ରେ ଜାପାନ, ୧୯୩୨ରେ କ୍ୱଟା, ୧୯୩୪ରେ ବିହାର, ୧୯୩୯ରେ ତର୍କି, ୧୯୪୮ରେ ସୋଭିଏଟ୍ ୟୁନିୟନ୍, ୧୯୯୦ରେ ଇରାନ୍ ଓ ୧୯୯୩ରେ ଭାରତର ମହାରାଷ୍ଟ୍ର ପ୍ରଭୃତି ।

ଏକାବେଳକେ ବିଭିନ୍ନ ଦେଶଗୁଡ଼ିକରେ ଭୂମିକମ୍ପ ହେବାର କାରଣ– କେତେକ ଦେଶ ଏକ ବନ୍ଧନ ଧାରାରେ ରହିଥାନ୍ତି, ଯେଉଁଥିପାଇଁ ଉକ୍ତ ଦେଶଗୁଡ଼ିକରେ ଏକାବେଳକେ ଭୂମିକମ୍ପ ହୋଇଥାଏ । ଉଦାହରଣସ୍ୱରୂପ – **୧)** ଦକ୍ଷିଣ ଆମେରିକାର ଆଣ୍ଡିଜ୍ ପର୍ବତଶ୍ରେଣୀ, ଜାପାନ ଓ ମାଲେସିଆର ବିସ୍ତୃତ ଅଞ୍ଚଳ; **୨)** ଆଲ୍‌ପ୍‌ସ୍ ପର୍ବତଶ୍ରେଣୀ, ଭୂମଧ୍ୟସାଗର, ଦକ୍ଷିଣ ଇଉରୋପ ଓ ମଧ୍ୟ ଇଉରୋପ; **୩)** କାଉକସ୍ ପର୍ବତଶ୍ରେଣୀ, ଦକ୍ଷିଣ ଏସିଆ ଓ ହିମାଳୟ ଏବଂ **୪)** ପାସିଫିକ୍ ସାଗର ଅଞ୍ଚଳରେ ଥିବା ଏକ ବିରାଟ ପର୍ବତଶ୍ରେଣୀରେ ଏକାବେଳକେ ଭୂମିକମ୍ପ ହୁଏ ।

କେଉଁଠାରେ ଭୂମିକମ୍ପ ହୁଏ ନାହିଁ– ସାଧାରଣତଃ ବୃହତ୍ ଦେଶଗୁଡ଼ିକର ମଧ୍ୟବର୍ତ୍ତୀ ସ୍ଥାନ, ସମୁଦ୍ରର ମଧ୍ୟବର୍ତ୍ତୀ ସ୍ଥାନ ଓ ଅଗଭୀର ସମୁଦ୍ରରେ ଥିବା ଦ୍ୱୀପ ପ୍ରଭୃତିରେ ଭୂମିକମ୍ପ ହୁଏନାହିଁ ।

ଅନ୍ୟାନ୍ୟ କେତେକ କାରଣରୁ ଭୂମିକମ୍ପ ହୁଏ– ସାଧାରଣତଃ ଆଗ୍ନେୟଗିରିର ଉଦ୍‌ଗୀରଣ ଯୋଗୁ ଭୂମିକମ୍ପ ହୁଏ ।

ଭୂମିକମ୍ପର ପୂର୍ବାଭାସ ଦେଉଥିବା ଜୀବଜନ୍ତୁ ଓ ଅନ୍ୟାନ୍ୟ ଗୃହପାଳିତ ଗୋରୁ, ମେଣ୍ଢା, ଛେଳି, ଘୋଡ଼ା ଓ ଘୁଷୁରି ପ୍ରଭୃତି ପଶୁ ସେମାନଙ୍କର ରହିବା ସ୍ଥାନରୁ ବାହାରକୁ ପଳାଇ ଆସିବାକୁ ଅସ୍ଥିର ହୁଅନ୍ତି । କୁକୁରଗୁଡ଼ିକ କାରଣ ନ ଥାଇ ଭୁକନ୍ତି । କୁକୁଡ଼ା ଓ ବତକଗୁଡ଼ିକ ଡେଣା ଫଡଫଡ୍ କରି ଉଡ଼ି ବୁଲନ୍ତି । କୂଅର ଜଳପତନରେ ପରିବର୍ତ୍ତନ ହୋଇଥାଏ ।

ଅଚ୍ୟୁତାନନ୍ଦ ମାର୍ଗ, ଅରୁଣୋଦୟ ନଗର, କଟକ-୧୨

ସିଏ କି ମଣିଷେ ଗଣା !

ଶ୍ରୀ ନିରାକାର ଚଇନି

ପର ଦୁଃଖ ଦେଖି ଆନନ୍ଦ ମନରେ
ହସିଥାଏ ଯେଉଁ ଲୋକ
ନିଜ ପେଟ ଛଡ଼ା ଜାଣି ନ ପାରଇ
ଆଉ କା' ପେଟର ଭୋକ ।
କାମଧନ୍ଦା ଛାଡ଼ି ଅଳସୁଆମିରେ
କାଟେ ଯିଏ ଦିନରାତି
ବାକିରେ ମିଳିଲେ ହାଇଁପାଇଁ ହୁଏ
କିଣିବାକୁ ଘୋଡ଼ା ହାତୀ ।
କାଣିଚାଏ ବୁଦ୍ଧି ମୁଣ୍ଡରେ ନ ଥାଉ
ବୋଲାଏ ନିଜକୁ ଜ୍ଞାନୀ
ଭିକାରୀକୁ ଦେଇ ଟଙ୍କେ କି ଆଠଣା
କହେ ସିଏ ମହାଦାନୀ ।
ଆପଣା ଘରଟି ପୋଡ଼ିଯାଉ ପଛେ
ଭାବେ ପରଘର କଥା
କେମିତି ଭାଙ୍ଗିବ ଘରଟି ତାହାର
ଖେଳାଉଥାଏ ତା' ମଥା ।
ଜୀବନେ ଥରଟେ ତୁଣ୍ଡୁ ବାହାରିନି
ଯା'ର ପଦୁଟିଏ ସତ
ଗୁରୁଗୁରୁଜନ ଆଗରେ କେବେହେଁ
କରେନାହିଁ ମଥାନତ ।
ବିପଦୁ ତରିବା ଉପାୟ ନ ପାଞ୍ଚି
ହୁଏ ଯିଏ ବାଟବଣା
ସତରେ ପିଲାଏ ଏଇ ଦୁନିଆରେ
ସିଏ କି ମଣିଷେ ଗଣା !

ସୁବୁଦ୍ଧିସାହି ପ୍ରାଥମିକ ବିଦ୍ୟାଳୟ, ଗୋଳାବନ୍ଧ,
ତେଲକୋଇ, କେନ୍ଦୁଝର-୭୫୮୦୮୪

ଶ୍ରୀକ୍ଷେତ୍ରରେ ଶ୍ରୀରାମ ବିଜେ କଲେ

ଶ୍ରୀ ନାରାୟଣ ଶତପଥୀ

ଥରେ ସନ୍ଥ ତୁଳସୀ ଦାସ ଶୁଣିବାକୁ ପାଇଲେ, ଓଡ଼ିଶାରେ ଥିବା ଶ୍ରୀଜଗନ୍ନାଥ ବହୁ ରୂପରେ ଦେଖାଦେଉଛନ୍ତି । ଏପରିକି ଯିଏ ଯେଉଁ ରୂପରେ ଦେଖିବାକୁ ଚାହିଁବ, ତାକୁ ସେହି ରୂପରେ ଦେଖା ଦେଉଛନ୍ତି । ସେ ଜଗନ୍ନାଥ, ସେ ଶ୍ରୀକୃଷ୍ଣ, ସେହି ମଧ୍ୟ ପ୍ରଭୁ ଶ୍ରୀରାମ, ଅର୍ଥାତ୍ ସେ ହିଁ ସବୁ । ଯଥାର୍ଥରେ ତୁଳସୀ ଦାସ ଥିଲେ ଶ୍ରୀରାମଙ୍କ ଭକ୍ତ । ସେ ଭାବିଲେ– ଜଗନ୍ନାଥ କିପରି ଭାବେ ରାମଚନ୍ଦ୍ରଙ୍କ ରୂପରେ ଦେଖାଦେବେ ! ତେଣୁ ସେ ଉତ୍ତର-ଭାରତ ଛାଡ଼ି ପୁରୁଷୋତ୍ତମ କ୍ଷେତ୍ର ପୁରୀଧାମକୁ ଧାଇଁଆସିଥିଲେ ।

ଏଠାରେ ଦେଖିବାକୁ ପାଇଲେ, ରତ୍ନ ସିଂହାସନ ଉପରେ ଶ୍ରୀଜଗନ୍ନାଥ ବିଜେ କରିଛନ୍ତି । ପାଖରେ ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରା ବିରାଜମାନ ଅଛନ୍ତି । ଯେତେ ଗୁହାରି କଲେ ମଧ୍ୟ ତାଙ୍କର ପ୍ରିୟ ଦେବତା ରାମଚନ୍ଦ୍ରଙ୍କ ରୂପ ଦେଖିପାରିଲେ ନାହିଁ । ଏହାପରେ ସନ୍ଧ୍ୟା ଆଗତପ୍ରାୟ । ସନ୍ଧ୍ୟା ଆଳତି, ନିତ୍ୟାନ୍ନ, ଭୋଗ ଇତ୍ୟାଦି ସରିଲା ପରେ ସାହାଣମେଲା ଦର୍ଶନ । ଜୟଦେବଙ୍କ ଗୀତଗୋବିନ୍ଦ ଗାନ, ତଥା ନୃତ୍ୟଗୀତାଦି ସରିଲାପରେ ଠାକୁରଙ୍କ ପହୁଡ଼ ପଡ଼ିଲା । ଏତେ ସମୟ ପର୍ଯ୍ୟନ୍ତ ବିନୟ ପ୍ରାର୍ଥନା କଲେ ମଧ୍ୟ ଠାକୁରଙ୍କୁ ପ୍ରଭୁ ଶ୍ରୀରାମ ରୂପେ ଦେଖିପାରିଲେ ନାହିଁ । ତେଣୁ ଦାସେଆପଣେ ବିରସ ବଦନରେ ନିଜର ବାସସ୍ଥାନକୁ ବାହୁଡ଼ିଗଲେ । ଅନାହାରବଶତଃ ବିଶ୍ରାମ ନେଲେ ।

ସେତେବେଳକୁ ସମୟ ଅର୍ଦ୍ଧରାତ୍ର ହୋଇସାରିଥାଏ । ଶୋଇବାପାଇଁ ଶଯ୍ୟା ପ୍ରସ୍ତୁତ କଲେ । ଠିକ୍ ଏତିକିବେଳେ ପଣ୍ଡା ପିଲାଟିଏ ଠାକୁରଙ୍କ ମହାପ୍ରସାଦପୂର୍ଣ୍ଣ ଥାଳ ଧରି ଆସିଲେ ଓ ଦାସ ମହାଶୟଙ୍କୁ ଖାଇବାପାଇଁ କହିଲେ । ତହୁଁ ଦାସେ ଅଭିମାନଭରା କଣ୍ଠରେ କହିଲେ, ''ଏଠାରେ କ'ଣ ଠାକୁର ପରଂବ୍ରହ୍ମ ଅଛନ୍ତି ? ମୁଁ ଯେଉଁ ଆଶାରେ ଏତେ ଦୂରରୁ ଧାଇଁଆସିଛି ମୋର ପ୍ରଭୁ ଶ୍ରୀରାମଙ୍କୁ ଦେଖିବାପାଇଁ, କାହିଁ ମୁଁ ତ କିଛି ଦେଖିପାରୁନାହିଁ କିମ୍ବା ଅନୁଭବ କରିପାରୁନାହିଁ ! ନେଇଯାଅ ତୁମ ମହାପ୍ରସାଦ, ରାତି ପାହିଲେ ମୁଁ ମୋ ଦେଶକୁ ପଳାଇଯିବି । ସେଠାରେ ମୋ' ପ୍ରଭୁ ଶ୍ରୀରାମଙ୍କର ଉପାସନା କରିବି ।''

ଏପରି ବଚନ ଶୁଣନ୍ତେ ପଣ୍ଡାପିଲାଟି କହିଲା– ଆପଣ ଯେଉଁ 'ରାମଚରିତ ମାନସ' ରଚନା କରିଛନ୍ତି, ତହିଁରେ ଯାହାଙ୍କୁ ମର୍ଯ୍ୟାଦା ପୁରୁଷ ବା ଆଦର୍ଶପୁରୁଷ ବୋଲି କହିଛନ୍ତି, ଏଠାରେ ସେ ହିଁ ଆଦର୍ଶପୁରୁଷ ବା ପୁରୁଷୋତ୍ତମ ରୂପେ ବିଦ୍ୟମାନ ।

ସୁଷମ ଖାଦ୍ୟ ଓ ରୋଗ

ଶ୍ରୀ ନିରଞ୍ଜନ ସାହୁ

ପ୍ରତିଟି ଶରୀର ପୋଷଣ ପାଇଁକି
ଖାଦ୍ୟ ଲୋଡ଼ା ହୋଇଥାଏ
ଖାଦ୍ୟ ଅଭାବରେ ନାନା ରୋଗ
ଜନ୍ମି ଶରୀର କ୍ଷତି ଘଟାଏ ।

ଦାସେ ମହାଶୟ ଛୋଟ ପିଲାଠାରୁ ଏପରି ଶୁଣି ଚକିତ ହୋଇଗଲେ– ଏ ପିଲାଟି ଏତେ କଥା ଜାଣିଲା କିପରି ! ଠିକ୍ ଏତିକିବେଳେ ପିଲାଟି ମହାପ୍ରସାଦ ଥାଳି ସେଠାରେ ରଖିଦେଇ ସହସା ଅନ୍ତର୍ଦ୍ଧାନ ହୋଇଗଲା । ତୁଳସୀ ଦାସ ବାହାରକୁ ଯାଇ ଯେତେ ଖୋଜିଲେ ମଧ୍ୟ ସେହି ପିଲାଟିକୁ ପାଇଲେ ନାହିଁ ।

ପରଦିନ ପ୍ରଭାତରୁ ଗାଧୁଆ, ନିତ୍ୟକର୍ମ ସାରି ଭିତରକୁ ଗଲେ ଓ ଦେଖିବାକୁ ପାଇଲେ, ରତ୍ନ ସିଂହାସନ ଉପରେ ବସିଛନ୍ତି ପ୍ରଭୁ ଶ୍ରୀରାମ । ପାଖରେ ଅଛନ୍ତି ଅନୁଜ ଲକ୍ଷ୍ମଣ ଓ ମଝିରେ ସୀତାଦେବୀ, ପାଦତଳେ ଭକ୍ତ ହନୁମାନ ସେବା କରୁଛନ୍ତି । ଏ ସମସ୍ତ ଦେଖି ସେ ଭାବିଲେ– ଏ କ'ଣ ସେହି ଅଯୋଧ୍ୟାପୁରୀ ! ଏ କ'ଣ ମୋର ସେଇ ପ୍ରଭୁ ଶ୍ରୀରାମ ! କେତେ କ'ଣ ଭାବିଚାଲିଲେ । ଏଥର ତୁଳସୀ ଦାସଙ୍କ ମନସ୍କାମନା ପୂର୍ଣ୍ଣ ହେଲା । ପରେ ଦାସେ ମହାଶୟେ ପୁରୀଧାମରେ କିଛିଦିନ ବାସ କଲେ ଏବଂ ସମଗ୍ର ଜଗତରେ ଜଗନ୍ନାଥଙ୍କ ମହିମା ସହିତ ରାମଙ୍କର ଗୁଣ କୀର୍ତ୍ତନ ପ୍ରଚାରକଲେ ।

ସୁକିନ୍ଦା, ଯାଜପୁର

ଖାଦ୍ୟ ଶରୀରକୁ ଦେଇଥାଏ ଶକ୍ତି
ଗଠନ କରେ ଶରୀର
ରୋଗ ମୁକ୍ତକାରୀ ହୋଇକରି ଖାଦ୍ୟ
ଶରୀର କରେ ସୁନ୍ଦର ।
ଖାଦ୍ୟସାର ଅଭାବରେ ହୋଇଥାଏ
ଅପପୁଷ୍ଟି ନାମେ ରୋଗ
ସୁଷମ ଖାଦ୍ୟକୁ ନିତି ଖାଉଥିଲେ
ଶରୀର ରହେ ନିରୋଗ ।
ପୁଷ୍ଟିସାର ଅଭାବରେ ହୋଇଥାଏ
କ୍ୱାସିଓର୍‌କର୍ ରୋଗ
ଶ୍ୱେତସାର, ପୁଷ୍ଟିସାର ଅଭାବରେ
ମାରାସ୍ମସ୍ ରୋଗ ଯୋଗ ।
ଧାତୁସାର ଅଭାବରେ ହୋଇଥାଏ
ଗଳଗଣ୍ଡ, ଅସ୍ଥିବଙ୍କା
ମାନସ ବିକାଶ ବାଧାପ୍ରାପ୍ତ ହୁଏ
ରକ୍ତହୀନତା ଆଶଙ୍କା ।
ଖାଦ୍ୟସାର ଅଭାବରେ ଦେଖା-
ଦିଏ ନାନା ସଂକ୍ରାମକ ରୋଗ
ବ୍ୟାକ୍ଟେରିଆ ଦ୍ୱାରା ସଂକ୍ରମିତ ହୁଏ
ଯକ୍ଷ୍ମା, ହଇଜା ଓ ପ୍ଲେଗ ।
ଭାଇରସ୍ ଦ୍ୱାରା ସଂକ୍ରମିତ
ହୁଏ ସ୍ୱାଇନ୍‌ଫ୍ଲୁ, ହାଡ଼ଫୁଟି
ସାଧାରଣ ଥଣ୍ଡା, ଏଡସ୍, ଆଖିଧରା,
ପୋଲିଓ, ମିଳିମିଳାଟି ।
ଆଦିପ୍ରାଣୀ ଦ୍ୱାରା ସଂକ୍ରମିତ ହୁଏ
ଅମାଶୟ, ମ୍ୟାଲେରିଆ
ପ୍ରତ୍ୟକ୍ଷ ସଂସ୍ପର୍ଶେ ବ୍ୟାପିଥାଏ କୃମି,
ବସନ୍ତ, କାଛୁକୁଣ୍ଡିଆ ।

ପ୍ରତ୍ୟକ୍ଷ ସଂସ୍ପର୍ଶେ ସାଧାରଣ ଥଣ୍ଡା,
ହାଡ଼ଫୁଟି, ମିଳିମିଳା
ବାୟୁ ମାଧମରେ ଯକ୍ଷ୍ମା, କାଶ, ସର୍ଦ୍ଦି,
ଗାଲୁଆ ରୋଗର ଜ୍ୱାଳା ।
ହାଡ଼ଫୁଟି, ଆଖିଧରା ଯେ
ଲହରାକାଶ ହୁଅଇ
ବାୟୁ ମାଧ୍ୟମରେ ଅସୁସ୍ଥ ଶରୀରୁ
ସୁସ୍ଥ ଶରୀରକୁ ଯାଇ ।
ସଂକ୍ରମିତ ଖାଦ୍ୟ ମାଧମରେ
ବ୍ୟାପେ ଟାଇଫଏଡ୍, ହଇଜା
ଯକ୍ଷ୍ମା, ଝାଡାବାନ୍ତି ରୋଗ ଜନ୍ମାଇଣ
ମାଛି ମାରୁଥାଏ ମଜା ।
ଦୂଷିତ ଜଳର ମାଧମରେ ବ୍ୟାପେ
ଟାଇଫଏଡ୍, କାମଳ
ଝାଡ଼ାବାନ୍ତି ସାଥେ ହଇଜା ବ୍ୟାପଇ
ପିଇଲେ ଦୂଷିତ ଜଳ ।
ଡେଙ୍ଗୁ, ମ୍ୟାଲେରିଆ, ବାତଜ୍ୱର ବ୍ୟାପେ
ମଶା କାମୁଡ଼ଇ ଯେବେ
ଝାଡ଼ାବାନ୍ତି ପୁଣି ହଇଜା ବ୍ୟାପଇ
ସାମାନ୍ୟ ମାଛି ପ୍ରଭାବେ ।
ମୂଷାଦ୍ୱାରା ବ୍ୟାପିଥାଏ ପ୍ଲେଗ୍
ରୋଗ ଜୀବନ ହୁଅଇ ନାଶ
ଜିଆ, ଦଶିପୋକ, ଅଙ୍କୁଶ କୃମି
ଯେ ଶରୀର କରନ୍ତି ଧ୍ୱଂସ ।

ନିହଲପ୍ରସାଦ, ଗଁଦିଆ ପାଟଣା, ଢେଙ୍କାନାଳ- ୭୫୯୦୧୬

ମାଆର ଉପଦେଶ

ଡ. ବିଜୟ ଚନ୍ଦ୍ର ମହାରଣା

ଛୋଟ ପିଲାଟିଏ । ନାଆଁ ତା'ର ରାଜୁ, ଭାରି ଦୁଷ୍ଟ । ମାଆଙ୍କ କଥାକୁ ମାନେନାହିଁ । ନିଜ ପୋଷାକ ଓ ବହିପତ୍ରର ଯତ୍ନ ନିଏନାହିଁ । ବଡ଼ଭଉଣୀ ଯେତେ ବୁଝାଇଲେ ବି କଥା ଶୁଣେନାହିଁ ।

ଦିନକର ଘଟଣା । ସେଦିନ ପ୍ରବଳ ଗରମ ହେଉଥାଏ । ଭାଇ ଓ ଭଉଣୀ ସ୍କୁଲରୁ ଫେରୁଥିଲେ । ବାଟରେ ଦେଖିଲେ ବୁଢ଼ାଟାଏ ଆତ ବିକ୍ରି କରୁଥାଏ । ଆତ ଖାଇବାକୁ ରାଜୁ ଜିଦ୍ କଲା । ଭଉଣୀ କହିଲା– ମଉସା ! ଇଏ ଭାରି ବଦମାସ୍ ହେଉଛି, ଘରେ କାହାରି କଥା ମାନୁନାହିଁ । ଆତ ବିକାଳି କହିଲା– ''ଦେଖ ଝିଅ ! ତୁମେ ପାଖରେ ବସ । ମୁଁ ତତେ ଗୋଟିଏ ଗପ କହିବି ଶୁଣିବୁ ।''

ଦିନେ ବାଘଟିଏ ଜଙ୍ଗଲରେ ବୁଲୁଥିଲା । ଶିକାରୀଟିଏ ବାଘକୁ ଧରିବା ପାଇଁ ଜାଲ ପକାଇଥାଏ । ବାଘକୁ ଏହା ଜଣାପଡ଼ିଲା ନାହିଁ । ବୁଲୁ ବୁଲୁ ସେ ଜାଲରେ ପଡ଼ିଗଲା । ବାଘଟି ବିକଳରେ ଡାକୁଥାଏ ତାକୁ ସାହାଯ୍ୟ କରିବା ପାଇଁ । ସେଇବାଟ ଦେଇ ବାଛୁରୀ ଛୁଆଟିଏ ଯାଉଥିଲା । ସେ ବାଘର ଚିତ୍କାର ଶୁଣି ତା ପାଖକୁ ଆସିଲା ଓ ବାଘଟି ସାହାଯ୍ୟ କରିବା ପାଇଁ ତାକୁ ଅନୁରୋଧ କଲା । ବାଛୁରୀଟି ତା'ର ମାଆ କହିଥିବା କଥା ମନେପକାଇଲା । ତା' ମାଆ ତାକୁ କହିଥିଲା ଯେ– ଶତ୍ରୁ ହେଲେ ମଧ ଯଦି ସେ ବିପଦରେ ପଡ଼ିଥାଏ, ତାକୁ ସାହାଯ୍ୟ କରିବା ଉଚିତ୍ । ବାଛୁରୀଟି ସଙ୍ଗେ ସଙ୍ଗେ ଯାଇ ତା'ର ଛୋଟ

ଛୋଟ ଶିଙ୍ଗରେ ଜାଲଟିକୁ ଫିଟାଇଦେଲା । ବାଘଟି ଜାଲରୁ ମୁକୁଳିଗଲା ।

ବାଘଟି ବାଛୁରୀଟିକୁ ଦେଖି ତା'ର କଅଁଳ ମାଂସ ଖାଇବାକୁ ପାଟିରୁ ଲାଳ ବହିଲା । ସେ ଗୋଟିଏ ଉପାୟ ଚିନ୍ତାକରି ବାଛୁରୀକୁ କହିଲା- ''ମାଇଁ ତତେ ଡାକିଛନ୍ତି, ତୁ ଆମ ଘରକୁ ଚାଲେ । ସେ ତତେ ଦେଖି ବହୁତ ଖୁସିହେବେ । ସୁଆଦିଆ ଖାଦ୍ୟ ଖାଇବାକୁ ଦେବେ ।'' ବାଛୁରୀଟି ତା'ର ମାଆର ଦ୍ୱିତୀୟ କଥାକୁ ମନେପକାଇଲା । ଯଦି କେହି ତୁମକୁ କିଛି ଖୁସିରେ ଦେଉଛି ବା ତୁମକୁ ଡାକୁଛି, ତୁମେ ତା'ର ଖୁସିରେ ବାଧା ଦେବନାହିଁ । ବାଛୁରୀଟି ବାଘର ଆଗେ ଆଗେ ଯାଉଥାଏ ଓ ବାଛୁରୀ ପଛେ ପଛେ । କିଛି ବାଟ ଗଲାପରେ ଦୁହେଁ ଗୁମ୍ଫାରେ ପହଞ୍ଚିଲେ । ବାଘ ଲାଙ୍ଗୁଳ ହଲାଇ କହିଲା- ''ଆରେ ବୋକା ବାଛୁରୀ ! ମୁଁ ତୋର କଅଁଳ ମାଂସ ଖାଇବାକୁ ତତେ ଏଠାକୁ ଭୁଲେଇ ନେଇଆସିଛି ।''

ବାଘର ଏ କଥାଶୁଣି ବାଛୁରୀ ମନରେ ଛାନିଆଁ ପଶିଗଲା । ଏତିକିବେଳେ ମାଆର ତୃତୀୟ କଥାଟି ମନେପଡ଼ିଗଲା । ତୃତୀୟ କଥାଟି ହେଲା- ବିପଦବେଳେ ସାହସ ଓ ଧୈର୍ଯ୍ୟର ସହ ମୁକାବିଲା କରିବା ଉଚିତ୍ । ବାଛୁରୀଟି କୌଣସି ଉପାୟ ନପାଇ ଏକାନିଶ୍ୱାସରେ ଦୌଡ଼ିବାକୁ ଲାଗିଲା । ବାଘ ତା' ପଛେ ପଛେ ଗୋଡ଼ାଉଥାଏ । ଛୋଟ ବାଛୁରୀଟି କେତେ ବା ଦୌଡ଼ିବ ? କିଛି ବାଟ ଗଲାପରେ ହାଲିଆ ହୋଇଗଲା । ତା'ପରେ ମାଆର ଚତୁର୍ଥ କଥାଟା ମନେପଡ଼ିଗଲା । ଚତୁର୍ଥ କଥାଟା ହେଲା- ''ଅତି ବିପଦରେ ପଡ଼ିଲେ, ଭଗବାନଙ୍କୁ ଡାକିବ । ବିପଦରୁ ଭଗବାନ ନିଶ୍ଚୟ ରକ୍ଷା କରିବେ ।'' ବାଛୁରୀଟି ମନେ ମନେ ଭଗବାନଙ୍କୁ ସ୍ମରଣକଲା । ବିଚରା ବାଘ ଜାଣି ନ ପାରି ପୁଣି ଏକ ଶିକାରୀର ଜାଲରେ ପଡ଼ିଗଲା । ବାଛୁରୀଟି ବାଘ କବଳରୁ ମୁକୁଳିବା ପରେ ଖୁସିରେ ଡେଇଁ ଡେଇଁ ମାଆ ପାଖକୁ ଫେରିଲା ।

ଆତ ବିକାଳି ଠାରୁ ଭାଇ ଓ ଭଉଣୀ ମାଆର ଉପଦେଶ ଶୁଣିଲେ । ରାଜୁ ଏ ଗପଟି ଶୁଣିବା ପରେ ଧୀରେ ଧୀରେ ନିଜକୁ ବଦଳାଇନେଲା ଆଉ ଦୁଷ୍ଟାମି ନ କରି ଭଲପିଲା ହୋଇଗଲା । ତେଣୁ ଗୁରୁଜନମାନଙ୍କର ଉପଦେଶ ତତ୍‌କ୍ଷଣାତ୍ ନହେଲେ ବି ଭବିଷ୍ୟତରେ ନିଶ୍ଚୟ କାମରେ ଆସେ । ତାକୁ ଅଣଦେଖା କରିବା ଉଚିତ୍ ନୁହେଁ ।

ବାଲିପଦର, ଗଞ୍ଜାମ-୭୬୧୧୧୭

ଶରତ ଋତୁର ବିଭବ

ଶ୍ରୀ କୁଞ୍ଜବିହାରୀ ସାହୁ

ଗଙ୍ଗଶିଉଳିର ପାଖୁଡ଼ାରେ ପରା ଶରତ ଲେଖିଛି ଗୀତ
ଧୋବ ଫରଫର କାଶର ଚଅଁର ପବନକୁ କରେ ମିତ ।

ଧୋବ ଫରଫର ବଉଦ ଭାସଇ ଆକାଶେ ବୋଇତ ପରି
ନଈ ପୋଖରୀରେ କାଚକେନ୍ଦୁ ପାଣି ହସୁଥାଏ କିରିକିରି ।

କାଂଟିଆ ବଗଟି ପାଦକୁ ଲମ୍ବେଇ ଲୋଲୁପ ଚାହାଣି ଦିଏ
ପକ୍ୱଧାନ କ୍ଷେତେ ମାଛଟିଏ ଦେଖି ଖପ୍‌ଖାପ୍ ଖାଇନିଏ ।

ଧୂଳିଧୂସରିଆ ମାଟି-ସଡ଼କରେ ଘରମୁହାଁ ଧେନୁପଲ
ଘାଗୁଡ଼ି ବଜେଇ ହମ୍ବା ରଡ଼ି ଛାଡ଼ି ଚାହୁଁଥାନ୍ତି ବଲବଲ ।

କ୍ରୀଡ଼ା ଶେଷ କରି ଆନନ୍ଦ ବିଭୋରେ ପିଲାଏ ଫେରନ୍ତି ଘରେ
ଘରର ଘରଣୀ ସଞ୍ଜବତୀ ଦିଏ ତୁଳସୀ ଚଉଁରା ପରେ ।

ଚାନ୍ଦିନୀ ରାତିରେ ଜହ୍ନ ହସୁଥାଏ ଶରତର କମ୍ର ଓଠେ
ପଲ୍ଲୀ-ସହରକୁ ବିମୋହିତ କରେ ବିଛୁରି ଜୋଛନା ମୁଠେ ।

ଦଶ'ରା ପରବ କୁଆଁର ପୂନେଇଁ ପାର୍ବଣର ମହୋତ୍ସବ
ଚାଲିଥାଏ ଗାଁ ସହର ଭିତରେ ଭରି ସୁଖ ବଇଭବ ।

କାନ୍ତ କମନୀୟ ସୁଷମାମଣ୍ଡିତ ଶାରଦୀୟ ଶରତରେ
ହୃଦୟ ବିସ୍ତାରି ସୁଖକୁ ସାଉଁଟି ହସୁଥିବା ମରତରେ ।

ଏଲ.ଆଇ.ଜି-୧୫, ନୟାପଲ୍ଲୀ, ବ୍ରିଟ୍ କଲୋନୀ,
ଭୁବନେଶ୍ୱର-୭୫୧୦୧୨

କିଏ ସବୁଠାରୁ ବଡ଼

ଡା. ନିମାଇଁ ଚରଣ ପରିଜା

ଗୋଟିଏ ସ୍ଥାନରେ ଏକ ସୁନ୍ଦର ସହର ଥିଲା । ଏହି ସହର ଦେବତାମାନଙ୍କ ଦ୍ୱାରା ଶାସିତ ହେଉଥିଲା । ସେମାନେ ନିଜ ନିଜ କର୍ତ୍ତବ୍ୟ ପ୍ରତି ସଚେତନ ଥିଲେ ଓ ଠିକ୍ ଭାବେ କାମ କରୁଥିଲେ । ତା'ଦ୍ୱାରା କେହି ଅସୁବିଧାରେ ପଡୁ ନ ଥିଲେ । ସମସ୍ତେ ସମନ୍ୱୟ ରଖି କାମ କରୁଥିଲେ ।

ଥରେ ଏହି ଦେବତାମାନଙ୍କ ଭିତରେ ଗର୍ବ ଦେଖାଦେଲା । ପ୍ରତ୍ୟେକ ଦେବତା ଭାବିଲେ ସିଏ ନିଜେ ସହରରେ କାର୍ଯ୍ୟକଳାପକୁ ଅକ୍ତିଆର କରି ରଖିଛି ବୋଲି ସବୁ କାମ ଶୃଙ୍ଖଳିତ ଭାବରେ ଚାଲିଛି । ତା' ବିନା ସହରର ସମସ୍ତ କାର୍ଯ୍ୟ ବନ୍ଦ ହୋଇଯିବ ।

ଏହି ଦେବ ସହର ହେଉଛି ମାନବ ଶରୀର ଓ ତା'ର ଅଙ୍ଗପ୍ରତ୍ୟଙ୍ଗ ହେଉଛନ୍ତି ଦେବତାଗଣ । ପ୍ରତ୍ୟେକ ଅଙ୍ଗ ସୁରୁଖୁରୁରେ କାମ କରିଥାନ୍ତି । ତେଣୁ ଶରୀର ସ୍ୱାସ୍ଥ୍ୟବାନ ରହିଥାଏ ଓ ସୁଖରେ ବିତିଥାଏ । ଯେତେବେଳେ ବିଭିନ୍ନ ଅଙ୍ଗ ମାନବ ଭିତରେ ଗର୍ବ ପ୍ରବେଶ କଲା, ସେମାନେ ପ୍ରତ୍ୟେକ ଭାବିଲେ– ମୁଁ ହେଉଛି ସବୁଠାରୁ ବଡ଼ । ଗୋଟିଏ ଅଙ୍ଗ ଅନ୍ୟ ଅଙ୍ଗଠାରୁ ବଡ଼ ବୋଲି ଭାବିଲେ । ପ୍ରତ୍ୟେକ ଅଙ୍ଗ ଭାବିଲା ସେ ହେଉଛି ଶ୍ରେଷ୍ଠ ଓ ତା ବିନା ଶରୀରର କାର୍ଯ୍ୟକ୍ଷମ ଶକ୍ତି ବନ୍ଦ ହୋଇଯିବ କିମ୍ବା ଧିମେଇ ଯିବ । ଏହି ପ୍ରକାର ଭାବନା ଦ୍ୱାରା ସେମାନଙ୍କ ଭିତରେ କଳିତକରାଳର ସୂତ୍ରପାତ କଲା । ପ୍ରଥମେ ମନ ଗର୍ବର ସହିତ କହିଲା, ''ମୁଁ ହେଉଛି ତୁମମାନଙ୍କର ରାଜା । ତୁମେମାନେ ସମସ୍ତେ

ମୋ ସୁରକ୍ଷାରେ ଅଛ । ତୁମେମାନେ ମୋ କହିବା ଅନୁସାରେ କାମ କରୁଛ । ମୋ ବିନା ତମେମାନେ କିଛି କରିପାରିବ ନାହିଁ ।'' ଏହି କଥା ଶୁଣି କେହି ତାର ପ୍ରଭୁତ୍ୱ ସ୍ୱୀକାର କରିବାକୁ ରାଜି ହେଲେ ନାହିଁ । ସେମାନେ ସମସ୍ତେ କହିଲେ, ''ତୁମେ କ'ଣ କରିପାରିବ, ତୁମେ ମାତ୍ର ପ୍ରସ୍ତାବ କର । ତେଣୁ ଜଣେ ଚିନ୍ତକମାତ୍ର । ତୁମେ କିନ୍ତୁ କିଛି କର୍ମ କରି ଦେଖାଇପାରିବ ନାହିଁ । ତେଣୁ ତୁମକୁ ବଡ଼ ବୋଲି କିଏ କାହିଁକି କହିବ ?''

ଆଖି ତତ୍‌କ୍ଷଣାତ୍ ମନ ଉପରେ ରାଗିଗଲା ଓ କହିଲା, ''ମୁଁ ହେଉଛି ଏ ଶରୀର ଭିତରେ ସବୁଠାରୁ ବଡ଼, ମୋ ବିନା ଗୋଡ଼ ଚାଲିବ ନାହିଁ କି ହାତ କୌଣସି କାମ କରିପାରିବ ନାହିଁ । ଲେଖା ଓ ପଢ଼ା ମୋ ବିନା ସମ୍ଭବ ନୁହେଁ ।'' କାନ ଏହା ଶୁଣି ଗର୍ବରେ ଫୁଲି ଫୁଲି କହିଲା, ''କିଏ ତୁମକୁ ବଡ଼ ବୋଲି ଗ୍ରହଣ କରିବ ! ମୋ ବିନା କିଛି କେହି ଶୁଣିପାରିବେ ନାହିଁ । ତେଣୁ କିଛି ନ ଶୁଣି ପାରିଲେ କ'ଣ କାମ କରିବ ସେ, ଜାଣିପାରିବ ନାହିଁ । ତେଣୁ ମୁଁ ହେଉଛି ବଡ଼ ।'' ଏହା ଶୁଣି ନାକ



ଫୁଲିଫୁଲି କହିଲା, ''ତୁମେ କେତେ ସାହସରେ ଏ କଥା କହୁଛ । ମୋ ବିନା କିଛି ଗନ୍ଧ ଶରୀର ବାରିପାରିବ ନାହିଁ । ନିଶ୍ୱାସ ପ୍ରଶ୍ୱାସ ନେବା ମଧ୍ୟ ସମ୍ଭବ ହେବନି । ତୁମେ ବଞ୍ଚିବ କିପରି ? ତେଣୁ ମୁଁ ହେଉଛି ବଡ଼ ।''

ଏ ପର୍ଯ୍ୟନ୍ତ ଜିଭ ନୀରବ ଥିଲା । ସେ ଆରମ୍ଭ କଲା, ''ଏହା ଦେଖି ଆଶ୍ଚର୍ଯ୍ୟ ଲାଗେ ତୁମେମାନେ ସମସ୍ତେ ନିର୍ବୋଧ, ତୁମେ କ'ଣ ଜାଣନା ଯେ ମୋ ବିନା ତୁମେ ନିଜର ଅହଂକୁ ପ୍ରକାଶ କରିପାରିବ ନାହିଁ । ତୁମେମାନେ କ'ଣ ଜାଣନା ଜଣେ ନେତାର ଏହି କଥା କହିବାର କ୍ଷମତା ସବୁଠାରୁ ବଡ଼ । ମୋ ବିନା ସେ କିଛି କହିପାରେନା ଓ ନିଜକୁ ଅସହାୟ ମନେକରେ । ମୋ ବିନା ସେ ଖାଦ୍ୟର ସ୍ୱାଦୁ ବାରିପାରେନା । ତା'ପାଇଁ ଖଟା ଓ ମିଠା ଏକାପ୍ରକାର । ଯଦି ମଣିଷ ତା'ର ସ୍ୱାଦ ଜାଣିପାରିଲା ନାହିଁ, ତେବେ ତା'ର ବଞ୍ଚିବାର ଆନନ୍ଦ ନାହିଁ । ତେଣୁ ମୁଁ ହେଉଛି ସବୁଠାରୁ ବଡ଼ ।''

ଏ ସବୁ ଭିତରେ ଆତ୍ମା ସବୁ ନିରବରେ ଶୁଣୁଥିଲା । ଶେଷରେ ସେ କହିଲା, ''ମୁଁ ମୋ ପାଇଁ ଗର୍ବ କରୁନି; କିନ୍ତୁ ମୁଁ ତୁମମାନଙ୍କ ଭିତରେ ସବୁଠାରୁ ବଡ଼ ।'' ଏହା ଶୁଣି ସମସ୍ତ ଅଙ୍ଗ ହସି ଉଡ଼ାଇଦେଲେ ଓ ପାଟିକଲେ । ତା'ପରେ ଆତ୍ମା କହିଲା, ''ଦେଖ ଭାଇ ମୁଁ ଗର୍ବ କରୁନି, ମୁଁ ହେଉଛି ସବୁଠାରୁ ବଡ଼ ।''

ବର୍ତ୍ତମାନ ଆତ୍ମା ଗମ୍ଭୀରତାର ସହିତ କହିଲା– ତୁମେମାନେ ବଡ଼ ବୋଲି କେମିତି କହୁଛ, ଏଥିପାଇଁ ଆମେ ଗୋଟିଏ ପରୀକ୍ଷା କରିବା । ଆମ ଭିତରୁ ଜଣେ ଜଣେ ଏ ଶରୀର ପରିତ୍ୟାଗ କରି କିଛିଦିନ ଚାଲିଯାଆନ୍ତୁ । ଯାହା ବିନା ଶରୀର ଅଚଳ ହୋଇପଡ଼ିବ, ସେ ସବୁଠାରୁ ବଡ଼ ବୋଲି ମାନିବା । ସମସ୍ତେ ଏ କଥାରେ ରାଜି ହେଲେ ।

ପ୍ରଥମେ ମନ ବର୍ଷକ ପାଇଁ ଶରୀର ଛାଡ଼ି ଚାଲିଗଲା । ସେ ଯେତେବେଳେ ବର୍ଷକ ପରେ ଫେରିଲା ଦେଖି ଆଶ୍ଚର୍ଯ୍ୟ ହୋଇଗଲା, ତା'ବିନା ସହରର କାର୍ଯ୍ୟ ଆଗ ଭଳି ଚାଲୁ ରହିଛି । ଯେତେବେଳେ ସେ ଏହି କଥା ପ୍ରକାଶ କଲା, ସମସ୍ତେ କହିଲେ– ତୁମ ବିନା ଆମ ଭିତରେ ନୈରାଶ୍ୟ ଆସିଛି ଓ ବ୍ୟସ୍ତତା ଦେଖାଯାଇଛି । ହେଲେ ଆମ୍ଭେମାନେ ନିର୍ଦ୍ଦୋଷ ଶିଶୁଟିଏ ଭଳି ସୁନ୍ଦର ଅଛୁ । ମନ ଆଉ କିଛି ନ କହି ନୀରବରେ ଶରୀରରେ ପ୍ରବେଶ କଲା । ତା'ପରେ ଆଖି ଶରୀରରୁ ଛାଡ଼ି କିଛି ଦିନ ପାଇଁ ଗଲା । ସେ ଫେରିଲା ପରେ ଦେଖିଲା ତା'ବିନା କାମ ଠିକ୍‌ଠାକ୍ ଚାଲିଛି । ଏପରିକି ଜଣେ ଅନ୍ଧଲୋକ ୧୦୦ବର୍ଷ ପର୍ଯ୍ୟନ୍ତ ବଞ୍ଚିପାରୁଛି । ତା'ପରେ କାନ ଶରୀରରୁ ଛାଡ଼ି କିଛିଦିନ ପାଇଁ ଗଲା । ସିଏ ଜଣେ ଅଚିହ୍ନା ଲୋକକୁ ଭେଟିଲା, ଯିଏ ବଧିର ଥିଲା । ସେହି ବଧିର ଅଚିହ୍ନା ଲୋକ ଠାରରେ କଥାବାର୍ତ୍ତା କରିଚାଲିଲା ଓ ଶରୀରର ସମସ୍ତ କାର୍ଯ୍ୟ ଯଥାପୂର୍ବ କରିଚାଲିଥିଲା । ତେଣୁ ଏହା ଦେଖି କାନ ଶୀଘ୍ର ଫେରିଆସିଲା ଓ ଶରୀରରେ ପ୍ରବେଶ କଲା । ବର୍ତ୍ତମାନ ନାକର ପାଳି । ସେ ଦେଖିଲା ବିନା ନାକରେ ଜଣେ ଲୋକ ବେଶ୍ ସୁସ୍ଥ ଓ ସବୁଠାରେ କର୍ମ କରିପାରୁଛି । ଏହାପରେ ଜିଭର ପାଳି । ସେ ଦେଖିଲା ଗୋଟିଏ ମୂକ ଲୋକ କିନ୍ତୁ ସେ ତା'ର ସମସ୍ତ କାର୍ଯ୍ୟ ସୁରୁଖୁରୁରେ କରିପାରିଛି । ଏହା ଦେଖି ଜିଭ ନୀରବରେ ଫେରିଆସିଲା ଓ ଶରୀରରେ ପ୍ରବେଶ କଲା । କାହାକୁ କିଛି କହିଲା ନାହିଁ; କିନ୍ତୁ ନିରାପଦ ଦୂରତାରେ ରହିଲା ।

ଯେତେବେଳେ ସମସ୍ତେ ଏକ ଏକ କରି ଫେରି ଆସିଲେ, ଆତ୍ମା କହିଲା ''ତୁମେମାନେ ମୁଁ ସବୁଠାରୁ ବଡ଼ ବୋଲି ମାନୁଛ ତ ?'' ଯଦିଓ ପ୍ରତ୍ୟେକ ଅଙ୍ଗ ନିଜ ନିଜର ସାମର୍ଥ୍ୟ ବିଷୟରେ ଅବଗତ ହୋଇଗଲେ, ସେମାନଙ୍କର ଗର୍ବ ଭାଙ୍ଗିଯାଇଥିଲା; ତଥାପି ସେମାନେ ସମସ୍ତେ ପାଟି କରି କହିଲେ, ''ତୁମେ ବଡ଼ ବୋଲି ପ୍ରମାଣ କର ! ଆମେ ସମସ୍ତେ ଆମ କାମ ଠିକ୍ ଭାବେ କରିଛୁ । ତୁମ ବିନା ଆମେ ଆମର କାମ କରିପାରିବୁ ।'' ଏହା ଶୁଣି ବର୍ତ୍ତମାନ ଆତ୍ମା ଶରୀର ଛାଡ଼ିବାକୁ ପ୍ରସ୍ତୁତ ହେଲା । ସମ୍ପୂର୍ଣ୍ଣ ଶରୀର ଛାଡ଼ିନାହିଁ, କ୍ରମେ କ୍ରମେ ହାତଗୋଡ଼ ଥଣ୍ଡା ହୋଇଗଲା । ଜିଭ ତାହାର କହିବା କ୍ଷମତା ହରାଇଲା । ଆଖିଡୋଳା ନିଶ୍ଚଳ ହୋଇଗଲା ଓ ଆଖି ତା'ର ସମସ୍ତ ଶକ୍ତି ହରାଇ ବସିଲା । ଏହା ଦେଖି ଆତ୍ମା ଶରୀର ଛାଡ଼ି ନ ଯାଇ ପୁଣି ସ୍ଥିତାବସ୍ଥାକୁ ଫେରିଆସିଲା । ଏହାପରେ ପୁଣି ସମସ୍ତ ଅଙ୍ଗ ସଚଳ ହୋଇଉଠିଲେ । ଏବେ ସମସ୍ତେ ପାଟିକରି କହିଲେ, 'ଆତ୍ମା ତୁମେ ସବୁଠାରୁ ବଡ଼' । ଆତ୍ମା କହିଲା, ''ଶୁଣ ! ଆମେ ସମସ୍ତେ ଏକତ୍ର ହୋଇ କାମ କରିବା । କୌଣସି ଅଙ୍ଗ ବିନା ଶରୀର ଟିକେ ଅସୁବିଧାରେ ପଡ଼ିପାରେ । ହେଲେ ଆମ ସମସ୍ତଙ୍କର ଚେଷ୍ଟାରେ ସବୁ ଠିକ୍ ଚାଲିବ । ଆମମାନଙ୍କର ମିଳିତ ଚେଷ୍ଟାରେ ଶରୀର ସୁସ୍ଥ ଓ ଠିକ୍ ରହିବ ଓ ଖୁସି ମଧ୍ୟ ରହିବ । ତେଣୁ ସମସ୍ତେ ଆସ ଏକତ୍ର କାମ କରିବା ଓ ଜଣେ ଅନ୍ୟଜଣକୁ ସାହାଯ୍ୟ କରି କାମ କରିନେବା ।

ଯେମିତି ଶରୀର ପାଇଁ ଅଙ୍ଗ ପ୍ରତ୍ୟଙ୍ଗ, ସେହିପରି ପରିବାର ପାଇଁ ସମସ୍ତ ସଦସ୍ୟ ଓ ସମାଜ ପାଇଁ ଓ ଦେଶ ପାଇଁ ସମସ୍ତ ପରିବାରର ଆବଶ୍ୟକତା ଅଛି । ସୁଖ ଓ ଶାନ୍ତି ପାଇଁ ସମସ୍ତଙ୍କ ଏକତା ଓ ସହଯୋଗ ଦରକାର ।

ଅରୁଣୋଦୟ ନଗର, କଟକ-୧୨

ଜଳ ବଞ୍ଚାନ୍ତୁ !
ନିଜ ଭବିଷ୍ୟତ ବଞ୍ଚାନ୍ତୁ !

୧) ଶୌଚ ହେବା ପରେ ଆମେ ଫ୍ଲସିଙ୍ଗ୍ (Flushing) କଲାବେଳେ ୨୦ଲିଟର ପାଣି ନଷ୍ଟ ହେଉଛି । ଯଦି ଆମେ ସେହି ଜାଗାରେ ବାଲ୍‌ଟି ଏବଂ ମଗ୍ ବ୍ୟବହାର କରିବା, ତେବେ ୬ଲିଟର ପାଣି ଖର୍ଚ୍ଚ ହେବ । ତେଣୁ ଆମେ ୧୪ଲିଟର ପାଣି ବଞ୍ଚାଇପାରିବା ।

୨) ଦାନ୍ତ ଘଷିସାରିବା ପରେ ଆମେ କଳ ଖୋଲିକି ମୁଖ ଏବଂ ଦାନ୍ତ ସଫା କଲେ ୫ଲିଟର ପାଣି ଦରକାର ପଡୁଛି; କିନ୍ତୁ ଯଦି ଆମେ ବାଲ୍‌ଟି ଏବଂ ମଗ୍ ବ୍ୟବହାର କରିବା, ତେବେ ୦.୭୫ଲିଟର ପାଣି ଖର୍ଚ୍ଚ ହେବ ।



୩) ଗାଧୋଇଲାବେଳେ ଯଦି ଆମେ ସାୱାର ବ୍ୟବହାର କରୁଛେ, ତେବେ ୧୦୦ଲିଟର ପାଣି ଖର୍ଚ୍ଚ ହେବ; କିନ୍ତୁ ଯଦି ଆମେ ବାଲ୍‌ଟି ଓ ମଗ୍ ବ୍ୟବହାର କରିବା, ତେବେ ୧୮ ଲିଟର ପାଣି ଖର୍ଚ୍ଚ ହେବ ।

ଦୟାକରି ସମସ୍ତେ ବାଲ୍‌ଟି ଏବଂ ମଗ୍ ବ୍ୟବହାର କରନ୍ତୁ । ଏହାକୁ ବ୍ୟବହାର କରିବା ଦ୍ୱାରା ପ୍ରତ୍ୟେକ ପରିବାରର ଲୋକେ ଅତି କମ୍‌ରେ ୩୦୦ଲିଟର ପାଣି ଦିନକୁ ବଞ୍ଚାଇପାରିବା । ଆମର ବୈଜ୍ଞାନିକମାନେ ଗବେଷଣା କରି ଜାଣିସାରିଲେଣି ଯେ ଜଳ ଅଭାବଜନିତ ସମସ୍ୟା ଦିନେ ଏପରି ଉତ୍କଟ ଆକାର ଧାରଣ କରିବ ଯେ ଆମର ତୃତୀୟ ବିଶ୍ୱଯୁଦ୍ଧ ଯଦି ହୁଏ, ତେବେ ଜଳ ସମସ୍ୟା ପାଇଁ ହିଁ ଦେଶ ଦେଶ ମଧ୍ୟରେ ବିଦ୍ରୋହ ହେବ । ତେଣୁ ଆମେ ଏବେଠାରୁ ଯଦି ସେଥିପ୍ରତି ସତର୍କ ନ ରହିବା, ତା'ହେଲେ କିଏ ଆମକୁ ରକ୍ଷା କରିବ ? ଆମେ ନିଜେ ସେଥିରେ ଦାୟୀ ରହିବା । ....



ଶାଢ଼ୀ ଦୋକାନକୁ ଦିନେ ପଶିଗଲି । ଭିତରେ ବେଶୀ ଲୋକ ନ ଥିଲେ । ଦୁଇଜଣ ଶାଢ଼ୀ ଦେଖାଉଥିଲେ । ସାତ/ଆଠଟା ଶାଢ଼ୀ ଦେଖିଲା ପରେ ମତେ କୌଣସି ଶାଢ଼ି ପସନ୍ଦ ଆସିଲା ନାହିଁ । ସେ ଦୁଇଜଣଯାକ ଗମ୍ଭୀର ମୁହଁରେ ମତେ ଚାହିଁଲେ, ମୁଁ ଫେରିଆସି ଆଉ ଗୋଟେ ଦୋକାନରେ ପଶିଲି ।

ସେ ଦୋକାନରେ ମଧ୍ୟ ଦୁଇଜଣ ଥିଲେ ଶାଢ଼ୀ ଦେଖେଇବା ପାଇଁ । ସାମନାରେ ବିଲ୍ ହେରିକା କରିବା ପାଇଁ ଜଣେ ବ୍ୟକ୍ତି ବସିଥିଲେ । ସମସ୍ତଙ୍କ ମୁହଁ ହସ ହସ । ମତେ କେମିତି ଭଲଲାଗିଲା ସେ ଦୋକାନର ପରିବେଶ । ଶାଢ଼ୀ ଦେଖୁଥାଏ, ସେମାନେ ଦେଖେଇ ଚାଲିଥାନ୍ତି । ମୁଁ କହିଲି, ‘‘ଥାଉ, ଆଉ ଦେଖାନ୍ତୁନି, ମୁଁ ସେ ଶାଢ଼ୀ ଥାକରୁ ଦେଖିନେବି ।’’ ସେମାନେ କହିଲେ, ‘‘ଆରେ ଆପଣ ଗରାଖ, ଆମର ଦେବତା ସମାନ । ଯେତେ ଶାଢ଼ୀ ଦେଖିବେ ଦେଖନ୍ତୁ, ଶାଢ଼ୀ ଦେଖେଇବୁନି ତ ଆମେ କ'ଣ ପାଇଁ ଅଛୁ ?’’

ଭାବିଲି, ଏ ଦୋକାନ ଦୁଇଟା ଭିତରେ କେତେ ତଫାତ୍ ସତରେ ! ଆମେରିକାରେ ଥରେ ଗୋଟିଏ ମଲ୍‌ରେ ପଶିଲୁ । ସେ ବିକ୍ରେତା ମତେ ‘ହାଲୋ’ ବୋଲି ହସି ହସି କହିଲା । ମୁଁ ତା' ବଦଳରେ ‘ହାଲୋ’ କହି ଚାଲିଆସିଲି । ପୁଅ ଏସବୁ ଲକ୍ଷ୍ୟ କରୁଥିଲା । ସେ କହିଲା, ‘‘ହସିକି ହାଲୋ କହିଲୁନି ! ଚୁପ୍‌ଚାପ୍ କ'ଣ ‘ହାଲୋ’ କହି ଚାଲିଆସିଲୁ ?’’

ମୋର ଏ କଥା କହିବାର ଉଦ୍ଦେଶ୍ୟ ହେଲା– ହସହସ ମୁହଁ, ସନ୍ତୋଷ ଭାବ, ଆନନ୍ଦମିଶ୍ରିତ ମୁହଁ– ଏସବୁ ପରିବେଶକୁ କେତେ ହାଲୁକା କରିଦିଏ । ମୋ ନନା ଜଗତ୍‌ସିଂହପୁରରେ ଔଷଧ ଦୋକାନରେ ବସି କାହା ସାଙ୍ଗେ କଥା ହଉ ହଉ ଏତେ ଜୋର୍‌ରେ ହସନ୍ତି ଯେ ଦୂରରେ ଲୋକମାନେ କହନ୍ତି– ହେଇ, ରାମବାବୁ ହସିଲେ । ଡାକ୍ତରଖାନାକୁ ଆସିଗଲେଣି ତା'ହେଲେ ! ତେଣୁ ହସ ହସ ମୁହଁଟିଏ ଦେଖିଲେ ବା ହସିଲା ମୁହଁ ଥିବା ମଣିଷଟିଏ କି ପିଲାଟିଏ ଆସିଗଲେ ପରିବେଶ ପୂରାପୂରି ବଦଳିଯାଏ । ଆମେ ସମସ୍ତେ ଏହା ଅନୁଭବ କରିଥିବା ନିଶ୍ଚୟ ।

ଦୁଇତିନି ଦିନ ତଳେ ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦ ଗୋଟିଏ ସଭାରେ ଖୁବ୍ ସୁନ୍ଦର ଭାଷଣ ଦେଲେ । ସମସ୍ତ ଦର୍ଶକ ମନ୍ତ୍ରମୁଗ୍ଧ ଭଳି ଶୁଣୁଥିଲେ । ବିଷୟବସ୍ତୁଟି ଥିଲା ‘ଖୁସିର ସନ୍ଧାନ’ । ସେ କହିଲେ– ଖୁସି ଆମ ଭିତରେ ରହିଛି । କାହାର ଆମପ୍ରତି କ୍ରୋଧପୂର୍ଣ୍ଣ ଭାଷାକୁ ଆମେ ଶୁଣିଲାବେଳେ ମସ୍ତିଷ୍କରେ ଦୁଇଟି ବୃତ୍ତ ସୃଷ୍ଟିହୁଏ । ଗୋଟିଏ ହେଉଛି ପ୍ରତିକ୍ରିୟା । ଆଉ ଗୋଟିଏ ହେଉଛି ଏହାର ସ୍ୱୀକୃତି । ଆମେ ଯଦି ପ୍ରତିକ୍ରିୟା ଦେଖେଇବା, ତା'ହେଲେ ତାହା ପରିବେଶରେ ନକରାତ୍ମକ ଆଲୋଡ଼ନ ସୃଷ୍ଟି କରିଥାଏ, ଆଉ ଆମେ ଯଦି ତାକୁ ଗ୍ରହଣ କରିବା, ତା'ହେଲେ ସେଠାରେ ଏକ ସକରାତ୍ମକ ଆଲୋଡ଼ନ ହୁଏ, ଯାହାକି ଆମ ଭିତରେ ସଂଚରିଯାଏ ।

ମହା ମନୀଷୀମାନେ ଏହିଭଳି ଆଚରଣ ଦେଖେଇ ସ୍ଥିତପ୍ରଜ୍ଞ ବୋଲାଉଥିଲେ । ପ୍ରଭୁ ଶ୍ରୀକୃଷ୍ଣଙ୍କର ସଦାସର୍ବଦା ହସ ହସ ମୁହଁ ସମଗ୍ର ବୃନ୍ଦାବନ, ମଥୁରାବାସୀଙ୍କୁ ମନ୍ତ୍ରମୁଗ୍ଧ କରି ରଖୁଥିଲା । ତାଙ୍କର ହସରେ ସମସ୍ତେ ଆକର୍ଷିତ ହେଉଥିଲେ ।

ଯେତେ ସମସ୍ୟା, ବିପଦଆପଦ, ଦୁଃଖ,

ଯନ୍ତ୍ରଣାକୁ ହସି ହସି ସହିବା ହେଉଛି ଉତ୍ତମ ବ୍ୟକ୍ତିର ଲକ୍ଷଣ । ଆଜିକାଲି ଦୁନିଆରେ ସମସ୍ତଙ୍କ ମୁହଁରୁ ହସ ଲିଭିଯାଇଛି । ତା'ର କାରଣ ହେଉଛି– ଆମେ ନାନାପ୍ରକାର ସମସ୍ୟାରେ ଘାଣ୍ଟି ହେଇଯାଉଛେ । ସେଥିପାଇଁ ହାସ୍ୟରସପୂର୍ଣ୍ଣ ଚଳଚ୍ଚିତ୍ର, ଭିଡିଓ ଇତ୍ୟାଦି ପ୍ରଦର୍ଶନ କରାଯାଇ ଆମକୁ ଆନନ୍ଦ ଦେବାପାଇଁ ଚେଷ୍ଟା କରାଯାଉଛି ।

ଆମେ ଯଦି ମୁହଁଟିକୁ ଶୁଖେଇ କୌଣସି କାର୍ଯ୍ୟରେ ସମାଧାନ କରିବାପାଇଁ ଚେଷ୍ଟା କରିବା, ତେବେ ଦେଖିବା– ଗୋଟିକ ପରେ ଗୋଟିଏ ସମସ୍ୟା ଆସି ମାଡ଼ିବସୁଛି । ବିପରୀତରେ ଯଦି ଧୈର୍ଯ୍ୟଧରି, ମନ ଶାନ୍ତ ରଖି, ଆନନ୍ଦ ମନରେ ଏହାର ସମାଧାନ କରିବାକୁ ଚେଷ୍ଟା କରିବା, ତେବେ ସମସ୍ୟାଟିର ସମାଧାନ ସୁରୁଖୁରୁରେ ହୋଇଯାଏ । ରେଳଗାଡ଼ିରେ ଗୋଟିଏ ଡବାରେ ଯଦି ସମସ୍ତେ ଚୁପ୍‌ଚାପ୍ ବସିଥାନ୍ତି, ଲକ୍ଷ୍ୟକରିବେ- କେହିଜଣେ ଯଦି ହସି ହସି ବଗି ଭିତରକୁ ପଶିଆସେ, ତେବେ ସାରା ବଗିଟିରେ ତାହା ସଂଚରିଯାଏ । ବଗିରେ ବସିଥିବା ସମସ୍ତଙ୍କର ମୁହଁରେ ଉତ୍‌ଫୁଲ୍ଲ ଭାବ ଦେଖାଦିଏ ।

ତେଣୁ ମୋର ଶେଷ କଥା ହେଲା, ଯାହା ଦୁଃଖ ପଡୁ, କଷ୍ଟ ପଡୁ– ଆମେ ମନରେ ନିରାଶାଭାବ ନ ରଖି ହସି ହସି ଏହାର ସମାଧାନ କରିପାରିବା । ଆମେ ଯଦି ଖୁସିକୁ ଗ୍ରହଣ ନ କରିବା, ଜାଣିଶୁଣି ଦୁଃଖ ଓ ହତାଶ ଭାବକୁ ଆଣି ଆମ ଅନ୍ତରରେ ପ୍ରବେଶ କରାଇବା, ତା'ହେଲେ କୌଣସି କାର୍ଯ୍ୟ ସୁରୁଖୁରୁରେ ହୋଇପାରିବ ନାହିଁ । ତା' ହେଲେ ଚାଲନ୍ତୁ ଆମେ ସମସ୍ତେ ହସିବା, ଜୋର୍ ଜବରଦସ୍ତ ନୁହେଁ, ଅନ୍ତରରୁ ହସ ସୃଷ୍ଟି କରିବା । ସେଥିପାଇଁ ଈଶ୍ୱରଙ୍କୁ ପ୍ରାର୍ଥନା କରିବା– ''ହେ ପ୍ରଭୁ ! ଆମକୁ 'ହସ'ର ଆଶୀର୍ବାଦ ଦିଅ । ସେଥିପାଇଁ ଆମକୁ ସାମର୍ଥ୍ୟ ଦିଅ !''

-ଅନସୂୟା ନନ୍ଦ

ଗାନ୍ଧି ଓ କ୍ରିକେଟ

ଶ୍ରୀ ରବୀନ୍ଦ୍ରନାଥ ମାଝି

ଗାନ୍ଧିଜୀଙ୍କ ଦସ୍ତଖତ ସଂଗ୍ରହ ପାଇଁ ଜଣେ ବାଳକ ସେବାଗ୍ରାମରେ ପହଞ୍ଚି ଗାନ୍ଧିଙ୍କୁ ସାକ୍ଷାତ କଲା । ତାହା ହାତରୁ ଦସ୍ତଖତ ସଂଗ୍ରହକାରୀ ଖାତାଟିକୁ ନେଇ ସେ ଖୋଲିଲେ । ଦେଖିବାକୁ ଚାହିଁଲେ, କେଉଁମାନେ ସେଥିରେ ଦସ୍ତଖତ କରିଛନ୍ତି ।

ଗୋଟିଏ ପୃଷ୍ଠାରେ ଏମ୍.ସି.ସି.(କ୍ରିକେଟ୍) ଦଳର ଷୋଳଜଣ ଖେଳାଳି ଦସ୍ତଖତ କରିଥିଲେ । ଗାନ୍ଧିଜୀ ସେଇ ପୃଷ୍ଠାରେ ରହିଗଲେ । କଲମ ଖୋଲି ଖେଳାଳିମାନଙ୍କ

ପାଖରେ ଦସ୍ତଖତ କଲେ । ଏକଥା ଦେଖି କେହି ଜଣେ କୌତୁକରେ ପ୍ରଶ୍ନ କଲେ, 'ବାପୁଜୀ, ଆପଣ କ'ଣ ଜଣେ କ୍ରିକେଟ୍ ଖେଳାଳି ?'

ଗାନ୍ଧିଜୀ ଅଳ୍ପ ହସି କହିଲେ– ହଁ, ମୁଁ ଜଣେ ଖେଳାଳି । ହାର୍‌ଜିତ୍ ଭିତରେ କିଛି ଫରକ୍ ନାହିଁ । ପ୍ରକୃତରେ ସେ ଜଣେ ସଚ୍ଚା ଖେଳାଳି ଥିଲେ । ରାଜନୀତି ସମାଜ, ସଂସ୍କାର, ଶିକ୍ଷା ପାଇଁ ତାଙ୍କର ଯେତିକି ଆଗ୍ରହ ଥିଲା, ଖେଳ ପ୍ରତି ବି ସେତିକି ଆଗ୍ରହ ଥିଲା ।

ଥରେ ପଟୌଦିର ନବାବ ତାଙ୍କୁ ଭେଟିବାକୁ ଯାଇଥିଲେ । ଗାନ୍ଧିଜୀ ତାଙ୍କୁ କୌତୁକରେ କହିଲେ, ''ମୁଁ ସ୍ଥିର କରିଛି, ଆପଣଙ୍କୁ କ୍ରିକେଟ୍ ଖେଳିବାକୁ ଆହ୍ୱାନ କରିବି ।''

ପଟୌଦିର ନବାବ କହିଲେ, ''ଖେଳିବା ପାଇଁ ମୁଁ ପ୍ରସ୍ତୁତ; ମାତ୍ର ଗୋଟିଏ ସର୍ତ୍ତ ଅଛି । କ୍ରିକେଟ୍ ଖେଳ ପରେ ମୁଁ ବି ରାଜନୀତିରେ ଭାଗନେବି ଓ ଆପଣଙ୍କୁ ମୋ ସହ ଲଢ଼ିବାକୁ ଆହ୍ୱାନ କରିବି ।''

ଗାନ୍ଧିଜୀ ଉତ୍ତରରେ କହିଲେ– ମୁଁ ରାଜି ଅଛି । ନବାବ ଗମ୍ଭୀର ହୋଇ କହିଲେ, ''ମୁଁ ନିଶ୍ଚିତ ଜାଣେ ଯେ ଆପଣ ମୋତେ କ୍ରିକେଟ୍‌ରେ ହରାଇଦେବେ । ମୁଁ ମଧ୍ୟ ନିଶ୍ଚିତ ଯେ ଆପଣଙ୍କୁ ମୁଁ ରାଜନୀତିରେ ହରେଇଦେବି ।''

ଗାନ୍ଧିଜୀ ଖୁବ୍ ଜୋରରେ ହସିଲେ ଓ କହିଲେ, ''ନବାବ୍ ତମେ ତ ମୋତେ ଏବେ 'କ୍ଲିନ୍-ବୋଲଡ୍' କରିଦେଲ ।

କବିତା ଭବନ, ପ୍ଲଟ୍ ନଂ-୧୧୩/୩୩୯୫,
ଜୟଦେବବିହାର, ଭୁବନେଶ୍ୱର- ୭୫୧୦୧୩

କୋପେ ବର୍

କନକଲତା ପରିଡ଼ା

କଥାରେ ଅଛି 'ତପେବର, ନହେଲେ କୋପେବର..' । ଏହାର ଅର୍ଥ ହେଲା– ଯେ କେହି ତପସ୍ୟା କଲେ ଭଗବାନ୍ ସନ୍ତୁଷ୍ଟ ହୋଇ ତାକୁ ବର ଦିଅନ୍ତି; କିନ୍ତୁ ବେଳେବେଳେ ସେ କାହା ଉପରେ କୋପ କରି ମଧ୍ୟ ଏହା କରିଥାନ୍ତି ବୋଲି ଆମର ବିଶ୍ୱାସ । ଅବଶ୍ୟ ସେଥିପାଇଁ ବରଲାଭ କରୁଥିବା ଲୋକଟି ଜଣେ ଅତି ଭଲ ମଣିଷ ହେବା ଦରକାର । ଏହିଭଳି କାହାଣୀଟିଏ ରହିଛି ଆମ ଲୋକକଥାରେ ।

ଦ୍ୱାପର ଯୁଗର କଥା । କଂସର ମୃତ୍ୟୁ ପରେ ଦ୍ୱାରକାରେ ରାଜା ହୋଇଥାନ୍ତି ଉଗ୍ରସେନ, ତେବେ ସେ ଥା'ନ୍ତି ଖାଲି ନାଁକୁ ମାତ୍ର । ଶ୍ରୀକୃଷ୍ଣ ରାଜ୍ୟର ସବୁ କଥା ବୁଝାବୁଝି କରୁଥାନ୍ତି । ସେ ଥିଲେ ଭଗବାନଙ୍କ ଅବତାର । ତେଣୁ ତାଙ୍କ ଦୃଷ୍ଟିରେ କେହି ବଡ଼ ବା ସାନ ନଥାନ୍ତି ।

ସେଥିପାଇଁ ତାଙ୍କ ପିଲାମାନେ ମଧ୍ୟ ସାଧାରଣ ପ୍ରଜାଙ୍କ ପିଲାମାନଙ୍କ ସହିତ ମିଶୁଥାନ୍ତି । ସେମାନଙ୍କ ସହିତ ଖେଳୁଥାନ୍ତି ।

ତାଙ୍କ ରାଜ ଉଆସର କିଛି ଦୂରରେ ଏକ ଶିବ ମନ୍ଦିର ଥିଲା । ତା ନିକଟରେ ଏକ ଛୋଟ କୁଡ଼ିଆରେ ଜଣେ ଅନ୍ଧ ଲୋକ ନିଜ ସାନପୁଅ ସହିତ ରହୁଥିଲେ । ସେ ଏବଂ ଶ୍ରୀକୃଷ୍ଣଙ୍କର ପୁଅ ଶାମ୍ବ ଅନେକ ସମୟରେ ଏକାଠି ଖେଳାଖେଳି କରନ୍ତି ।

ଦିନକର କଥା । ଦୁଇସାଙ୍ଗ ଖେଳୁ ଖେଳୁ କୌଣସି କାରଣରୁ ତାଙ୍କ ଭିତରେ ଝଗଡ଼ା ଲାଗିଲା । ଧୀରେ ଧୀରେ କଳି ବଢ଼ି ହାତାହାତି ଆଡ଼କୁ ଗଲା । ଅନ୍ଧଲୋକର ପୁଅ ରାଗିଯାଇ ଶାମ୍ବଙ୍କ ଗାଲରେ ଏକ ଶକ୍ତ ଚାପୁଡ଼ା ଦେଲା । ବିଚରା ଶାମ୍ବ କାନ୍ଦି କାନ୍ଦି ଆସି ଶ୍ରୀକୃଷ୍ଣଙ୍କ ପାଖରେ ପହଞ୍ଚିଲେ ।

ସେହି ସମୟରେ ରାଜକାର୍ଯ୍ୟ ଚାଲିଥାଏ । ଶ୍ରୀକୃଷ୍ଣ ରାଜସଭାରେ ବସିଥାନ୍ତି । ଅଚାନକ ଶାମ୍ବର ଏପରି ଅବସ୍ଥା ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହୋଇଗଲେ । କିଏ ଏପରି ମାରିଛି ବୋଲି ଶ୍ରୀକୃଷ୍ଣ ପଚାରିଲେ । ଶାମ୍ବ ତାଙ୍କୁ ସବୁକଥା କହିଲେ । ଶ୍ରୀକୃଷ୍ଣ ଜଣେ ଦୂତକୁ ଘଟଣାଟା ବିଷୟରେ ବୁଝିବାକୁ ପଠାଇଲେ । ସେ ଯାଇ ଖୋଜି ଖୋଜି ଅନ୍ଧବୁଢ଼ା ପାଖରେ ପହଞ୍ଚିଲେ । ତାଙ୍କଠାରୁ ଏସବୁ ଶୁଣି ବୁଢ଼ାଜଣକ ଭାରି ଡରିଗଲେ । ହେଲେ, ସେ ଥିଲେ ଶ୍ରୀକୃଷ୍ଣଙ୍କର ଜଣେ ବଡ଼ ଭକ୍ତ । ସକାଳଠାରୁ ସନ୍ଧ୍ୟାଯାଏ ସେ ସବୁବେଳେ ତାଙ୍କଠିରେ ମନ ରଖିଥାନ୍ତି ।

ଶ୍ରୀକୃଷ୍ଣ ଯେତେବେଳେ ସେହି ବାଟ ଦେଇ ଯାଆନ୍ତି, ସେ ତାଙ୍କୁ ଦେଖିପାରନ୍ତି ନାହିଁ ସିନା; କିନ୍ତୁ ତାଙ୍କ ଉପସ୍ଥିତି ଉପଲବ୍ଧି କରନ୍ତି । ମନେ ମନେ ତାଙ୍କୁ ପ୍ରଣାମ ଜଣାଇ ବହୁତ ଆନନ୍ଦିତ ହୁଅନ୍ତି; ହେଲେ ତାଙ୍କଠାରୁ କେବେ କିଛି ଆଶା କରନ୍ତିନି । ଏଣୁ ତାଙ୍କ ଭକ୍ତି ଥିଲା କାମନାରହିତ ।

ଦୂତ ଫେରିଯାଇ ଅନ୍ଧବୁଢ଼ାଙ୍କ ବିଷୟରେ ଶ୍ରୀକୃଷ୍ଣଙ୍କୁ ଜଣାଇଲେ । ଏହାଶୁଣି ସେ ତତ୍‌କ୍ଷଣାତ୍ ତାଙ୍କ ସିଂହାସନରୁ ଉଠିଆସିଲେ ଏବଂ ଅନ୍ଧବୁଢ଼ାଙ୍କ ଘର ଆଡ଼କୁ ଚାଲିଲେ । ସମସ୍ତଙ୍କୁ ମନେହେଲା, ସତେଯେପରି ସେ ଖୁବ୍ ରାଗିଯାଇଛନ୍ତି । ଏବେ ଯାଇ ସେ ଅନ୍ଧବୁଢ଼ା ଓ ତାଙ୍କ ପୁଅକୁ କ'ଣ ନା କ'ଣ ଦଣ୍ଡଦେବେ । ଏଣୁ ସେମାନେ ବି ତାଙ୍କ ପଛେ ପଛେ ଗଲେ ।

ହେଲେ, ତାଙ୍କୁ ଜଣା ନ ଥିଲା ଯେ ଭଗବାନ୍ ସବୁବେଳେ ଭକ୍ତର ଭକ୍ତି ଡୋରରେ ବନ୍ଧା ବୋଲି । ସେ ସଦାବେଳେ ତାଙ୍କ ମଙ୍ଗଳ ହିଁ କରିଥାନ୍ତି ।

ଅନ୍ଧବୁଢ଼ାଙ୍କ ଘରେ ପହଞ୍ଚି ଶ୍ରୀକୃଷ୍ଣ ରାଗିଲାଭଳି ଉଚ୍ଚସ୍ୱରରେ ତାଙ୍କୁ କହିଲେ- 'ଦେଖ ଦେଖ... ତୁମ

ଶ୍ରୀ ଡିଲେନ୍ଦ୍ର ବୋଡ଼ା

ସମତାନରେ ସଙ୍ଗୀତ ହୁଏ ଅଧିକ ମଧୁର

ଗୀତ ଓ ସଙ୍ଗୀତ ସମାନ କଥା ନୁହେଁ । ସଙ୍ଗତରୁ ସଙ୍ଗୀତ । ଗୀତରେ ଠିକ୍ ଲହରୀ ସହ ଠିକ୍ ତାଳ, ସୁର ଦେଇ ଗାୟନ କରାଯାଉଥିବା ଗୀତ ହେଉଛି ସଙ୍ଗୀତ । ବାଦ୍ୟ ଥାଉ ବା ନ ଥାଉ, ଉପଯୁକ୍ତ ସ୍ୱର, ତାଳ ଥାଉ ବା ନ ଥାଉ, ଯାହା ଗାୟନ କରାଯାଏ ମନୋରଞ୍ଜନ କରିବା ପାଇଁ ଅଥବା ଗାୟନ କରି ଗୀତ ମଧ୍ୟରେ ଥିବା ଅର୍ଥ ବୁଝିବା, ବୁଝାଇବା ସକାଶେ, ତାହାହିଁ ଗୀତ । ଅତଏବ ସମତାନ, ଉପଯୁକ୍ତ ସ୍ୱର-ତାଳ ତଥା ଦ୍ୱୈତକଣ୍ଠର ଗୀତ ଗାୟନବେଳେ ଗାୟନ ସହ ଗାୟିକା ବା ସାଥୀ ଗାୟକ (ଯେଉଁମାନେ ମିଶି ଗାନରେ ସଙ୍ଗୀତ କରନ୍ତି) ଏବଂ ସେମାନଙ୍କ କଣ୍ଠରେ ସମାନତା ରହିବା ହେଉଛି ସଙ୍ଗୀତର ଏକ ମୁଖ୍ୟ ଅଙ୍ଗ ।

ହିନ୍ଦୀ ଚଳଚ୍ଚିତ୍ରର ଗାୟିକାମାନଙ୍କ ମଧ୍ୟରେ

ପୁଅ ମୋ ପୁଅକୁ କିପରି ମାରିଛି !' ଅନ୍ଧବୁଢ଼ା ବିକଳରେ ତାଙ୍କ ଆଡ଼କୁ ଚାହିଁଲା ଏବଂ ସେ ଦେଖିପାରିଲା ସବୁକିଛି । କାରଣ, ଶ୍ରୀକୃଷ୍ଣ ତାଙ୍କୁ ଦେଖିବାକୁ କହିଥିଲେ । ଏଣୁ ତାଙ୍କ ଦୃଷ୍ଟିଶକ୍ତି ଫେରିଆସିଥିଲା । ଆନନ୍ଦରେ ତାଙ୍କ ଆଖିରୁ ଲୁହ ଝରିପଡ଼ିଲା । ସେ ଆସି ତାଙ୍କ ପାଖରେ ଲୋଟିପଡ଼ିଲେ । ପାଟିରୁ ତାଙ୍କର ବାହାରିପଡ଼ିଲା 'ପ୍ରଭୁ ! ପ୍ରକୃତରେ ଆପଣ ଭକ୍ତର ଭଗବାନ୍ !'

ଏହା ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହୋଇଗଲେ । ଏବେ ସେମାନେ ବୁଝିପାରିଲେ ଯେ ଭଗବାନ୍ ସବୁବେଳେ ଭକ୍ତର । ଅଜାଣତରେ କରିଥିବା ଭୁଲପାଇଁ ସେ ତାକୁ ସବୁବେଳେ କ୍ଷମା କରନ୍ତି । ଏମିତି କି ରାଗ ପ୍ରକଟ କରିବା ଆଳରେ ବର ମଧ୍ୟ ଦେଇଥାନ୍ତି ।

ଉଷା ନିବାସ, ୧୨୪/୨୪୪୫,
ଖଣ୍ଡଗିରି ବିହାର, ଭୁବନେଶ୍ୱର-୭୫୧୦୩୦

ଅନୁରାଧା ପୋଡ଼ୱାଲ୍, କବିତା କୃଷ୍ଣମୂର୍ତ୍ତି, ଅଳକା ଯାଜ୍ଞିକ୍, ସାଧନା ସରଗମ୍, ଆଶା ଭୋଁସଲେ ହେଉଛନ୍ତି ଉଚ୍ଚସ୍ତରର ଗାୟିକା । ଏମାନଙ୍କ ଉପରକୁ ଆଉ ଜଣେ ଅଛନ୍ତି, ସିଏ ହେଲେ ଲତା ମଙ୍ଗେସ୍‌କର । ଏହା ବ୍ୟତୀତ ହିନ୍ଦୀ ସିନେମା ଜଗତରେ ଜଣେ ବିରଳ ଗାୟିକା ହେଉଛନ୍ତି ସୁନିଧି ଚୌହାନ୍, ଯାହାଙ୍କ କଣ୍ଠସ୍ୱର ଅତୀବ ମଧୁର । ସାମି, ଉଦିତ୍ ନାରାୟଣ ଇତ୍ୟାଦି କେତେକ ଗାୟକଙ୍କ ସହ ସେ ଅବଶ୍ୟ ଗାଇଛନ୍ତି ଓ ତାହା ଶୁଣିବାକୁ ଭଲ ବି

ଲାଗେ । ସୁନିଧି ଚୌହାନ୍‌ଙ୍କର କଣ୍ଠସ୍ୱରର ସମ କଣ୍ଠସ୍ୱର ମହମ୍ମଦ ଅଜିଜ୍‌ଙ୍କର ଥିଲା । ଆବଶ୍ୟକସ୍ଥଳେ ସବୁ ଗାୟକ-ଗାୟିକା ଭିତରୁ, ଅର୍ଥାତ୍ ନାଭିଆଡୁ ସ୍ୱର ବା ଶ୍ୱାସ ଟାଣିକି ଗାଇଥାନ୍ତି । ହେଲେ ମ. ଅଜିଜ୍ ଓ ଗାୟିକାମାନଙ୍କ ମଧ୍ୟରେ ସୁନିଧିଙ୍କ ସ୍ୱର ଏପରି ଯେ ଏ ଦୁହେଁ ଗାଇଥିବା ସବୁ ଗୀତ ନାଭିରୁ ଗାଇଥିବା ପରି ଜଣାପଡ଼େ । ସେମାନଙ୍କ କଣ୍ଠରୁ ଭାସିଆସୁଥିବା ସ୍ୱରରୁ ବି ତାଙ୍କ ଗୀତଗୁଡ଼ିକ ଅଧିକ ଶ୍ରୁତିମଧୁର ଲାଗେ । ଏହା ହେଉଛି ଏ ଦୁଇଜଣଙ୍କ କଣ୍ଠର ସ୍ୱତନ୍ତ୍ରତା ।

ଶୁଣିବାକୁ ମିଳେ, ଡିସ୍କୋଗୀତ ହେଉଛି ପାଶ୍ଚାତ୍ୟ ସଙ୍ଗୀତର ଅନ୍ତର୍ଗତ । ଆଗେ ଆଶା ଭୋଁସଲେ ଇତ୍ୟାଦି ଏ'ପ୍ରକାର ଗୀତ ଗାଉଥିଲେ । ପରେ ସୁନିଧି ଓ ଆହୁରି ଅନେକ ଗାୟକ, ଗାୟିକା ଗାଉଛନ୍ତି । ତେବେ ଏ କ୍ଷେତ୍ରରେ ବି ସୁନିଧିଙ୍କର ଏକ ସ୍ୱତନ୍ତ୍ରତା ଅଛି । ସେହି ସ୍ୱତନ୍ତ୍ରତା ଗୁଣଟି ହେଲା– ଅନ୍ୟ ଗାୟକ, ଗାୟିକାଙ୍କର ଡିସ୍କୋଗୀତ ଶୁଣିଲେ ଜଣାପଡେ– ଏମାନେ ସବୁ ଏ'ପ୍ରକାର ଗୀତଗୁଡ଼ିକୁ ଗାଇବାର ଅଭ୍ୟାସ କରି କ୍ରମେ ଗାଉଛନ୍ତି । ମାତ୍ର ଯାହା ଯା'ର ସହଜାତ ପ୍ରବୃତ୍ତି, ତାହାକୁ ସିଏ ସହଜରେ ଓ ନିଖୁଣ ଭାବେ କରିଥାଏ ।

ତାଙ୍କ ଗୀତଗୁଡ଼ିକୁ ଶୁଣି ଏହା ଅନୁମାନ ହୁଏ ଯେ, ସେ ଯଦି ପପ୍ ଗୀତ ଗାଇବାର ସାମାନ୍ୟ ଅଭ୍ୟାସ କରିବେ ଓ ସେ ପ୍ରକାର ଗୀତର ପ୍ରତିଯୋଗିତାରେ ଯଦି ଅଂଶଗ୍ରହଣ କରନ୍ତି, ତା'ହେଲେ ହୁଏତ ଖୁବ୍ ପାଶ୍ଚାତ୍ୟ ଗାୟକ, ଗାୟିକାମାନେ ବି ତାଙ୍କୁ ହରେଇବା ସହଜ ହେବନାହିଁ । ଏହିପରି ଏକ ବିରଳ ଗାୟିକା ହେଉଛନ୍ତି ସୁନିଧି ଚୌହାନ୍ । ସେ ଅନେକ ହିନ୍ଦୀ ଚଳଚ୍ଚିତ୍ରରେ ଗାଇଛନ୍ତି ।

ପତ୍ରାପାଲି, ଗୋପାଳପୁର, ସୁନ୍ଦରଗଡ଼-୨୪



ପୁସ୍ତକ ପରିଚୟ

ସରଗ ସନ୍ଧାନେ ଶିଶୁ– ଲେଖକ– **ଶ୍ରୀ କାଳିକିଙ୍କର,** ସୌଭାଗିନୀ, ରଟିଲୋ, ରେଞ୍ଜ, କଟକ । ମୂଲ୍ୟ– ୮୫ଟଙ୍କା ମାତ୍ର । ଦୂରଭାଷ– ୭୦୭୭୩୪୧୦୩୦ ।

ରିଲୁମିନାଙ୍କ ଆଶିଷ, ଆଗାମୀର ସ୍ୱପ୍ନ, ପୁନଶ୍ଚ ଧର୍ମରାଜ୍ୟ, ଫଳକ ଇତ୍ୟାଦି ୧୯ଟି ଶିଶୁଗଳ୍ପ ଏହି ଡିମେଇ ଆକାରର ପୁସ୍ତକଟିରେ ସ୍ଥାନିତ ହୋଇଛି । ସବୁ ଗଳ୍ପ ଶିକ୍ଷଣୀୟ, ଜ୍ଞାନବର୍ଦ୍ଧକ ତଥା ଉପଦେଶାବଳୀରେ ଗୁମ୍ଫିତ ହୋଇଛି, ଯାହାକୁ ପିଲାମାନେ ଗଳ୍ପ ଛଳରେ ହୃଦୟଙ୍ଗମ କରିପାରିବେ । ପ୍ରତି ଗଳ୍ପରେ ସୁଦୃଶ୍ୟ ଆକର୍ଷଣୀୟ ଚିତ୍ର ରହିଛି । ରଙ୍ଗିନ୍ ପ୍ରଚ୍ଛଦରେ ଗଳ୍ପ ଅନୁସାରେ ଗୋଟିଏ ହାତୀ ପୃଷ୍ଠରେ ପିଲାଟିଏ ବସିଥିବାର ଦୃଶ୍ୟ ପିଲାଙ୍କୁ ଆକର୍ଷିତ କରିବ । ପୁସ୍ତକଟି ଆଦୃତ ହେବାର ଆଶା ରଖୁଛୁ ।

ବାପା କହୁଥିଲେ– ଶ୍ରୀ ବାସୁଦେବ ଥାଟୋଇ, ଗୋବରା, ଚାରବାଟିଆ, କଟକ– ୭୫୪୦୨୮ । ମୂଲ୍ୟ– ୧୦୦ଟଙ୍କା ମାତ୍ର । ଦୂରଭାଷ– ୯୯୩୮୬୫୦୯୩୨ ।

ଡିମେଇ ଆକାରର ଏହି ଶିଶୁ-କବିତା ପୁସ୍ତକଟିରେ ପ୍ରଣାମ ତା ପାଦ ତଳେ, ବଡ଼ବାବୁ ଓ ବୁଲାପିଲା, ସବୁ ମିଶିଗଲା ମାଟିରେ, ପ୍ରତିଜ୍ଞା ପାଳିବା ଇତ୍ୟାଦି ପ୍ରାୟ ୭୫ଟି କବିତା ରହିଛି । କବିତାଗୁଡ଼ିକର ଉପାଧା ମିଳନ ଖୁବ୍ ଚମତ୍କାର, ଶିକ୍ଷଣୀୟ କବିତାଗୁଡ଼ିକ ପିଲାଙ୍କ ପାଇଁ ଖୁବ୍ ଉପାଦେୟ । ପ୍ରତି କବିତାରେ ଛୋଟ ଛୋଟ ଚିତ୍ର ରହିଛି । ରଙ୍ଗିନ୍ ପ୍ରଚ୍ଛଦରେ ବାପା ଓ ଟିକିପୁଅ ଗାଁ ରାସ୍ତାରେ ଯାଉଥିବାର ଦୃଶ୍ୟ ରହିଛି । ପୁସ୍ତକଟି ଶିଶୁ-ପାଠକମାନଙ୍କ ପାଇଁ ଆଦୃତ ହେଲେ କବିଙ୍କର ଶ୍ରମ ସାର୍ଥକ ହେବ ।

ଗୀତଗୀତିକା– ଲେଖକ– **ଶ୍ରୀ ସଦାନନ୍ଦ ପରିଡ଼ା,** ମୈତ୍ରୀ ନଗର, ଶିକ୍ଷକପଡ଼ା, ଅନୁଗୋଳ-୭୫୯୧୨୨, ମୂଲ୍ୟ– ୪୦ ଟଙ୍କା ମାତ୍ର । ଦୂରଭାଷ– ୮୪୫୬୮୨୮୦୪୯ ।

ଶୀତ ଧୁତୁକି, କାଗଜ ଡଙ୍ଗା, ନେତାଜୀ ସ୍ମରଣେ, ବୁଲାକୁକୁର ଓ ଛେଳି, ମଧୁବାବୁଙ୍କ ପିଲାଦିନ ଆଦି ୪୬ଟି କବିତାର ସମାହାର ଘଟିଛି ଡିମେଇ ୧/୮ ଆକାରର ଏହି ଶିଶୁକବିତା ପୁସ୍ତକଟିରେ । ପ୍ରତିଟି କବିତା ବଡ଼ ଅକ୍ଷର, ଶିକ୍ଷାପ୍ରଦାନକାରୀ ଓ ସୁପାଠ୍ୟ ହୋଇଛି, ଯାହାକି ପିଲାମାନଙ୍କୁ ଆନନ୍ଦ ଦେବା ସଙ୍ଗେ ସଙ୍ଗେ ଶିକ୍ଷା ମଧ୍ୟ ମିଳିପାରିବ । ରଙ୍ଗିନ୍ ପ୍ରଚ୍ଛଦରେ ସୁନ୍ଦର ବୃକ୍ଷଲତା, ପକ୍ଷୀ ଓ ଚନ୍ଦ୍ରର ଦୃଶ୍ୟ ଚମତ୍କାର ତଥା ଆକର୍ଷଣୀୟ । ପୁସ୍ତକଟି ପାଠକମାନଙ୍କୁ ଆନନ୍ଦ ଦେବାର ଆଶା ରଖୁଛୁ ।

(୫୪ ପୃଷ୍ଠାର ଅବଶିଷ୍ଟାଂଶ)

ବକର ଅଲ୍-ବାଗ୍‌ଦାଦୀଙ୍କର ମୃତ୍ୟୁ । ସେ ଆତ୍ମଘାତୀ ବିସ୍ଫୋରଣରେ ତିନି ସନ୍ତାନଙ୍କ ସହ ସେ ମୃତ୍ୟୁବରଣ କରିଛନ୍ତି ।

୩୧ ।୧୦– ପାକିସ୍ତାନରେ କରାଚୀରୁ ରାଓ୍ୱଲପିଣ୍ଡି ଯାଉଥିବା ଏକ ଯାତ୍ରୀବାହୀ ଟ୍ରେନ୍‌ରେ ଅଗ୍ନିକାଣ୍ଡ ଘଟି ୭୩ଜଣ ମୃତ୍ୟୁ ଓ ୪୦ରୁ ଅଧିକ ଆହତ ।

୧୧ ।୧୧– ଇରାକର ବିଭିନ୍ନ ଅଞ୍ଚଳରେ ସରକାର-ବିରୋଧୀ ବିକ୍ଷୋଭରେ ୩୦୦ ମୃତ ଓ ୧୫୦୦ ଆହତ ।

୧୨ ।୧୧– ବାଂଲାଦେଶର ବ୍ରାହ୍ମଣବାଡ଼ିଆ ଜିଲାରେ ଦୁଇଟି ଯାତ୍ରୀବାହୀ ଟ୍ରେନ୍‌ର ସଂଘର୍ଷ ଯୋଗୁ ୧୬ଜଣ ମୃତ ଓ ୪୦ଜଣ ଆହତ ।

ଶବ୍ଦଧନ୍ଦା - ଡିସେମ୍ବର ୨୦୧୯

....

୧ । କାଗଜରେ ବା କାର୍ଡ଼ରେ ଘର କାଟି ଉତ୍ତର ଲେଖନ୍ତୁ ।

୨ । ଶୂନ୍ୟ ଘରେ ଗୋଟିଏ ମାତ୍ର ଅକ୍ଷର ବସାନ୍ତୁ ।

୩ । ଉତ୍ତର କାଗଜରେ ନାମ ଓ ଠିକଣା ଲେଖନ୍ତୁ ।

୪ । ସମ୍ପାଦିକାଙ୍କ ନିଷ୍ପତ୍ତି ଚୂଡ଼ାନ୍ତ ।

୫ । ଆସନ୍ତା ସଂଖ୍ୟାରେ ଫଳ ପ୍ରକାଶ ପାଇବ ।

୬ । ଉତ୍ତର ପହଞ୍ଚିବାର ଶେଷ ତାରିଖ ୨୨ । ୧୨ ।୨୦୧୯

୧	୨	୩	*	୪ ଶି	
୫				*	୬
୭		*	୮		
*	*	୯			*
୧୦	୧୧		*	୧୨	*
୧୩		*	୧୪	ନ୍ଧ	

ସୂଚନା

ବାମରୁ ଡାହାଣ-- ୧ । ଏହି ନଦୀ ତୀରରେ ବାଲ୍ମୀକିଙ୍କ ଆଶ୍ରମ ଥିଲା (୩), ୪ । ପୂର୍ବେ ରୋଷେଇ ଘରେ ଆବଶ୍ୟକ ହେଉଥିବା ଏହି ଜିନିଷ ଏବେ ଲୁଚିଯିବାକୁ ବସିଲାଣି (୨), ୫ । ତୁଳନା ବା ସମକକ୍ଷ (୪), ୭ । ଏକ ସଂସ୍କୃତ କାବ୍ୟର ନାୟକ (୨), ୮ । ହନୁମାନଙ୍କ ଅନ୍ୟ ନାମ (୩), ୯ । ପ୍ରାଚୀନ ଭାରତର ଜଣେ ପ୍ରସିଦ୍ଧ କୂଟନୀତିଜ୍ଞ (୩), ୧୧ । ସ୍ତୁତିପାଠକ (୨), ୧୩ । ନୌକା (୨), ୧୪ । ଖାଦ୍ୟକୁ ସିଦ୍ଧ କରିବା ପାଇଁ ଏହା ଆବଶ୍ୟକ (୩) ।

ଉପରୁ ତଳ-- ୧ । ସୂର୍ଯ୍ୟ (୩), ୨ । କଠିନ ମୃର୍ତ୍ତିକା (୩), ୩ । 'ଅନନ୍ତ'ର ବିପରୀତ (୨), ୬ । ବେଦର ଅନ୍ୟ ନାମ (୨), ୮ । ପ୍ରାଚୀନ ପଦ୍ଧତିରେ ଜମି ମାପର ଏକକ (୨), ୯ । ଶିଷ୍ୟ (୨), ୧୦ । ମାଟି ଖୋଳି ଏହା ପ୍ରସ୍ତୁତ କରାଯାଏ (୨), ୧୧ । ଅତିଶୟ (୨), ୧୨ । ଆଜିକାଲି ଏମାନଙ୍କ ମଙ୍ଗଳ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉଛି (୨) ।

(ପୁରୁଣା 'ସଂସାର'ରୁ)

ନଭେମ୍ବର ମାସ ଶବ୍ଦଧନ୍ଦାର ଉତ୍ତର (ବାମରୁ ଡାହାଣ)-- ୧ । ଅଶୋକ, ୪ । ଗଜା, ୬ । ଗୁଣନ, ୭ । ଦିତି, ୮ । କଉ, ୧୧ । ଆରତି, ୧୨ । ବିକଚ, ୧୪ । ଛୁଟି, ୧୫ । ମଶାରି ।

ଉପରୁ ତଳ-- ୧ । ଅଗୁରୁ, ୨ । ଶୋଣ, ୩ । କନକ, ୪ । ଗଦି, ୫ । ଜାତି, ୯ । ଉଆ, ୧୦ । ଦକ, ୧୨ । ବିଦ୍ୟା, ୧୩ । ଚମ ।

ଗତମାସର ଠିକ୍ ଉତ୍ତରଦାତା- ନିଶିକାନ୍ତ ବେହେରା, ହିନ୍ଦୋଳ ରୋଡ, ଢେଙ୍କାନାଳ; **ରାସେଶ୍ୱର ମହାନ୍ତ,** ଚମ୍ପୁଆ, କେନ୍ଦୁଝର । **ଏକ ଭୁଲ ଉତ୍ତର– ଗୀତାଞ୍ଜଳି ମହାପାତ୍ର ।**



ଓଡ଼ିଶା ଖବର

୨୫।୧୦- ବିଧାନସଭା ନିର୍ବାଚନରେ ବିଜେପୁରରେ ବିଜେଡ଼ି ପ୍ରାର୍ଥୀ ରୀତା ସାହୁଙ୍କର ବିଜୟ । ବିଜେପି ଓ କଂଗ୍ରେସର ପରାଜୟ ।

୭।୧୧- ବିଚାର ବିଭାଗୀୟ ଅଧିକାରୀ ବିଭୁପ୍ରସାଦ ରାଉତରାୟ ଓଡ଼ିଶା ହାଇକୋର୍ଟର ସ୍ଥାୟୀ ବିଚାରପତି ଭାବେ ନିଯୁକ୍ତ ।

-- ଐତିହାସିକ ବାଲିଯାତ୍ରାକୁ ରାଜ୍ୟସ୍ତରୀୟ ମାନ୍ୟତା ପ୍ରଦାନ ।

୯ ।୧୧- ବୁଲ୍‌ବୁଲ୍ ବାତ୍ୟାର ପ୍ରଭାବରେ ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ ଓ ବାଲେଶ୍ୱରରେ ପ୍ରବଳ ବର୍ଷା ଓ ପବନ ଯୋଗୁ ବ୍ୟାପକ କ୍ଷତି ଏବଂ ୩୬୮୨ଜଣ ସ୍ଥାନାନ୍ତର । ୬ଲକ୍ଷ ହେକ୍ଟର ଜମିରେ ୪୦ଭାଗ ଫସଲ ନଷ୍ଟ ।

୧୩ ।୧୧- ଓଡ଼ିଶା ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ ଓ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଆନୁକୂଲ୍ୟରେ ୩୨ଜଣ ପ୍ରତିଭାଙ୍କୁ ୨୦୧୭ ଓ ୨୦୧୮ ପାଇଁ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରଦାନ । ଶ୍ୟାମାମଣୀ ଦେବୀ ଓ ଉପେନ୍ଦ୍ର ପାଣିଗ୍ରାହୀଙ୍କୁ ଭଞ୍ଜ ସମ୍ମାନ ପ୍ରଦାନ ।

୧୫।୧୧- ଓଡ଼ିଶାର ପ୍ରଖ୍ୟାତ ପ୍ରକାଶନୀ ସଂସ୍ଥା କଟକ, ବିଦ୍ୟାପୁରୀର ପ୍ରତିଷ୍ଠାତା ପୀତାମ୍ବର ମିଶ୍ରଙ୍କର ୮୯ବର୍ଷରେ ପରଲୋକ । ଏହି ପ୍ରକାଶନୀ ସଂସ୍ଥା ଜରିଆରେ ବହୁ ଉପାଦେୟ ଗ୍ରନ୍ଥ ସେ ପ୍ରକାଶ କରିଛନ୍ତି ଏବଂ ଓଡ଼ିଶାର ଶିକ୍ଷା ଓ ସାହିତ୍ୟଜଗତକୁ ତାଙ୍କର ପ୍ରଚୁର ଅବଦାନ ରହିଛି ।

୧୬ ।୧୧- ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବଣ୍ଟାଯାଇଥିବା ପ୍ରଚାର ପୁସ୍ତିକାରେ 'ଗାନ୍ଧିଜୀ'ଙ୍କ ତ୍ରୁଟିପୂର୍ଣ୍ଣ ତଥ୍ୟ ପାଇଁ ଏହି ବିଭାଗର ସ୍ୱତନ୍ତ୍ର ସଚିବ ଓ ସଂଯୋଜକଙ୍କୁ ତାଙ୍କ କାର୍ଯ୍ୟରୁ ଅନ୍ତର କରାଯାଇଛି ।

ଭାରତ ଖବର

୨୫ ।୧୦- ଗୁଜୁରାଟ ପାହ୍ୟାର ଓଡ଼ିଆ ଆଇ.ଏ.ଏସ୍. ଅଫିସ୍‌ର ଗିରୀଶ ଚନ୍ଦ୍ର ମୁର୍ମୁ କେନ୍ଦ୍ରଶାସିତ ଅଞ୍ଚଳ ଜାମ୍ମୁକାଶ୍ମୀରର ପ୍ରଥମ ଉପ-ରାଜ୍ୟପାଳ, ରାଧାକୃଷ୍ଣ ମାଥୁର ଲାଦାଖର ଉପ-ରାଜ୍ୟପାଳ, ଶ୍ରୀଧରନ୍ ପିଲାଇ ମିଜୋରାମର ରାଜ୍ୟପାଳ ଏବଂ ସତ୍ୟପାଲ ମଲ୍ଲିକ ଗୋଆର ରାଜ୍ୟପାଳ ଭାବେ ନିଯୁକ୍ତ ।

୨୯ ।୧୦- ସୁପ୍ରିମକୋର୍ଟର ବିଚାରପତି ଶରଦ ଅରବିନ୍ଦ ବୋବଡ଼େ ଦେଶର ୪୭ତମ ପ୍ରଧାନ ବିଚାରପତି ନିଯୁକ୍ତ ।

୩୧ ।୧୦- ପୂର୍ବତନ ସାଂସଦ ତଥା ସି.ପି.ଆଇ.ଏମ୍‌ର ବରିଷ୍ଠ ନେତା ଗୁରୁଦାସ ଦାଶଗୁପ୍ତଙ୍କର ୮୩ବର୍ଷରେ ପରଲୋକ । ଜଣେ ବାମପନ୍ଥୀ ନେତା ଭାବେ ସେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ସୁନାମ ଅର୍ଜନ କରିଥିଲେ ।

୧ ।୧୧- ଦିଲ୍ଲୀରେ ପ୍ରଦୂଷଣର ମାତ୍ରା ଗମ୍ଭୀର ସ୍ଥିତିରେ ରହିଥିବା କାରଣରୁ ଜନସ୍ୱାସ୍ଥ୍ୟ ଆପତକାଳ (ପବ୍ଲିକ୍ ହେଲଥ୍ ଇମରଜେନ୍ସି ।) ଘୋଷିତ ।

୨।୧୧- କଂଗ୍ରେସ ଦଳର ବରିଷ୍ଠ ନେତା ଭୂପିନ୍ଦର ସିଂହ ହୁଡା ହରିୟାଣା କଂଗ୍ରେସ ବିଧାୟକ ନେତା ଭାବେ ନିଯୁକ୍ତ ।

୭।୧୧- ପ୍ରଖ୍ୟାତ ଔପନ୍ୟାସିକା ତଥା କେନ୍ଦ୍ରସାହିତ୍ୟ ଏକାଡେମୀ ପୁରସ୍କାର ବିଜୟିନୀ ପଦ୍ମଶ୍ରୀ ନବନୀତା ଦେବ୍‌ସେନ୍‌ଙ୍କର ୮୧ବର୍ଷରେ ପରଲୋକ । ରାମାୟଣ ଉପରେ ଗବେଷଣା ପାଇଁ ସେ ପ୍ରସିଦ୍ଧି ଲାଭ କରିଥିଲେ ।

୯ ।୧୧- ବହୁ ପ୍ରତୀକ୍ଷିତ ୭୦ବର୍ଷ ଧରି ଲାଗିଥିବା ବିବାଦ ରାମମନ୍ଦିର ଓ ବାବ୍‌ରି ମସ୍‌ଜିଦ୍ ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ । ବିବାଦୀୟ ସମସ୍ତ ୨.୭୭ ଏକର ଜମି କେବଳ ରାମଲାଲାଙ୍କୁ ପ୍ରଦାନ କରାଯିବ । ଏଥିପାଇଁ ଏକ ରୂପରେଖ ଓ ଟ୍ରଷ୍ଟ ଗଠନ କରାଯିବ । ମସ୍‌ଜିଦ୍ ନିର୍ମାଣ ଲାଗି ଅଯୋଧ୍ୟାର

ଅନ୍ୟ ଏକ ସ୍ଥାନରେ ୫ଏକର ଜମି ପ୍ରଦାନ କରାଯିବ ।

୧୦ ।୧୧- ପୂର୍ବତନ ମୁଖ୍ୟ ନିର୍ବାଚନ କମିଶନର୍ ଟି.ଏନ୍. ଶେଷାନ୍‌ଙ୍କର ୮୬ବର୍ଷରେ ପରଲୋକ । ସେ ୧୯୯୦ରୁ ୧୯୯୬ ମସିହା ପର୍ଯ୍ୟନ୍ତ ଦେଶର ଦଶମ ନିର୍ବାଚନ କମିସନର୍ ଥିଲେ ।

-- ଆନ୍ତର୍ଜାତିକ ଟ୍ୱେଣ୍ଟି-୨୦ ମ୍ୟାଚ୍‌ରେ ସର୍ବଶ୍ରେଷ୍ଠ ବୋଲିଂ ଫିଗର ହାସଲ କରିବାରେ ବିଶ୍ୱରେକର୍ଡ ପ୍ରତିଷ୍ଠା କରିଛନ୍ତି ଭାରତୀୟ ପେସ୍‌ବୋଲର୍ ରାଜସ୍ଥାନର ଦୀପକ ଚହର ।

୧୨ ।୧୧- ମହାରାଷ୍ଟ୍ରରେ ସରକାର ଗଠନ ପାଇଁ କୌଣସି ଦଳ ୨୧ଦିନ ଭିତରେ ଆବଶ୍ୟକ ସଂଖ୍ୟା ଯୋଗାଡ଼ ନ କରିପାରିବାରୁ ୬ମାସ ପାଇଁ ରାଷ୍ଟ୍ରପତି ଶାସନ ଜାରି ।

-- କେନ୍ଦ୍ର ମନ୍ତ୍ରିମଣ୍ଡଳରୁ ଶିବସେନା ସାଂସଦ ଅରବିନ୍ଦ ସାୱନ୍ତଙ୍କର ଇସ୍ତଫା ପ୍ରଦାନ । କେନ୍ଦ୍ରମନ୍ତ୍ରୀ ପ୍ରକାଶ ଜାବଡେକରଙ୍କୁ ଦାୟିତ୍ୱ ହସ୍ତାନ୍ତର ।

୧୩ ।୧୧- ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିକ୍ରମେ ପ୍ରଧାନ ବିଚାରପତିଙ୍କ କାର୍ଯ୍ୟାଳୟ ସୂଚନା ଅଧିକାର (ଆର.ଟି.ଆଇ) ଆଇନ୍ ଅଧୀନସ୍ଥ ବୋଲି ସୁପ୍ରିମକୋର୍ଟର ରାୟ ପ୍ରକାଶ ।

୧୪ ।୧୧- ରାଫେଲ ଯୁଦ୍ଧ ବିମାନ କ୍ରୟ ସମ୍ବନ୍ଧୀୟ ସମୀକ୍ଷା ଆବେଦନକୁ ସୁପ୍ରିମ୍‌କୋର୍ଟର ଖାରଜ ।

ବିଦେଶ ଖବର

୨୮ ।୧୦- ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍) ମୁଖ୍ୟ ଅବୁ

(ଅବଶିଷ୍ଟାଂଶ ୫୧ ପୃଷ୍ଠାରେ)

ଶିଶୁକିଶୋର ପତ୍ରିକା 'ସଂସାର'ର ୬୬ତମ ବାର୍ଷିକ ଉତ୍ସବ

ଶ୍ରୀରାମଚନ୍ଦ୍ର ଭବନ, କଟକଠାରେ ଅନୁଷ୍ଠିତ ଗତ ଅକ୍ଟୋବର ୨୮ ତାରିଖରେ 'ସଂସାର'ର ୬୬ତମ ବାର୍ଷିକ ଉତ୍ସବ ଉତ୍ସବରେ ମୁଖ୍ୟଅତିଥି 'କିସ୍' ଅନୁଷ୍ଠାନର କୁଳପତି ଡକ୍ଟର ପ୍ରଫେସର ହରେକୃଷ୍ଣ ଶତପଥୀ ଏହାର ପ୍ରତିଷ୍ଠାତା ରାମକୃଷ୍ଣ ନନ୍ଦଙ୍କର ସ୍ମୃତିଚାରଣ କରି ତାଙ୍କର ନିଷ୍ଠା ଓ ଅଧ୍ୟବସାୟ ତଥା ଶିଶୁମାନଙ୍କ ପ୍ରତି ତାଙ୍କର ଅସୀମ ଶ୍ରଦ୍ଧା ବିଷୟରେ ବର୍ଣ୍ଣନା କରି କହିଲେ– ଶିଶୁ ସାହିତ୍ୟ ହିଁ ଶ୍ରେଷ୍ଠ ସାହିତ୍ୟ । ଏଥିରେ ଭରି ରହିଛି ମୂଲ୍ୟବୋଧ । ମୁଖ୍ୟବକ୍ତା ଡ ମନୀନ୍ଦ୍ର ମହାନ୍ତି ଗ୍ରାମାଞ୍ଚଳରେ ଶିଶୁ ସାହିତ୍ୟ ତଥା ପତ୍ରିକାର ପ୍ରଚାର ଓ ପ୍ରସାର ଦିଗରେ ଶିଶୁସାହିତ୍ୟ ଲେଖକମାନଙ୍କ ଭୂମିକା ବିଷୟରେ ଆଲୋକପାତ କରିଥିଲେ ଏବଂ ଏଥିରେ ଅଧକ୍ଷତା କରିଥିଲେ ରାଜ୍ୟର ଲବ୍ଧପ୍ରତିଷ୍ଠ ଶିଶୁସାହିତ୍ୟିକ ଡ ମହେଶ୍ୱର ମହାନ୍ତି ।

ଏହି ପରିପ୍ରେକ୍ଷୀରେ ଏହି ପତ୍ରିକାର ୩ଜଣ କୃତୀ ଲେଖକ– ଡ.ରତ୍ନାକର ଦାସ, ଶାନ୍ତି ସାମଲ ଓ ଶ୍ରୀ ପ୍ରଦୋଷ ତ୍ରିପାଠୀଙ୍କୁ ସମ୍ବର୍ଦ୍ଧିତ କରାଯିବା ସହିତ ଏହାର ଚିର ପରିଚିତ ଲେଖକ ଡ. ନିତ୍ୟାନନ୍ଦ ସ୍ୱାଇଁଙ୍କୁ 'ସଂସାର' ସମ୍ମାନ ପ୍ରଦାନ କରାଯାଇଥିଲା । ଏଥିସହିତ ସଂସାରର ବିତରକ ଶ୍ରୀ ଅମ୍ବରୀଶ ସ୍ୱାଇଁଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା ।

ରାମକୃଷ୍ଣ ନନ୍ଦଙ୍କ ରଚିତ ସଂଗୀତ ପରିବେଷଣ କରିଥିଲେ 'ଆରାଧନା' ଅନୁଷ୍ଠାନର ଛାତ୍ରୀସମୂହ ଓ ଏକକ ସଂଗୀତ 'ଆହେ ଦୟାମୟ ବିଶ୍ୱ ବିହାରୀ' ପରିବେଷଣ କରିଥିଲେ ଶ୍ରୀମତୀ ଅନିନ୍ଦିତା ଦାଶ । ଏଥି ସଙ୍ଗେ ସଙ୍ଗେ ଶ୍ରୀ ଉମାକାନ୍ତ ମହାନ୍ତିଙ୍କର ପୁସ୍ତକ 'ପୁଷ୍ପେଷୁ ମଲ୍ଲୀ ଓ ନଗରୀଷୁ ଦିଲ୍ଲୀ' ଏବଂ ଶ୍ରୀ ନୃସିଂହ ଚରଣ ମହାନ୍ତିଙ୍କର ପୁସ୍ତକ 'ଆସ ସଙ୍ଗାତେ ପକାଅ ସପ, ବସି ଶୁଣିବା ଅଜାଙ୍କ ଗପ' ଉନ୍ମୋଚିତ ହୋଇଥିଲା । ବିଶିଷ୍ଟ ଅତିଥି ଓ ବିଶିଷ୍ଟ ସାହିତ୍ୟିକ ଗହଣରେ ସମାରୋହଟି ସୁରୁଖୁରୁରେ ସମ୍ପନ୍ନ ହୋଇଥିଲା । ପ୍ରଚ୍ଛଦର ଶେଷ ପୃଷ୍ଠାରେ ଏହାର କେତୋଟି ଚିତ୍ର ପ୍ରଦତ୍ତ ।

EDITED, PRINTED & PUBLISHED BY ANASUYA NANDA AT SANSAR PRESS, TALATELENGA BAZAR, CUTTACK-753009, Ph : 2420075, 2422597